

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS
COLLECTOR



PARUL PATAWARI

Vol.5 | Issue- 29 | Dec 27, 2021 to Jan 02, 2022, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୨୯ | ଡିସେମ୍ବର ୨୭, ୨୦୨୧ ରୁ ଜାନୁଆରୀ ୨, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ନବୀନ ଏବେ ବି ନମ୍ବର ୱାନ୍

ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି

କ୍ରମାଗତ ଭାବେ ୨୩ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶାରେ ବିଜୁ ଜନତା ଦଳ ଶାସନ କ୍ଷମତାରେ ରହିଆସିଛି । ଏହି ୨୩ ବର୍ଷ ମଧ୍ୟରୁ ପଞ୍ଚମ ପାଳିର ପ୍ରଥମ ଦୁଇବର୍ଷ ବିଭିନ୍ନ କାରଣରୁ ସରକାରଙ୍କ ପାଇଁ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା ।

ପଞ୍ଚମ ପାଳିର ସରକାର ଦାୟିତ୍ୱ ଗ୍ରହଣ କରିବାର ଅବ୍ୟବହିତ ପୂର୍ବରୁ ବାତ୍ୟା ଫନି ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡିକରେ ଧ୍ୱଂସର ତାଣ୍ଡବଲୀଳା ରଚିଥିଲା ଯାହାକି ନୀବନ ପଟ୍ଟନାୟକ ଫନିର ମୁକାବିଲା ଓ ଥଇଥାନ କରିବାରେ ଏକ ଚ୍ୟାଲେଞ୍ଜ ଥିଲା ଏହାପରେ ୨୦୨୦ ବର୍ଷର ପ୍ରାରମ୍ଭରେ ମହାମାରୀ ଭୂତାଣୁର ପ୍ରଥମ ଲହର ସହିତ ଆଉ ଗୋଟିଏ ବାତ୍ୟା ଅମ୍ଫନର ତାଣ୍ଡବ ସର୍ବୋପରି ପଞ୍ଚମ ପାଳିର ଦ୍ୱିତୀୟ ପୂର୍ତ୍ତିର ଠିକ୍ ପୂର୍ବରୁ ମହାମାରୀ କରୋନାର ଦ୍ୱିତୀୟ ଲହର ସାଙ୍ଗକୁ ବାତ୍ୟା ୟାସର ତାଣ୍ଡବ ବିଜୁ ଜନତା ଦଳ ସରକାର ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଥିଲା । ଓଡିଶା ରାଜନୀତି କ୍ଷେତ୍ରରେ ନବୀନ ପଟ୍ଟନାୟକ ଏକ ସଫଳ ବ୍ୟକ୍ତିତ୍ୱର ଅଧିକାରୀ ଓ ଉଜ୍ଜଳ ତାରକା । ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସୁପୁତ୍ର ଭାବେ ସେ ଓଡିଶାରେ ବେଶ ପରିଚିତ । ବିଜୁ ବାବୁଙ୍କ ମୃତ୍ୟୁ ପରେ ପରେ ଯେତେବେଳେ ଜନତା ଦଳରେ ସଙ୍କଟ ଦେଖା ଦେଲା, ସେହି ସମୟରେ ଦଳର ବରିଷ୍ଠ ନେତାମାନେ ବିଜୁବାବୁଙ୍କ ବିକଳ୍ପ ଭାବେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକୀକୁ ନିର୍ବାଚନ ମୈଦାନକୁ ଆଣିବାକୁ ପ୍ରୟାସ କରିଥିଲେ । ଏମାନଙ୍କ ଦୃଢ ବିଶ୍ୱାସ ଥିଲା ଯେ ବିଜୁ ବାବୁଙ୍କ ଅନ୍ତେ ତାଙ୍କ ସୁପୁତ୍ର ନବୀନ ବାବୁ ଦଳରେ ଯୋଗଦାନ କଲେ ଦଳ ଅଧିକ ସୁଦୃଢ ଓ ଶକ୍ତିଶାଳୀ ହୋଇପାରିବ । ଦଳର ବରିଷ୍ଠ ନେତାମାନେ ବହୁ ଉଦ୍ୟମ କରି ଦୀର୍ଘ ସମୟର ବିଚାର ବିମର୍ଷ ପରେ ନବୀନ ପଟ୍ଟନାୟକ ଓଡିଶା ଆସି



ରାଜନୀତିରେ ଯୋଗଦେବାକୁ ରାଜି ହୋଇଥିଲେ । ତେବେ ବିଜୁବାବୁଙ୍କ ପରି ନବୀନ ବାବୁ ରାଜନୀତି କ୍ଷେତ୍ରରେ ସଫଳ ହେବେ କି ନାହିଁ, ଜାଣିବାକୁ ଦଳର କିଛି ବରିଷ୍ଠ ନେତା ଦିଲ୍ଲୀର ଜଣେ ପ୍ରସିଦ୍ଧ ଜ୍ୟୋତିଷଙ୍କ ପାଖକୁ ନବୀନ ବାବୁଙ୍କ ହସ୍ତରେଖା ଦେଖାଇବାକୁ ଯାଇଥିଲେ । ଯେତେବେଳେ ସେହି ଜ୍ୟୋତିଷ ଜଣକ ନବୀନ ବାବୁଙ୍କ ହସ୍ତରେଖା ଦେଖିଲେ ସେତେବେଳେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ଜ୍ୟୋତିଷ ଜଣକ ନବୀନ ବାବୁଙ୍କ ହସ୍ତରେଖା ଦେଖି କହିଥିଲେ, ୧୦ କୋଟି ଲୋକଙ୍କ ଭିତରେ ଏପରି ଜଣେ ଭାଗ୍ୟବାନ ବ୍ୟକ୍ତି ଥାଆନ୍ତି । ନବୀନ ବାବୁ ରାଜନୀତିରେ ଆଶାତୀତ ସଫଳତା ହାସଲ କରିବେ । ସେ ଯେତେଦିନ ପର୍ଯ୍ୟନ୍ତ ଚାହିଁବେ ସେତେଦିନ ପର୍ଯ୍ୟନ୍ତ କ୍ଷମତାରେ ରହିପାରିବେ । ନବୀନ ବାବୁ ବାପାଙ୍କ ଠାରୁ ଅଧିକ ସଫଳତା ଓ ଲୋକପ୍ରିୟି ହାସଲ କରିପାରିବେ । (ପୃଷ୍ଠା-୨)

## ୫ ବର୍ଷରେ ଗରିବ ୧୦% ହ୍ରାସ କରିବୁ

ବିଜୁ ଜନତା ଦଳ(ବିଜେଡି) ଏକ ସାମାଜିକ ଆନ୍ଦୋଳନରେ ପରିଣତ ହୋଇଛି । ଓଡ଼ିଶାବାସୀଙ୍କ ଆଶୀର୍ବାଦରେ ଏହା ସମ୍ଭବ ହୋଇପାରିଛି । ଓଡ଼ିଶାରେ ଆଗାମୀ ୫ବର୍ଷରେ ଗରୀବ ୧୦% ହ୍ରାସ କରିବୁ ବୋଲି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର କହିଛନ୍ତି । ବିଜେଡିର ୨୫ତମ ପ୍ରତିଷ୍ଠା ଦିବସରେ ଉଦ୍‌ବୋଧନ ଦେଇ ସେ ଓଡ଼ିଶାବାସୀଙ୍କୁ ବେସ୍ ପ୍ରଶଂସା କରିଛନ୍ତି ।

## ନବୀନ ବାବୁ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି-ବବି

ଭୁବନେଶ୍ୱରସ୍ଥିତ ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ୨୫ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି । ଏହି ଅବସରରେ ଦଳର ଛାମୁଆ ନେତା ସାମିଲ୍ ହୋଇ ଗୁରୁମନ୍ତ୍ର ଦେଇଛନ୍ତି । ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ନବୀନ ପଟ୍ଟନାୟକ ଯାହା କୁହନ୍ତି ତାହା କାମରେ କରି ଦେଖାନ୍ତି । ଜୀବନ ଥିବା



ଯାଏଁ ତାଙ୍କୁ କେହି କ୍ଷମତାଚ୍ୟୁତ କରିପାରିବେନି । ସଂସଦରେ ୩୩% ମହିଳା ସଂରକ୍ଷଣ ବ୍ୟବସ୍ଥା ଘୋଷଣା କରିଛନ୍ତି ନବୀନ । ଆମେ ଭାବିନଥିବା କଥାକୁ ନବୀନ କରି ଦେଖାଉଛନ୍ତି । ବିଜେ ଏକ ଦଳ ନୁହେଁ ବରଂ ଏକ ଆନ୍ଦୋଳନ ।

# ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୨ରୁ ୫ଲକ୍ଷକୁ ବୃଦ୍ଧି:ମାନସ ମଙ୍ଗରାଜ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟରେ ସାମ୍ବାଦିକଙ୍କ ସାମାଜିକ ନିରାପତ୍ତା ସଂପର୍କିତ ପଦକ୍ଷେପକୁ ତ୍ୱରାନ୍ୱିତ କରାଯାଇ କାର୍ଯ୍ୟକାରୀ କରାଯିବ । ଏହି ପରିପ୍ରେକ୍ଷୀରେ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟବୀମା ରାଶିର ପରିମାଣକୁ

## ପେନ୍‌ସନ୍ କାର୍ଯ୍ୟକାରୀ ହେବ

୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି କରାଯିବ । ଏଥିସହ ପେନ୍‌ସନ୍ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି । ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ । ଓଡ଼ିଶା ସାମ୍ବାଦିକ ୟୁନିୟନ୍(ଓୟୁଜେ)ର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବୁଧବାର ଜୟଦେବ ଭବନରେ ଏକ ରାଜ୍ୟସ୍ତରୀୟ ସମବେଶ ଆୟୋଜନ କରାଯାଇଥିଲା । ଏଥିରେ ୩୦ ଜିଲ୍ଲାରୁ ସାମ୍ବାଦିକମାନେ ଯୋଗଦେଇ ଗଣମାଧ୍ୟମ ଓ ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମଙ୍ଗରାଜ କହିଥିଲେ ଯେ, ରାଜ୍ୟ ସରକାର ସାମ୍ବାଦିକମାନଙ୍କ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଓୟୁଜେ ପକ୍ଷରୁ ଉଠାଯାଇଥିବା ଦାବି ଉପରେ ପଦକ୍ଷେପ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖୁବ୍ ଶୀଘ୍ର ବୀମା ରାଶିର ପରିମାଣକୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା ସହ ପେନ୍‌ସନ୍ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ଯେଉଁ ଦାବି ହେଉଛି ସେ



ବାବଦରେ ବିଭିନ୍ନ ରାଜ୍ୟ ଗସ୍ତ କରି ସେଠାରେ କାର୍ଯ୍ୟକାରୀ ହେଉଥିବା ଯୋଜନାକୁ ଅନୁଧ୍ୟାନ କରିବା ସହ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ

## 'ଓୟୁଜେ'ର ସୁବର୍ଣ୍ଣ ଜୟନ୍ତୀ

କରିବା ପାଇଁ ୩ଟି ପ୍ରତିନିଧି ଦଳକୁ ପଠାଯିବ । ରିପୋର୍ଟ ମିଳିବା ପରେ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଥିଲେ ।

ସେହିପରି ଡିଜିଟାଲ୍ ମିଡିଆ ବାବଦରେ ଖୁବ୍ ଶୀଘ୍ର ଏକ ନୀତି ପ୍ରଣୟନ କରାଯିବ ବୋଲି ସେ କହିଥିଲେ । ମାଲକାନାଗିରି ଜିଲ୍ଲାର ସାମ୍ବାଦିକମାନଙ୍କ ଗିରଫଦାରୀ ପ୍ରସଙ୍ଗରେ ସୂଚନା ଦେଇ ସେ କହିଥିଲେ ଯେ, ରାଜ୍ୟ ସରକାର ଏ ବାବଦରେ ତଦନ୍ତ ନିର୍ଦ୍ଦେଶ ଦେବାକୁ ଯାଉଛନ୍ତି, ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଓ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ରାଜ୍ୟରେ ସାମ୍ବାଦିକତା ଲାଗି ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିବା ସହ ବିଭିନ୍ନ ଦାବି ପୂରଣ ପାଇଁ ସରକାର ନିର୍ମାଣ ଶ୍ରମିକ ପାଣ୍ଠି ଢାଞ୍ଚାରେ ବିଜ୍ଞାପନ ଓ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓୟୁଜେ ସଭାପତି ପ୍ରେସ୍ କାଉନ୍‌ସିଲ୍ ସଦସ୍ୟ ପ୍ରସନ୍ନ ମହାନ୍ତି ବୀମା ରାଶି ବୃଦ୍ଧି ସହ ପେନ୍‌ସନ୍ ଯୋଜନା ଲାଗୁ କରିବା ଓ ଅଧିସ୍ୱୀକୃତି କମିଟି ଗଠନ କରି ନିୟମରେ ପରିବର୍ତ୍ତନ କରିବାକୁ ଦାବି କରିବା ସହ ମାଲକାନଗିରି ଘଟଣାର ତୀବ୍ର ନିନ୍ଦା କରିଥିଲେ ।

## ଚଣ୍ଡିପ୍ରସାଦଙ୍କୁ ସ୍ଥଳସେନାର ଉପମୁଖ୍ୟ ଦାୟିତ୍ୱ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚଳିତବର୍ଷ ଲ୍ୟୁଟନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଭାରତୀୟ ସେନାର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଅର୍ଥାତ୍ ଭାଇସ୍ ଚିଫ୍ ବା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଜଗତସିଂହପୁର ସହର ଜୟବଡର ପୁଅ ଚଣ୍ଡିପ୍ରସାଦ ବାଗସାହି ୟୁପି ସ୍କୁଲରେ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପଢିଥିଲେ । ପରେ ସେ ଡେରାଡୁନ୍‌ସ୍ଥିତ ରାଷ୍ଟ୍ରୀୟ ଇଣ୍ଡିଆନ ମିଲିଟାରୀ କଲେଜ ପୁଣେର ନ୍ୟାଶନାଲ ଡିଫେନ୍ସ ଏକାଡେମୀ ଡେରାଡୁନସ୍ଥିତ ଇଣ୍ଡିଆନ ମିଲିଟାରୀ ଏକାଡେମୀରେ ପ୍ରଶିକ୍ଷଣ ନେଇଥିଲେ ।

# ସାଂସଦ ଅପରାଜିତାଙ୍କୁ ଦେଖା କଲେନି ଜଗତସିଂହପୁର ଜିଲ୍ଲା ସଭାପତି

**ପାରାଦ୍ୱୀପ(ସଂପର୍କବାର୍ତ୍ତା):-** ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ସୁଶାସନ ଦିବସ ପାଳନ କରିଛି ବିଜେପି । ଏହି ଅବସରରେ ଗତ ଶନିବାର କଟକ କନ୍ଦରପୁରଠାରେ ବିଜେପି ପକ୍ଷରୁ ପାରାଦ୍ୱୀପ ଅଭିମୁଖେ ଯାଉଥିବା ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବାର ଖବର ପ୍ରକାଶ ପାଇଛି । ଜଗତସିଂହପୁର ଜିଲ୍ଲାର ପାରାଦ୍ୱୀପଠାରେ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି




ଉନ୍ମୋଚନ କରିବାକୁ ଯିବା ବାଟରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ବିଜେପି ନେତା ଓ କର୍ମୀମାନଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ସମ୍ବର୍ଦ୍ଧନା ପର୍ବରେ ଦଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବା ବେଳେ ଜଗତସିଂହପୁର ଜିଲ୍ଲାର ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ଓ ତାଙ୍କ ସମର୍ଥକ ଏବଂ ପାରାଦ୍ୱୀପର ବିଧାୟକ ପ୍ରାର୍ଥୀ ସଂପଦ ସ୍ୱାଇଁ ଓ ତାଙ୍କ ସମର୍ଥକମାନେ ଦେଖା କରିନଥିବା ଘଟଣା ଖବର ପ୍ରକାଶ ପାଉଛି । ଏହାକୁ ନେଇ ଜଗତସିଂହପୁର ଜିଲ୍ଲାରେ ଭଲ ଚର୍ଚ୍ଚା ହେଉଛି । ସଭାପତି ସତ୍ୟବ୍ରତ ବାବୁ ଏପରି କାହିଁକି କଲେ ବା ଦେଖା ନ କଲେ ତାଙ୍କୁ ଏପରି ଭୁଲ୍ ପରାମର୍ଶ କିଏ ଦେଲେ ନା ଦଳୀୟ ରାଜ୍ୟସ୍ତରୀୟ ନେତାଙ୍କ ପରାମର୍ଶରେ ଦେଖା କରିନଥିବା ଆଦି ଅନେକ ଆଲୋଚନା ଓ ଚର୍ଚ୍ଚା ହେଉଛି ।

# ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କଲେ ରାହୁଲ୍ ଗାନ୍ଧୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆସନ୍ତା ୧୦ ତାରିଖରୁ କରୋନା ବିରୁଦ୍ଧରେ ସମ୍ମୁଖ ଯୋଦ୍ଧା, ବୟସ୍କ ଓ ବହୁବିଧ ରୋଗରେ ପିଡିତ ଲୋକମାନଙ୍କୁ ଟିକାର ବୁଷ୍ଟର ଡୋଜ୍ ଦିଆଯିବ । ଏ ସଂପର୍କରେ ଶନିବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି । ଏଥିସହ ୩ ତାରିଖରୁ ୧୫ରୁ ୧୮ବର୍ଷ ବୟସ ବର୍ଗରେ ଥିବା ପିଲାମାନଙ୍କର ମଧ୍ୟ କରୋନା ବିରୋଧି ଟିକାକରଣ ଆରମ୍ଭ ହେବ । କେନ୍ଦ୍ର ସରକାର ଓମିକ୍ରନ୍‌କୁ ଦୃଷ୍ଟିରେ ରଖି ବୁଷ୍ଟର ଡୋଜ୍ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ସ୍ୱାଗତ କରିଛନ୍ତି ।



କେନ୍ଦ୍ର ସରକାର ବୁଷ୍ଟର ଡୋଜ୍ ପାଇଁ ସେ ଦେଇଥିବା ପ୍ରସ୍ତାବକୁ ଗ୍ରହଣ କରିଥିବାରୁ ରାହୁଲ୍ ଖୁସି ମଧ୍ୟ ବ୍ୟକ୍ତ କରିଛନ୍ତି । ଡିସେମ୍ବର ୨୨ରେ ରାହୁଲ୍ ଗାନ୍ଧୀ ଟୁଇଟ୍ କରି ବୁଷ୍ଟର ଡୋଜ୍ ଆରମ୍ଭ କରିବାକୁ ଦାବି ଉପସ୍ଥାପନା କରିଥିଲେ । ସେ କହିଥିଲେ ଦେଶର ଅଧିକାଂଶ ଲୋକଙ୍କର ଏ ଯାଏଁ ଟିକାକରଣ ହୋଇନି । ଭାରତ ସରକାର କେତେବେଳେ ବୁଷ୍ଟର ଡୋଜ୍ ଦେବେ ? ସୂଚନାଯୋଗ୍ୟ ଶନିବାର ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ସମ୍ବୋଧନ କରିଥିଲେ । ଏହି ସମୟରେ ଦେଶରେ ଛୋଟ ପିଲାଙ୍କ ଟିକାକରଣ ସହ ବୁଷ୍ଟର ବା ପ୍ରତିଷେଧକ ଟିକା ଦିଆଯିବ ବୋଲି କହିଥିଲେ । ମୋଦିଙ୍କ ଘୋଷଣା ଅନୁଯାୟୀ ଜାନୁଆରୀ ୧୦ରୁ ୬୦ବର୍ଷରୁ ଅଧିକ ବୟସ୍କ ଓ ବହୁବିଧ ରୋଗରେ ପିଡିତ ଲୋକଙ୍କୁ ବୁଷ୍ଟର ଡୋଜ୍ ଦିଆଯିବ । ଡାକ୍ତରଙ୍କ ପରାମର୍ଶ କ୍ରମେ ସେମାନେ ଟିକାର ବୁଷ୍ଟର ଡୋଜ୍ ବା ପ୍ରତିଷେଧକମୂଳକ ଡୋଜ୍ ନେଇପାରିବେ । କରୋନାର ସମ୍ମୁଖ ଯୋଦ୍ଧାଙ୍କୁ ମଧ୍ୟ ଟିକାର ବୁଷ୍ଟର ଡୋଜ୍ ଦିଆଯିବ । ଏହି ପ୍ରକ୍ରିୟା ମଧ୍ୟ ଜାନୁଆରୀ ୧୦ରୁ ଆରମ୍ଭ ହେବ ।

# ସୁନେଲି ସ୍ୱପ୍ନର ଶେଷ ସ୍ୱର୍ଶ

ରେଭେନ୍ସା ମହାବିଦ୍ୟାଳୟରେ ଆଇଏସ୍‌ସି ପଢିବା ପାଇଁ, ପୁଣି ପ୍ରଥମ ଲିଷ୍ଟରେ ନାମ ପ୍ରକାଶ ପାଇବା ଦେଖିବାକୁ ହେଲେ ଆପଣଙ୍କୁ ଅତ୍ୟନ୍ତ ୯୦ ପ୍ରତିଶତ ମାର୍କ ମ୍ୟାଟ୍ରିକ୍ ପରୀକ୍ଷାରେ ରଖିବାକୁ ହେବ । ଏହା ଥିଲା ୪୦ ବର୍ଷ ତଳର ତଥ୍ୟଭିତ୍ତିକ ସତ୍ୟ । ଏଥିପାଇଁ କୈଶରରୁ କଠିନ ପରିଶ୍ରମ କରିବାକୁ ପଡେ । ରେଭେନ୍ସାରେ ଅଧ୍ୟୟନ କରିବା ଛାତ୍ର ଜୀବନରେ କେବଳ ସଫଳତା ନୁହେଁ ବରଂ ଆତ୍ମତୃପ୍ତୀ ଓ ପରିବାର ପାଇଁ ମଧ୍ୟ ସମ୍ମାନ ।

ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଅଧ୍ୟୟନ କରିବା ଆମ କୈଶୋର ଓ ଛାତ୍ର ଜୀବନରୁ ସ୍ୱପ୍ନ ଥିଲା । ସେହି ସ୍ୱପ୍ନକୁ ଚରିତାର୍ଥ କରିବାକୁ କଠିନ ପରିଶ୍ରମ ସହ ମେଧାଶକ୍ତି ମଧ୍ୟ ଆବଶ୍ୟକ । ମୋ ପାଇଁ ରେଭେନ୍ସା କଲେଜ୍‌ର ଲାଲ୍ କୋଠା ଓ ତା'ର ପରିସର ନୂଆ ନଥିଲା । ମୁଁ ସର୍ବଭାରତୀୟ ମେଧା ବୃତ୍ତି ଲାଭ କରି ରେଭେନ୍ସା କଲିଜିଏଟ୍ ବିଦ୍ୟାଳୟରେ ପାଠ ପଢିଲା ବେଳେ ଆମର ମ୍ୟାଟ୍ରିକ୍ ପରୀକ୍ଷା କେନ୍ଦ୍ର ଥିଲା ରେଭେନ୍ସା ମହାବିଦ୍ୟାଳୟ । ମୋର ଭିଣୋଇ ରେଭେନ୍ସା ମହାବିଦ୍ୟାଳୟର ଗ୍ରନ୍ଥାଗାରୀକ ଥିବା ହେତୁ ମଝିରେ ମଝିରେ ବିଦ୍ୟାଳୟରୁ ଗ୍ରନ୍ଥାଗାରକୁ ଆସି ମୁଁ ଅନେକ ଉପାଦେୟ ପୁସ୍ତକ ପାଠ କରୁଥିଲି । ମାଟ୍ରିକ୍ ପରୀକ୍ଷା ପରେ ରେଭେନ୍ସା ମହାବିଦ୍ୟାଳୟରେ ଆଇଏସ୍‌ସିରେ ନାମ ଲେଖା ଯେପରି ହେବ ଏହା ମୋ ପାଇଁ ଆହ୍ୱାନ ନ ଥିଲା ବରଂ ଥିଲା ଗଭୀର ଆତ୍ମପ୍ରତ୍ୟୟ ଓ ବିଶ୍ୱାସ ।

ଆଇଏସ୍‌ସିରେ ପ୍ରଥମ ଲିଷ୍ଟରେ ନାମ ପ୍ରକାଶିତ ପରେ ପ୍ରଥମେ ଛାତ୍ରାବାସ ଭାବରେ ଆସୁଥିଲା ପୂର୍ବଛାତ୍ରବାସ । କିଛି ଦିନ ଅପେକ୍ଷା ପରେ ପୂର୍ବ ଛାତ୍ରବାସରେ ଅନ୍ତେବାସୀ ଭାବରେ ନାମ ଲେଖା ହେଲା । ମୋ ପାଇଁ ଛାତ୍ରବାସର ଅନୁଭୂମୀ ନୂତନ ନଥିଲା, ଯେହେତୁ ରେଭେନ୍ସା



କଲିଜିଏଟ୍ ବିଦ୍ୟାଳୟରେ ୩ବର୍ଷ ଛାତ୍ରବାସରେ ଅତିବାହିତ ହୋଇଯାଇଥିଲା । ପୂର୍ବ ଛାତ୍ରବାସର ପାରିପାର୍ଶ୍ୱିକ ପରିସ୍ଥିତି ମୋତେ ଚଳଚଞ୍ଚଳ କରିଥିଲା । କେତବେଳେ ଆନମନା ତ କେତେବେଳେ ଚିନ୍ତାମଗ୍ନ । ଏହାର ସ୍ଥାପନା ୧୯୨୧ ମସିହା ଅସହଯୋଗ ଆନ୍ଦୋଳନ ବର୍ଷ । ସ୍ୱାଧୀନତା ଆନ୍ଦୋଳନର ରଣଦୁନ୍ଦୁଭି ମଧ୍ୟରେ ଉତ୍ତମ ଛାତ୍ରଟିଏ କିଏ ମାନସିକ ଦ୍ୱନ୍ଦରେ ପଡିନଥିବ ? ପାଠ ପଢା ଛାଡି ସ୍ୱାଧୀନତା ଆନ୍ଦୋଳନରେ ମିଶିବ ନା ନିଜର ଶିକ୍ଷାଗତ କୃତିତ୍ୱ ଉପରେ ଧ୍ୟାନ କେନ୍ଦ୍ରୀତ କରିବ ? ପୂର୍ବ ଛାତ୍ରାବାସ ସ୍ଥାପନର ପ୍ରଥମ ୨୬ ବର୍ଷ (୧୯୨୧-୧୯୪୭) ନିଶ୍ଚିତ ପକ୍ଷେ ୧୦୦ ବର୍ଷର ଅନ୍ତେବାସୀଙ୍କ ମଧ୍ୟରେ ସବୁଠାରୁ ଥିବ କଠିନ ଅଗ୍ନି ପରୀକ୍ଷା । ଗୋଟିଏ ପଟେ ଦେଶ ମାତୃକାର ଆହ୍ୱାନ ଅନ୍ୟପକ୍ଷେ ନିଜ ବୌଦ୍ଧିକ ଜଗତର ପରାକାଷ୍ଠା । ଦେଶପ୍ରେମ ଓ ବୌଦ୍ଧିକତା ଦୁଇଟି ସତ୍ୟ ମଧ୍ୟରେ ମାନସିକ ସ୍ତରର ଅହରହ ସଂଘର୍ଷ କରିଥିବା ଅନ୍ତେବାସୀ ନିଶ୍ଚିତ ପକ୍ଷେ ଆଜି ଦିନରେ ମଧ୍ୟ ସ୍ମରଣୀୟ ।

ସ୍ୱାଧୀନୋତ୍ତର ଦେଶରେ ଅଗ୍ରଣୀ ଶିକ୍ଷାନୁଷ୍ଠାନର ଗୌରବମୟ ଛାତ୍ରବାସ ଭାବରେ ପୂର୍ବ ଛାତ୍ରବାସ ୧୦୦ ବର୍ଷର ଇତିହାସ ପୃଷ୍ଠା ମଣ୍ଡିତ କରି ଅନେକ କୃତି ଛାତ୍ରଙ୍କୁ ଏକ ଅନନ୍ୟ ଦେଶ, ତଥା ବିଶ୍ୱକୁ ଦେଇଛି । କଂକ୍ରିଟ୍ ଅଭିଭାବକ ତାର ଲାଲ୍ ହୃଦୟରେ ଅନେକ ପ୍ରଖ୍ୟାତ ସାହିତ୍ୟିକ ସୃଷ୍ଟି କରିଛି । ଯେଉଁମାନେ ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି । ପୂର୍ବ ଛାତ୍ରବାସର ୪ କାନ୍ଥ ଭିତରେ ବିଭିନ୍ନ ରଜନୀରେ ଆଦ୍ୟ ଯୌବନକୁ କଠିନ ଅଧ୍ୟବସାୟରେ ବିତାଇ ଦେଇ ଅନେକ ହୋଇଛନ୍ତି ସୁନାମଧନ୍ୟ ଶିକ୍ଷାବିତ୍, ପ୍ରଶାସକ, ଅର୍ଥନିତୀଜ୍ଞ, ଡାକ୍ତର, ଚିନ୍ତାନାୟକ, ରାଜନେତା, ଯେଉଁମାନେ ସମାଜକୁ ନିଜ ନିଜ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେଉଛନ୍ତି । ଅନେକଙ୍କର ମଧ୍ୟ ଅସଫଳତାର କାହାଣୀ ଅଛି, ଅର୍ଥାତ୍ ଅସଫଳତାର କରୁଣ ବେଦନା ଭିତରେ ମଧ୍ୟ ରହିଛି ପୂର୍ବ ଛାତ୍ରବାସ ରହଣୀର କିଛି ସ୍ମୃତିର ମଧୁର ବଂଶୀସ୍ୱନ ।

ଲଘୁମନ୍ତବ୍ୟରେ କହିଲେ ପୂର୍ବ ଛାତ୍ରବାସ କଡ ରାସ୍ତାରେ ମହିଳା ଛାତ୍ରବାସର ଛାତ୍ରୀମାନେ ପିଲାବେଳେ ପୂର୍ବ ଛାତ୍ରବାସଙ୍କୁ ମୁଣ୍ଡ ଟେକି ଚାହାଁନ୍ତି । ଏବେ ଶୁଣିବାକୁ ମିଳୁଛି ଛାତ୍ରଟିଏ ଗଲାବେଳେ ପୂର୍ବଛାତ୍ରବାସରୁ ଲଘୁ ଟିପ୍ପଣୀ ଭାସି ଆସୁଛି । ଏହା କେତେଦୂର ସତ୍ୟ (ପୃଷ୍ଠା-୨)

# ପିତାଙ୍କ ସମ୍ପତ୍ତି ଦାବି କଲେ ପୁଅ ନିଜେ ତୋଳିଥିବା ଘରେ ରୁହ-ହାଇକୋର୍ଟ

**ବନାରସ(ସଂପର୍କବାର୍ତ୍ତା):-** ଏକ ସମ୍ପତ୍ତି ବିବାଦ ମାମଲାରେ ପିତାଙ୍କ ଘରେ ବସବାସ ନିମନ୍ତେ ପୁଅର ନିବେଦନକୁ ଏଲହାବାଦ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି । କୋର୍ଟ ପୁଅକୁ ନିଜେ କରିଥିବା ଘରେ ରହିବାକୁ କହିଛନ୍ତି । ଏଲହାବାର ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ଅଶ୍ୱନୀ କୁମାର ମିଶ୍ର ଓ ଜଷ୍ଟିସ ବିକ୍ରମ ଡି.ଚୌହାନଙ୍କୁ ୨ଜଣିଆ ଖଣ୍ଡପୀଠ ବନ୍ଦନା ସିଂହ ଓ ଶବ ପ୍ରକାଶ ସିଂହ ବନାମ ଉତ୍ତରପ୍ରଦେଶ ରାଜ୍ୟ ଓ ପାଂଚ ଅନ୍ୟଙ୍କ ମାମଲାରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାରେ କୋର୍ଟ ଏପଯ୍ୟନ୍ତ ରହିତାଦେଶ ଜାରି କରିଥିଲେ । ତେବେ ଖଣ୍ଡପୀଠ ମାମଲାର ଶୁଣାଣି ମାତାପିତା ଓ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ତଥା କଲ୍ୟାଣ ଅଧିନିୟମ ୨୦୦୭ର ଧାରା ୨୧ଅନୁସାରେ ପିତାଙ୍କ ଅଧିକାର ପିତାଙ୍କ ଅଧିକାର ସୁରକ୍ଷିତ ରଖିଥିବା ବେଳେ ପୁଅର ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି । ପୁଅ



ଅନ୍ୟ ସ୍ଥାନରେ ନିଜର ଘର କରିଛନ୍ତି । ଏଣୁ ବାପମାନଙ୍କ ଘର ଛାଡି ନିଜ ଘରେ ରହୁ । ତେବେ ପିତାଙ୍କ ଘରେ ବଖରାରେ ପୁଅ ରହୁଥିଲେ ଚାହିଁଲେ ସେହି ବଖରାକୁ ଚାବି ପକାଇ ରଖି ପାରିବେ ବୋଲି କୋର୍ଟ ପୁଅକୁ ରିହାତି ଦେଇଛନ୍ତି । ହେଲେ ସେ କିନ୍ତୁ ଘରେ ରହିପାରିବେନି ବୋଲି ସଫାସଫା କୋର୍ଟ କହିଛନ୍ତି । ବାରଣାସୀ ସହର ବାସିନ୍ଦା ଜଟାଶଙ୍କର ସିଂହ ଓ ତାଙ୍କ ପୁଅ ଶିବ ପ୍ରକାସ ସିଂହ ଉଭୟ ଆଡଭୋକେଟ୍ । ତେବେ ପାରିବାରିକ ବିବାଦ କାରଣରୁ ଜଟା ଶଙ୍କର ବାରଣାସୀ ଡିଏମଙ୍କୁ ଆବେଦନ କରି ପୁଅ ଓ ବୋହୂଙ୍କୁ ଘରୁ ଖାଲି କରାଇବାକୁ ନିବେଦନ କରିଥିଲେ । ଭରଣପୋଷଣ ତଥା କଲ୍ୟାଣ ଅଧିନିୟମ ୨୦୦୭ଧାରା ୨୧ଅନୁସାରେ ଡିଏମ ତାଙ୍କ ପୁଅ ବୋହୂ ଘରୁ ବାହାର କରାଇ ଦେଇଥିଲେ । ସେବେଠାରୁ ତାଙ୍କ ପୁଅ ପତ୍ରକାରପୁରମରେ ତୋଳିଥିବାନିଜ ଘରେ ରହି ଆସୁଛନ୍ତି । ସେମାନଙ୍କ ବିବାଦରେ ସମାଧାନ ହୋଇ ନପାରିବାର ମଙ୍ଗଳବାର ଦେଇଥିବା ରାୟରେ ପିତା ଜଟାଶଙ୍କର ସିଂହଙ୍କ ହୀତକ ଅକ୍ଷୁର୍ଣ୍ଣ ରଖିଛନ୍ତି ।

# କରୋନାକୁ ନେଇ କାନପୁର IIT ବୈଜ୍ଞାନିକଙ୍କ ମତ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ନିଜର କାୟା ବିସ୍ତାର କରିବାରେ ଲାଗିଛି । ଓମିକ୍ରନ ଯୋଗୁଁ ଭାରତରେ ଫେବ୍ରୁଆରୀରେ କୋଭିଡର ତୃତୀୟ ଲହର ଆସିବାର ସମ୍ଭାବନା ରହିଛି । ଏହି ଚିନ୍ତାଜନକ ତଥ୍ୟ ନୂଆ ଅଧ୍ୟୟନରୁ ସାମ୍ନାକୁ ଆସିଛି । ଏହି ଚିନ୍ତାଜନକ ତଥ୍ୟ ନୂଆ ଅଧ୍ୟୟନରୁ ସାମ୍ନାକୁ ଆସିଛି । ଏଥିରେ ଦାବି କରାଯାଇଛି ଯେ, ଫେବ୍ରୁଆରୀ ୨୦୨୨ ରେ ଭାରତରେ ଓମିକ୍ରନ ଶିଖର ଛୁଇଁବ । ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି କି, ଏହି ତଥ୍ୟକୁ ନେଇ ଚିନ୍ତା କରିବା ପରିବର୍ତ୍ତେ ସାବଧାନ୍ ରହିବା ଜରୁରୀ । ଅନୁସନ୍ଧାନ କରିଥିବା ବୈଜ୍ଞାନିକମାନେ ଏହା ମଧ୍ୟ ଦାବି କରିଛନ୍ତି ଯେ,ଫେବ୍ରୁଆରୀ ପରେ ଓମିକ୍ରନ ମାସମଲା ହ୍ରାସ ପାଇବ ।




ଯେଉଁ ଥିଲେ ଆରାମ ମିଳିବ । ଭାରତରେ ଓମିକ୍ରନ ମାମଲା କମ୍ ଦିନରେ ୨୨୦କୁ ବୃଦ୍ଧି ପାଇଛି । ଆଇଆଇଟି କାନପୁରର ମନିନ୍ଦ୍ର ଅଗ୍ରଓାଇ ଓ sutra model of tracking pandemic trajectoryର ସହ - ପ୍ରତିଷ୍ଠାତା ଏମ ବିଦ୍ୟାସାଗର କହିଛନ୍ତି ଯେ, ପ୍ରତିଦିନ କରୋନାର ନୂଆ ମାମଲା ଫେବ୍ରୁଆରୀରେ ୧.୫ରୁ ୧.୮ଲକ୍ଷ ପର୍ଯ୍ୟନ୍ତ ହୋଇପାରେ । ନୂଆ ଭାରିଆଣ୍ଟଠାରୁ ଉପାୟ ବା ଟିକାକରଣ ଜରିଆରେ ରକ୍ଷା ପାଇପାରିବ । ନୂଆ ଭାରିଆଣ୍ଟ ଯେତେ ତୀବ୍ରତାର ସହିତ ବଢିବ ସେତିକି ଗତିରେ ହ୍ରାସ ପାଇବ । ଦକ୍ଷିଣ ଆଫ୍ରିକାରେ ମାମଲାର ସଂଖ୍ୟା ୩ ସପ୍ତାହରେ ଶିଖର ପହଂଚିବା ପରେ ଏବେ ହ୍ରାସ ପାଇବ । ଦକ୍ଷିଣ ଆଫ୍ରିକାରେ ମାମଲାର ସଂଖ୍ୟା ମାମଲାର ସଂଖ୍ୟା ୩ ସପ୍ତାହରେ ଶିଖର ପହଂଚିବା ପରେଏବେ ହ୍ରାସ ପାଇବାର ଲାଗିଛି ।

## ଝିଅର ଅଭିଯୋଗ...

# ମୋ ସ୍ୱାମୀ ସହିତ ମୋ ବୋଉ ଫେରାର୍

**କୋଲକାତା(ସଂପର୍କବାର୍ତ୍ତା):-** ଯୁବକ ଜଣକ ଶାଶୂଙ୍କ ଜଣକ ସହ ଫେରାର ହୋଇଯାଇଛନ୍ତି । ଏହି ଘଟଣା ହାଓଡାର ଲିଲୁଆରେ ଆଲାଡେନ ସୃଷ୍ଟି କରିଛି । ଜାଣିବାକୁ ମିଳିଛି ଯେ ପଳାତକ ଯୁବକଙ୍କ ନାମ କୃଷ୍ଣ ଗୋପାଳ ଦାସ । ସେ ନିଜ ପତ୍ନୀଙ୍କୁ ଛାଡି ଶାଶୂ ଶେଫାଳି ଦାସଙ୍କ ସହ ପଳାଇ ଯାଇଥିବା ଲିଲୁଆ ଥାନାରେ ଅଭିଯୋଗ ହୋଇଛି । ଲିଲୁଆ ଥାନା ଅଂଚଳ ଜଗଦୀଶପୁର ବିଶ୍ୱାସପଡା ନିବାସୀ ବାବଲା ଦାସ । ବୃତ୍ତିରେ ଭ୍ୟାନ ଡ୍ରାଇଭର । କୃଷ୍ଣବାବୁ ବାବଲା ଦାସଙ୍କ ଝିଅ ପ୍ରିୟଙ୍କାଙ୍କୁ ବିବାହ କରିଛନ୍ତି । ଶୁଣିବାକୁ ମିଳିଛି ଯେ ଯୁବକ ଜଣକ ବିବାହ ପରେ ତାଙ୍କ ଶ୍ୱଶୁର ଘରେ ରହୁଥିଲେ । ଏହି ସମୟରେ ତାଙ୍କ ଶାଶୂ ଶେଫାଳୀଙ୍କ ପ୍ରେମରେ ପଡିଥିଲେ । ଗତ ଶନିବାର ଶାଶୂଙ୍କୁ ନେଇ କୃଷ୍ଣ ଗୋପାଳ ପଳାଇ ଯାଇଛନ୍ତି । ଏହି



ଘଟଣା ପରେ ପ୍ରିୟଙ୍କା ତାଙ୍କ ପିତାଙ୍କ ପିତାଙ୍କ ସହ ଯାଇ ଲିଲୁଆ ପୁଲିସ ଷ୍ଟେସନରେ ଲିଖିତ ଅଭିଯୋଗ କରିଛନ୍ତ । ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ୨୦୧୭ରେ କୃଷ୍ଣ ଏବଂ ପ୍ରିୟଙ୍କା ବିବାହ କରିଥିଲେ । ବିବାହ କରିଥିଲେ । ପ୍ରିୟଙ୍କା ଅଭିଯୋଗ କରିଛନ୍ତି ଯେ କୃଷ୍ଣ ଛୋଟ ଛୋଟ କାରଣରୁ ତାଙ୍କୁ ନିର୍ଯାତନା ଦେଉଥିଲେ । ଏପରିକି ତାଙ୍କୁ ମାରଧର କରୁଥିଲେ । ଅନ୍ୟଏକ ଘଟଣାକ୍ରମରେ ବାଲିସ୍ଥିତ ଆନନ୍ଦଗରର ଦୁଇ ଗୃହିଣୀ ଅନନ୍ୟା କର୍ମକାର ଏବଂ ରିୟା କର୍ମକାର ଗତ ପାଂଚ ଦିନ ହେବ ନିଖୋଜ ଅଛନ୍ତି । ଘଟଣାର ଅନୁସନ୍ଧାନ କରିବା ପରେ ପୁଲିସ ଜାଣିବାକୁ ପାଇଛି ଯେ ଗତ ଛଅ ମାସ ଧରି ଦୁହେଁ ଦୁଇଜଣ ରାଜମିସ୍ତ୍ରିଙ୍କ ପ୍ରେମରେ ପଡିଥିଲେ । ସେମାନଙ୍କ ସହିତ ପଳାଇ ଯାଇଛନ୍ତି । ସେମାନଙ୍କୁ ମଧ୍ୟ ପୁଲିସ ଖୋଜୁଛି ।

# କାର ସିଟରେ ପ୍ରେମିକ ସହ ଶାରୀରିକ ସମ୍ପର୍କ ଦୁଇ ପିଲାର ମା’ଙ୍କୁ ମହଙ୍ଗା ପଡିଲା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବାପା- ମା ନିଜ ପିଲାଙ୍କ ସର୍ବଦା ଯତ୍ନ ନେଇଥାଆନ୍ତି । କିପରି ସେମାନଙ୍କ ପିଲାଙ୍କୁ କଷ୍ଟ ନହେବ ବା ସେମାନେ କୌଣସି ଅସୁବିଧାନରେ ନପଡିବେ ସେଥିପ୍ରତି ଦୃଷ୍ଟି ରଖି ଥାଆନ୍ତି । କିନ୍ତୁ ନିକଟରେ ଜଣେ ମା ନିଜ ପିଲାଙ୍କ ଯେଉଁଳି କାମ କରିଛି ଶୁଣିଲେ ଆଶ୍ଚର୍ଯ୍ୟ ହୋଇଯିବେ ଜଣେ ମହିଳା ପ୍ରେମିକ ସହ ଶାରୀରିକ ସମ୍ପର୍କ ରଖିବା ପାଇଁ ନିଜର ଦୁଇ କାରରୁ ବାହାର କରି ଦେଇଥିବା ଘଟଣା ସାମ୍ନାକୁ ଆସିଛି । ଏଭଳି ଏକ ଲଜ୍ୟାନୀୟ ଘଟଣା ଆର୍ଜେଣ୍ଟିନାର ଲା ପ୍ଲାଟାର ପେରେରା ଇଲୋଲା ପାର୍କରେ ଘଟିଥିଲା ପ୍ରକାଶିତ ରପୋର୍ଟ ମୁତାବାକ, ଜଣେ ମହିଳା ତାଙ୍କ ଦୁଇ ପିଲାଙ୍କୁ ଧରି କାରରେ ବୁଲିବାକୁ ବାହାରିଥିଲେ । ଏହି କାରରେ କିଛିଦିନ ପୂର୍ବରୁ ଚିହ୍ନା ପରିଚୟ ହୋଇଥିବା ମହିଳା ପ୍ରେମିକ ବି ଥିଲେ । ତେବେ




ଯେମିତି କାର ନେଇ ପେଚେରା ଇଲୋଲା ପାର୍କରେ ପହଂଚିଥିଲେ । ଜୋରଜବଦସ୍ତ ସେ କାରରୁ ନିଜର ଦୁଇପିଲାଙ୍କୁ ଓହ୍ଲାଇ ଦେଇଥିଲେ । ମା ଏମିତି କାହିଁକି କରୁଛି ପିଲା ବୁଝିବା ପୂର୍ବରୁ ମହିଳା ଜଣକ କାର ଦ୍ୱାର ଭିତର ପଟୁ ବନ୍ଦ କରି ଦେଇଥିଲେ । ପିଲାମାନେ ମାକୁ ଡାକୁ ଥିବା ବେଳେ ମହିଳା ତାଙ୍କ ପ୍ରେମିକଙ୍କ ସହ କାର ପଛ ସଟିରେ ଅନ୍ତରଙ୍ଗ ହେବାକୁ ଲାଗିଥିଲେ । ପାର୍କକୁ ଆସୁଥିବାପ୍ରତ୍ୟକ୍ଷମାନେ ପିଲାଙ୍କୁ କାନ୍ଦିବା ଦେଖି କଣ ହୋଇଛି ବୋଲି ପଚାରିଲେ । ପିଲାମାନେ କହିଲେ, ତାଙ୍କ ମା କାର ଭିତରେ ଥାଇ ତାଙ୍କୁ ବାହାରେ ଛିଡା କରି ଦେଇଛି ପ୍ରତ୍ୟକ୍ଷଦର୍ଶୀ ଏହାପରେ କାର ଭତିରେ ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ତେବେ ଏହି ଘଟଣାକୁ ଦେଖି ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ । ଖବର ପାଇ ପୁଲିସ ପାଇ ପୁଲିସ ଘଟଣାସ୍ଥଳରେ ପହଂଚି ମହିଳା ଓ ତାଙ୍କ ପ୍ରେମିକଙ୍କୁ ଗିରଫ କରିଥିଲେ ।

# ରୋଗ ନଥାଇ ଅର୍ଥ ଲୋଭରେ ମହିଳାଙ୍କ ଜବତଦସ୍ତ ଅପରେସନ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜୟପୁରର ଏକ ହସ୍ପିଟାଲରୁ ଆସିଛି ଅଭାବନୀୟ ଖବର । ସାଧାରଣ ଜନତାଙ୍କ ସୁବିଧା ପାଇଁ ହୋଇଥିବା ଚିରଂଜୀବି ଯୋଜନାର ଅର୍ଥ ପାଇବାକୁ ବିକଳ ହେଉଥିବା ହସ୍ପିଟାଲର ଡାକ୍ତରମାନେ ନିକଟରେ ଅଜବ କାଣ୍ଡ ଘଟାଇଛନ୍ତି । ହିତାଧିକାରୀଙ୍କ ନାଁରେ ଥିବା ଏହି ଯୋଜନାର ଅର୍ଥ ପାଇବାକୁ ରୋଗ ନଜାଣି ରୋଗୀଙ୍କର ଜୋରଜବରଦସ୍ତି ଅସ୍ତ୍ରୋପଚାର କରିଛନ୍ତି । ଜନତାଙ୍କ ହିତ ପାଇଁ ସରକାର ଜାରି କରୁଛନ୍ତି ବିଭିନ୍ନ ସ୍ୱାସ୍ଥ୍ୟ ଯୋଜାନ । କିନ୍ତୁ କିଛି ହସ୍ପିଟାଲ ଏହାକୁ ନିଜ ରୋଜଗାରର ମାଧ୍ୟମ କରିସାରିଲେଣି । ଜୟପୁରର ରଜତ ହସ୍ପିଟାଲରୁ ଏପରି ଏକ ଅଭାବନୀୟ ଘଟଣା ସାମନାକୁ ଆସିଛି । ଯେଉଁଠାରେ ଚିରଂଜୀବି ଯୋଜନାର ଅର୍ଥ ପାଇବାକୁ ରୋଗୀ ରୋଗ ନଜାଣି ଅପରେସନ୍ କରିଦେଇଛନ୍ତି । କାହାରି ଛାତିରେ



ଯନ୍ତ୍ରଣା ହେଉଥିବାବେଳେ ତାଙ୍କର ଆଣ୍ଠୁରେ ଅସ୍ତ୍ରୋପଚାର କରିଛନ୍ତି ଏଠାକାର ଡାକ୍ତର । ସୂଚନା ମୁତାବକ, ଷ୍ଟୋନ ସମସ୍ୟା ଥିବାରୁ ଚିକିତ୍ସା ପାଇଁ ଆସିଥିଲେ ଜଣେ ବ୍ୟକ୍ତି । ହେଲେ ତାଙ୍କ ସହ ଆସିଥିବା ତାଙ୍କ ଆଣ୍ଠରେ ଅସ୍ତ୍ରୋପଚାର କରିଛନ୍ତି ଏଠିକାର ଡାକ୍ତର । କିଛି ରୋଗ ନଥାଇ ବି ଜୋରଜବଦସ୍ତି ସ୍ୱାମୀଙ୍କ ସହ ମହିଳାଙ୍କର ଅସ୍ତ୍ରୋପଚାର କଲେ । ଫଳରେ ଏହି ହସ୍ପିଟାଲ ବିରୋଧରେ ଆଉ ଏକ ଅଭିଯୋଗ ଆସିଛି । ଅଜମେର ବାସିନ୍ଦା ୭୦ ବର୍ଷିୟା ଉଙ୍କାରୀ ଦେବୀ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଏହି ହସ୍ପିଟାଲକୁ ଆସିଥିଲେ । ହେଲେ ଡାକ୍ତର ଜେବାର ଜବରଦସ୍ତି ତାଙ୍କର ଆଣଣ୍ଠୁ ଅପରେସନ୍ କରିଥିଲେ ।ହେଲେ ଡାକ୍ତର ଜୋର ଜବରଦସ୍ତି ତାଙ୍କର ଆଣ୍ଠୁ ଅପରେସନ୍ କରିଥିଲେ । ଉଙ୍କାରୀ ଦେବୀ ହାତ ଯୋଡି ଡାକ୍ତରଙ୍କ କାକୁତି ମିନତି ହୋଇଥିଲେ । ହେଲେ କିଛି ଶୁଣିନଥିଲେ ଡାକ୍ତର । ଏପରି ଜଘନ୍ୟ ଘଟଣାର ଯାଂଚ ଆରମ୍ଭ କରିଛନ୍ତି ରାଜସ୍ଥାନ ସରକାର ।

# ମହାରାଜମାନେ ବର୍ତ୍ତମାନ ସରକାରଠାରୁ ବହୁଗୁଣରେ ଭଲ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଜମ୍ମୁ କାଶ୍ମୀରରେ ଗତ ଅଢେଇ ବର୍ଷ ହେବ ବ୍ୟବସାୟ ଏବଂ ବିକାଶମୂଳକ କାର୍ଯ୍ୟ ଅଟକିଯାଇଛି । ଜନସାଧାରଣଙ୍କୁ ଦାରିଦ୍ର୍ୟ ମଧ୍ୟକୁ ଠେଲି ଦିଆଯାଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଗୁଲାସ ନବୀ ଆଜାଦ କହିଛନ୍ତି । କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରି ଗୁଲାମ ନବୀ କହିଛନ୍ତି, ମହାରାଜା ମାନଙ୍କ ସେଛାଚାରୀ ଶାସନ ବର୍ତ୍ତମାନର ବ୍ୟବସ୍ଥାଠାରୁ ବହୁତ ଭଲ ଥିଲା । ଜମ୍ମୁ-କାଶ୍ମୀରରେ ଦୀର୍ଘବର୍ଷରୁ ଚଳିଆସୁଥିବା ଦରବାର ପରିବର୍ତ୍ତନ ପରମ୍ପରାକୁ ବର୍ତ୍ତମାନର ସରକାର ଉଚ୍ଛେଦ କରିଦେଇଛନ୍ତି । ଦରବାର ଉଚ୍ଛେଦ କରିଦେଇଛନ୍ତି ଦରବାର ପରିବର୍ତ୍ତନରେ ସଚିବାଳୟ ଓ ଅନ୍ୟ ପ୍ରମୁଖ କାର୍ଯ୍ୟାଳୟଗୁଡିକ ଗ୍ରୀଷ୍ମ ୬ମାସ ଶ୍ରୀନଗରରେ ଏବଂ ବର୍ଷର ଅବଶିଷ୍ଟ ସମୟ ଜମ୍ମୁରେ କାର୍ଯ୍ୟ କରୁଥିଲେ । ୧୮୭୨ରେ ମହାରାଜା ଗୁଲାବ ସିଂ ଏହି ପରମ୍ପରା ଆରମ୍ଭ କରିଥିଲେ । ଗତ ଜୁନ୍ ୨୦ରେ ଉପରାଜ୍ୟପାଳ ମନୋଜ ସିହ୍ନା ଉକ୍ତ ପରମ୍ପରା ଉଚ୍ଛେଦ ହେଲା ବୋଲି ଘୋଷଣା କରିଥିଲେ । ମହାରାଜାମାନେ ୩ଟି ବ୍ୟବସ୍ଥା ଛାଡିଯାଇଥିଲେ, ଯାହା ଉଭୟ ଜମ୍ମୁ ଓ କାଶ୍ମୀର ଅଂଚଳର ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ ଥିଲା । ସେଥିରୁ ଗୋଟିଏ ଦରବାର ପରିବର୍ତ୍ତନ ପରିବର୍ତ୍ତନ ବୋଲି ଗୁଲାମ ନବୀ କହିଛନ୍ତି । ସେହିପରି ମହାରାଜା ହରି ସିଂ ରାଜ୍ୟ ବାହାର ଲୋକଙ୍କଠାରୁ ଜମି ଓ ନିଯୁକ୍ତି ସୁରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ । ବର୍ତ୍ତମାନର ସରକାର ଦରବାର ପରିବର୍ତ୍ତନ, ଜମି ଓ ନିଯୁକ୍ତି ସୁରକ୍ଷା ଏବଂ ସମ୍ବିଧାନର ଅନୁଚ୍ଛେଦ ୩୭୦ରାଜ୍ୟବାସୀଙ୍କଠାରୁ ଛଡାଇ ନେଇଛନ୍ତି । ସେତେବେଳେ ଏକଛତ୍ରବାଦୀ କୁହାଯାଉଥିବା ଏହି ମହାରାଜାମାନେ ବର୍ତ୍ତମାନର ସରକାରଠାରୁ ବହୁଗୁଣରେ ଭଲ ଥିଲେ ବୋଲି ଏବେ ଅନୁଭୁତ ହେଉଥିବା ବିରଷ୍ଠ କଂଗ୍ରେସ ନେତା କହିଛନ୍ତି ।



## ପ୍ରଥମ ପୃଷ୍ଠାରୁ...

## ନବୀନ...

ତାଙ୍କର ଦୃଢ ନିଷ୍ପତ୍ତି ରହିବ ଓ ନିଜର ଲକ୍ଷ୍ୟପଥରୁ କେବେ ବିଚ୍ୟୁତ ହେବେନାହିଁ, ଯାହା ବାସ୍ତବରେ ପରିଣତ ହୋଇଛି । ବିଜୁ ବାବୁଙ୍କ ମୃତ୍ୟୁ ପରେ ଯେତେବେଳେ ନବୀନ ପଟ୍ଟନାୟକ ରାଜନୀତିରେ ପାଦ ରଖିଥିଲେ, ଠିକ୍ ଏହାର ଦୁଇବର୍ଷ ପରେ ୧୯୯୯ ମସିହାରେ ଓଡିଶାରେ ଦେଖା ଦେଇଥିଲେ ପ୍ରଳୟଙ୍କାରୀ ମହାବତ୍ୟା । ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ସାରା ଓଡିଶା । ବାସହୀନ ହୋଇଥିଲେ ଲକ୍ଷ ଲକ୍ଷ ଲୋକ । ବିପର୍ଯ୍ୟସ୍ତ ଅର୍ଥନୀତି, ଅନାହାର, ଅନାଟନ ଓ ଅପପୁଷ୍ଟିର ଭୟ ରାଜ୍ୟ ରାଜନୀତିକୁ ଦୋହଲାଇ ଦେଇଥିଲେ । ଏହି ଘଡିସନ୍ଧି ମୁହୂର୍ତ୍ତରେ ୨୦୦୦ ମସିହା ମାର୍ଚ୍ଚ ୫ ତାରିଖରେ ମୁଖୀମନ୍ତ୍ରୀ ଭାବେ ଶପଥ ନେଇଥିଲେ ନବୀନ ପଟ୍ଟନାୟକ । ସେହି ସମୟରେ କିଛି ଲୋକ ନବୀନ ପଟ୍ଟନାୟକଙ୍କୁ କୁସ୍ୱାରଟନା ମଧ୍ୟ କରିଥିଲେ । ପ୍ରତିକୂଳ ପରିସ୍ଥିତି, କ୍ଷମତା ଦଖଲର ଷଡଯନ୍ତ୍ର, ରାଜନୈତିକ ପଶାପାଲିର ଛକାପଞ୍ଝା ସତ୍ତ୍ୱେ ଏକ ଅପରାଜୟ ମୁଖ୍ୟମନ୍ତ୍ରୀ ଭାବେ ୨୪ବର୍ଷ ପୂରଣ କରିବେ । ନବୀନ ପଟ୍ଟାନାୟକ ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀ କ୍ଷମତାରେ ରହିଆସିଛନ୍ତି । ବିଜୁବାବୁଙ୍କ ମୃତ୍ୟୁର ଦୁଇମାସ ମଧ୍ୟରେ ନବୀନ ପଟ୍ଟାନାୟକ ଆସ୍କା ଉପ-ନିର୍ବାଚନରେ ବିଜୟୀ ହୋଇ କେନ୍ଦ୍ରରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହୋଇଥିଲେ । ଏହା ପରେ ୨୬ ଡିସେମ୍ବର ୧୯୯୭ମସିହାରେ ବିଜୁ ଜନତା ଦଳ ଜନ୍ମ ନେଇଥିଲା । ଏହି ଆଂଚଳିକ ଦଳ ଜନ୍ମ ନେବା ପରଠାରୁ କେବେବି ପରାଜୟର ସମ୍ମୁଖୀନ ହୋଇନାହିଁ । ଇତି ମଧ୍ୟରେ ନବୀନ ବାବୁ କ୍ରମାଗତ ଭାବେ ୫ ଥର ମୁଖ୍ୟମନ୍ତ୍ରୀ ହୋଇସାରିଲେଣି । ୨୬, ଡିସେମ୍ବର ୧୯୯୭ରେ ପ୍ରତିଷ୍ଠିତ ଏହି ଦଳ, ୧୯୯୮ ଓ ୧୯୯୯ ଲୋକସଭା ଆସନରେ ବିଜେପି ସହ ମେଣ୍ଟ କରି ୯ଟି ଓ ୧୦ଟି ଲୋକସଭା ଆସମନରେ ବିଜୟୀ ହୋଇ, କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସାମିଲ୍ ହୋଇଥିଲେ ।

ଏହାପରେ ୨୦୦୯ ମସିହାରୁ ବିଜୁ ଜନତା ଦଳ ଓଡ଼ିଶା ଶାସନରେ ଏକାକୀ କ୍ଷମତାରେ ରହିଆସିଛି ଏବଂ ଦଳର ସଭାପତି ନବୀନ ବାବୁଙ୍କୁ ଓଡ଼ିଶାବାସୀ ଲଗାତର ମୁଖ୍ୟମନ୍ତ୍ରୀ ଭାବେ ମତ ସାବ୍ୟସ୍ତ କରିଆସୁଛନ୍ତି । ବିଜେଡି-ବିଜେପି ମଧ୍ୟରେ ରହିଥିବା ମେଣ୍ଟ ଭାଙ୍ଗିଗଲା ପରେ ଓଡ଼ିଶାରେ ଯେଉଁ ପରିବର୍ତ୍ତନର ଝଡ ବହିଥିଲା ତାହାକୁ ଭୁଲ୍ ପ୍ରମାଣିତ କରି ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ ବିଧାନସଭା ଓ ଲୋକସଭା ନିର୍ବାଚନରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଆସୁଛି ।

ନବୀନ ପଟ୍ଟନାୟକ କେବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନୁହଁନ୍ତି ବରଂ ଜାତୀୟ ରାଜନୈତିକ ଦୃଶ୍ୟପଟ୍ଟରେ ସବୁଠାରୁ ବ୍ୟସ୍ତବହୁଳ ଆଉ ଚର୍ଚ୍ଚିତ ବ୍ୟକ୍ତିତ୍ୱର ଅଧିକାରୀ । ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି, ସରଳତା, ସଚ୍ଚୋଟତା, ସୁଶାସନ ବିଶେଷ କରି ଦୁର୍ନୀତି ବିରୋଧୀ କଡା ଆଭିମୁଖ୍ୟ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସେ ସାରା ଭାରତରେ ସର୍ବାଧିକ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ମାନ୍ୟତା ପାଇସାରିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟ ଭାବେ ପରିଚିତ ଥିବା ଓଡ଼ିଶାରେ ନବୀନ ୨୨ ବର୍ଷ ଶାସନ କାଳ ମଧ୍ୟରେ ଯେତେଥର ବନ୍ୟା, ବାତ୍ୟା, ମରୁଡି ଘଟିଛି ତାହାକୁ ଯଥାର୍ଥ ଭାବେ ମୁକାବିଲା କରିଛନ୍ତି ନବୀନ ବାବୁ । ବିଶେଷ କରି ୨୦୧୯ ମେ ୩ ତାରିଖରେ ମାଡ ହୋଇଥିବା ପ୍ରଳୟ ବାତ୍ୟା ଫନୀର ସଫଳ ମୁକାବିଲା କରି ସରକାର ବିଭିନ୍ନ ମହଲରୁ ପ୍ରଶଂସିତ ହୋଇଥିଲେ । ଏପରିକି ‘ଜାତିସଂଘ’ ମଧ୍ୟ ନବୀନଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ ।

୨୦୨୦ ମସିହାରେ ସାରା ରାଜ୍ୟରେ ଯେତେବେଳେ ମହାମାରୀ କରୋନା ତା’ର କାୟା ବିସ୍ତାର କରିଚାଲିଲା ନବୀନ ପଟ୍ଟନାୟକ ସେହି ସମୟରେ ସଫଳତାର ସହ ମୁକାବିଲା କରିବା ପାଇଁ ଆଗୁଆ ପଦକ୍ଷେପ ନେଇ ସାରା ଦେଶରେ ମଡେଲ୍ ଭାବେ ରାଜନୈତିକ ସ୍ତରରେ ନବୀନଙ୍କ ପତିଆରା ବଢିଛି, ହେଲେ ବିରୋଧୀ ଦଳର ନେତାମାନେ ଏହାକୁ ସହଜେ ଗ୍ରହଣ କରିପାରିନାହାଁନ୍ତି । ଆରମ୍ଭରୁ ବିରୋଧୀମାନେ ନବୀନ ସରକାରରେ ଅନେକ ସମୟରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଓଡ଼ିଶାର ରାଜନୈତିକ ପାଣିପାଗକୁ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗକୁ ଆହୁରି କଠୋର ହେବେ ଏବଂ କଡା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଚର୍ଚ୍ଚା ହେଉଛି । ତେବେ ୨୨ବର୍ଷର ଶାସନ କାଳ ମଧ୍ୟରେ ଓଡ଼ିଶାବାସୀଙ୍କ ସମସ୍ୟାର ସମାଧାନ ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା ହାତକୁ ନେଇ ସଫଳତା ସାଉଣ୍ଟି ଚାଲିଛନ୍ତି ।

ବିଶେଷ କରି ନାରୀ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବା ନବୀନ ବାବୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରି ସେମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା, ମିଶନଶକ୍ତି ନାମରେ ମହିଳା ସଶକ୍ତିକରଣ ଯୋଜନା ସହିତ ଓଡ଼ିଶାବାସୀଙ୍କ ପାଇଁ ମୋ କୁଡିଆ ଯୋଜନା, ଇନ୍ଦିରାଆବାସ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଶିକ୍ଷକମାନଙ୍କୁ ନିଯୁକ୍ତି, ଖବରକାଗଜ ହକରଙ୍କୁ କରୋନା ସହାୟତା ଏବଂ ଉଠାଦୋକାନୀମାନଙ୍କୁ କୋଭିଡ୍ ସହାୟତା ପ୍ରଦାନ କରିବା ଦ୍ୱାରା ମହାମାରୀ କରୋନା ସମୟରେ ଦୁର୍ବଳ ହୋଇପଡିଥିବା ଆର୍ଥିକ ସ୍ଥିତିକୁ ସୁଦୃଢ କରିବାରେ ସହାୟତା ହୋଇପାରିଛି ।

୫-ଟି ଓ ମୋ-ସରକାର ଭଳି ଅନେକ ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟରେ ସ୍ୱାର୍ଥକୁ ପ୍ରାଥମିକତା ଦେଇ ସାଧାରଣ ଜନତାଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେବାରେ ତାଙ୍କର ବିଶେଷ ଭୂମିକା ରହିଛି । ଲଗାତାର ଭାବେ ୫ଥର ମୁଖ୍ୟମନ୍ତୀ ହୋଇ ଦୀର୍ଘ ୨୨ ବର୍ଷରୁ ଉର୍ଦ୍ଧକାଳ କ୍ଷମତାରେ ରହିବା ପରେ ମୁଖ୍ୟମନ୍ତୀତ୍ୱ ସମୟରେ ଏକ ରୋମାଞ୍ଚକର ଘଟଣା ଦେଖିବାକୁ ମିଳିଥିଲା । ଷୋଡଶ ବିଧାନସଭାର ବଜେଟ୍ ଅଧିବେସନ ଚାଲିଥିବା ବେଳେ ଧାନକିଣା ତାତିକୁ ନେଇ କ୍ରମାଗତ ଭାବେ ବିଧାନସଭା ଅଚଳ ହୋଇପଡିଥିଲା । ଏହାକୁ ନେଇ ଉଭୟ ଶାସକ ଓ ବିରୋଧୀ ମୁହାଁମୁହିଁ ହୋଇ ରାସ୍ତାକୁ ଓହ୍ଲାଇ ଥିଲେ । ଗୃହରେ ନବୀନଙ୍କ ଅନୁପସ୍ଥିତିକୁ ନେଇ ଦଳର ବିଧାୟକମାନେ ବିଧାନସଭାରୁ ସିଧା ନବୀନ ନିବାସ ଯାତ୍ରା କରିଥିଲେ । ଯାହା ଅତୀତରେ କେବେ ଘଟିନଥିଲା ।

ବିରୋଧୀ ଦଳଙ୍କ ପଛେ ପଛେ ଶାସକ ବିଜେଡି ବିଧାୟକମାନେ ବି ଗଲେ କିନ୍ତୁ ନବୀନ ନିବାସରେ ପହଞ୍ଚିବା ପରେ ବିରୋଧୀଙ୍କ ସବୁ ଅଙ୍କ ଭୁଲ୍‌ରେ ପରିଣତ ହୋଇଥିଲା । ବିରୋଧୀ ବିଧାୟକମାନେ ଯେଉଁ ମନୋଭାବ ନେଇ ନବୀନ ନିବାସ ଯାତ୍ରା କରିଥିଲେ, ସେଠାରେ ପହଞ୍ଚିବା ପରେ ପାଗ ପରିବର୍ତ୍ତନ ହୋଇଯାଇଥିଲା । ହଠାତ୍ ବଦଳି ଯାଇଥିଲେ ବିରୋଧୀ ବିଧାୟକମାନେ । ଚନ୍ଦନ ଟୋପା ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ପରେ ଘୋଳଦହି ପିଆଇ ଅତିଥିଦେବୋ ଭବ ନୀତିରେ ଆପାୟିତ କରାଗଲା ପରେ ଏହି ଘଟଣାର ଜବନିକା ପଡିଥିଲା । ନବୀନ ପଟ୍ଟନାୟକ ସେଠାରେ ବିରୋଧୀ ବିଧାୟକଙ୍କ ସହ ଦୀର୍ଘ ସମୟ ଆଲୋଚନା କରି ବିରୋଧୀଙ୍କ ଦାବିକୁ ଗ୍ରହଣ କରିଥିଲେ ।

ଏହି ଘଟଣାରେ ନବୀନଙ୍କୁ ପ୍ରଶଂସା ପରେ ପ୍ରଶଂସା କରିଥିଲେ । ଖାଲି ସେତିକି ନୁହେଁ ଯଦି କୌଣସି କର୍ମୀ, ନେତା ବା ସାଧାରଣ ଜନତା ନବୀନଙ୍କୁ ସମାଲୋଚନା କରନ୍ତି ତେବେ ସେ କେବେବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ସ୍ୱଚ୍ଛ, ସରଳ, ନିର୍ମଳ ଭାବମୂର୍ତ୍ତିକୁ ଆପଣାଇ ନବୀନ ଓଡ଼ିଶା ମାଟିରେ ନିଜକୁ ନାୟକରୁ ମହାନାୟକ ବନେଇସାରିଛନ୍ତି । ନବୀନଙ୍କୁ ଦୀର୍ଘ ୨୨ ବର୍ଷ ମଧ୍ୟରେ ପ୍ରତିହତ ବା ମୁକାବିଲା କରିବା ପାଇଁ ଓଡ଼ିଶାରେ କୌଣସି ଜାତୀୟ ବା ଆଞ୍ଚଳିକ ଦଳ ସକ୍ଷମ ହୋଇପାରିନାହାଁନ୍ତି ।

## ସୁନେଲି...

ମୁଁ ଜାଣେନା । କିନ୍ତୁ ସମୟ ଯେ ବଦଳି ଯାଇଛି ଏବଂ ଆଦ୍ୟ ଯୌବନର ଚପଳତା ଭାବରେ ହାଲ୍‌କା ଭାବରେ ଏହା ଗ୍ରହଣୀୟ ବୋଲି ଭାବିନେବାକୁ ପଡିବ ।

ଶତାୟୁ ଅତିକ୍ରମ କରି ମଧ୍ୟ ପୂର୍ବ ଛାତ୍ରବାସ ଆଜି ମଧ୍ୟ ଆଦ୍ୟ ଯୌବନରେ ପ୍ରବେଶ କରିଥିବା ଛାତ୍ରଙ୍କୁ ବାଟବଣା ନ କରି ତାହା ନିଜସ୍ୱ ଜୀବନର ଗତିପଥରେ ଦେଇଥାଏ ନିର୍ଣ୍ଣାୟକ ମୋଡ । ଏହା ମହାନ ଶିକ୍ଷାନୁଷ୍ଠାନର ଛାତ୍ରବାସ ସତ, କିନ୍ତୁ ଅନ୍ତେବାସୀଙ୍କର ପରିଣତ ବୟସରେ ତା’ର ସ୍ମୃତିରେ ଉଜ୍ଜୀବିତ ଥାଏ ପୂର୍ବ ଗୌରବର ଜୀବନଗାଥା ଓ ଅଦ୍ୟଯୌବନର ସୁନେଲି ସ୍ୱପ୍ନର ଶେଷ ସ୍ୱର୍ଶ । ଏହି ଶତାୟୁ ସ୍ୱପ୍ନସ୍ରଷ୍ଟା ନିର୍ଜୀବ, ପ୍ରାସାଦ ସମୟ ଓ କାଳର ଆଇନଷ୍ଟାଇନୀୟ ଗତିପଥରେ ଯାତ୍ରା କରି ବୟସାଧିକ ମାତ୍ରାରେ ପ୍ରାୟ ହେଉ ଅଧିକ ତାରୁଣ୍ୟ । ଅନେବାସୀ ପାଇଁ ପୂର୍ବଛାତ୍ରବାସ ସେମିତି ହୋଇଥାଉ ଦିବସର ଅରୁଣସ୍ତମ୍ଭ ଓ ରତିର ବତିଘର ।

# ସଲ୍‌ମାନ୍ ଖାଁଙ୍କୁ ସାପ କାମୁଡିଛି

**ମୁମ୍ବାଇ(ସଂପର୍କବାର୍ତ୍ତା):-** ସଲ୍‌ମାନ୍ ଖାଁ ତାଙ୍କ ପାନ୍‌ଭେଲ୍ ଫାର୍ମହାଉସ୍‌ରେ ବିଳମ୍ବିତ ରାତିରେ ସାପ କାମୁଡାର ଶୀକାର ହୋଇଥିବା ସୂଚନା ମିଳିଛି । ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି ବୋଲି ଖବର ମିଳୁଛି ।



# ଚାକିରି ବାହାନାରେ ବିବାହିତା ମହିଳାଙ୍କୁ ହୋଟେଲ୍‌ରେ ବାରମ୍ବାର ଦୁଷ୍କର୍ମ

**ସୁରଟ(ସଂପର୍କବାର୍ତ୍ତା):-** ଗୁଜୁରାଟର ସୁରଟରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି । ଏଠାରେ ଜଣେ ୨୩ ବର୍ଷ ବୟସ୍କା ଯୁବକ ୩୫ ବର୍ଷ ବୟସ୍କା ବିବାହିତା ମହିଳାଙ୍କୁ ଚାକିରୀ ଦେବା ବାହାନାରେ ଅନେକ ଥର ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି କେବଳ ଏତିକି ନୁହେଁ ଅଭିଯୁକ୍ତ ଯୁବକ ମହିଳାଙ୍କୁ ତାଙ୍କ ଅଶ୍ଲୀଳ ଫଟୋ ଦେଖାଇ ବ୍ଲାକମେଲ କରୁଥିବା ମଧ୍ୟ ଅଭିଯୋଗ ହୋଇଛି । ରିପୋର୍ଟ ଅନୁଯାୟୀ , ଗତ ରବିବାର ରାତିରେ ମହିଳାଙ୍କ ଅଭିଯୋଗ ପରେ ସରଥାନା ପୁଲିସ ନୀଲେଶ ଲାଠିଆ ନାମକ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛି । ପୁଲିସ ସେୟାର କରିଥିବା ଘଟଣାର ସବିଶେଷ ତଥ୍ୟ ଅନୁଯାୟୀ ଅଭିଯୋଗକାରୀ ତାଙ୍କ ସ୍ୱାମୀ ଏବଂ ପିଲାଙ୍କ ସହ ରୁହନ୍ତି । ସେ ଏକ ବର୍ଷ ପୂର୍ବେ ମୋଟା ଭାରାଚା ନିବାସୀ ଲାଠିଆ ସମ୍ପର୍କରେ ଆସିଥିଲେ । ଅଭିଯୁକ୍ତ ଜଣକ ମହିଳାଙ୍କୁ ଚାକିରି ଦେବା ପାଇଁ ପ୍ରତି ଶୃତି ଦେଇଥିଲେ । ଚାକିରିର ବାହାନା ଦେଖାଇ ଅଭିଯୁକ୍ତ ମହିଳାଙ୍କୁ ଏକ ହୋଟେଲକୁ ଡାକି ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି ପୁଲିସ କହିଛି, ଅଭିଯୁକ୍ତ ମହିଳାଙ୍କ ନଗ୍ନ ଫଟୋ ଉଠାଇ ଦେଇଥିଲା ଆଉ ଏହି ଫଟୋକୁ ଆଧାର କରି ସେ ପୀଡିତାଙ୍କୁ ବ୍ଲାକମେଲ କରୁଥିଲେ । ହୋଟେଲରେ ଦୁଷ୍କର୍ମ କରିବାର ୧୦ଦିନ ପରେ ଅଭିଯୁକ୍ତ ନୀଲେଶ ପୁନର୍ବାର ମହିଳାଙ୍କୁ ଡକାଇଥିଲା ଆଉ ମହିଳା ଯଦି ତାର କଥାରେ



ରାଜି ନହୁଅନ୍ତି । ସେ ଏସବୁ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା ରବିବାର ଦିନ ପୀଡିତା ଲାଠିଆ ବିରୋଧରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଅଭୁଯୁକ୍ତ ବିରୋଧରେ ମାମଲା ରୁଜୁ କରିଛି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ଡିସେମ୍ବର ୨୭ ରୁ ଜାନୁଆରୀ ୨, ୨୦୨୨, ଜଗତସିଂହପୁର

December 27 to January 02, 2022, Jagatsinghpur

www.samparkabarta.in




## ଜାନୁଆରୀରେ ଭୟଙ୍କର ହେବ ୩ୟ ଲହରଃବିଶେଷଜ୍ଞ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ ଓମିକ୍ରନ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାକୁ ନଜରରେ ରଖି ବିଶେଷଜ୍ଞମାନେ ତୃତୀୟ ଲହର ଆସିବା ନେଇ ଅନୁମାନ କରିଛନ୍ତି। ଓମିକ୍ରନର ପ୍ରଥମ ମାମଲା ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳିଥିଲା ଏହାପରେ ଏହି ଭାରିଆଣ୍ଟ ପ୍ରାୟ ୧୦୦ରୁ ଅଧିକ ଦେଶରେ ମାଡି ସାରିଛି। ୟୁରୋପୀୟ ଦେଶରେ ଏହି ଭାରିଆଣ୍ଟରେ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଭାରତର କିଛି ରାଜ୍ୟରେ ନୂଆ ଭାରିଆଣ୍ଟ କବଳରେ ଅଧିକ ବ୍ୟକ୍ତି ସଂକ୍ରମିତ ହେଉଛନ୍ତି।

ନ୍ୟାଶନାଲ କୋଭିଡ -୧୯ସୁପରମଡେଲ କମିଟିର ସଦସ୍ୟ ବିଦ୍ୟାସାଗର କହିଛନ୍ତି ଯେ, ଭାରତରେ ଜାନୁଆରୀରେ କରୋନାର ତୃତୀୟ ଲହର ଆସିବ। ତେବେ ଦ୍ୱିତୀୟ ଲହର ତୁଳନାରେ ଏହା କମ୍ ହେବ। କିନ୍ତୁ ତୃତୀୟ ଲହର ନିଶ୍ଚିତ ଭାବେ ଆସିବ। ଏପ୍ରିଲ-ମେରେ ଆସିଥିବା ଦ୍ୱିତୀର ଲହର ତୁଳନାରେ ତୃତୀୟ ଲହରରେ ଆକ୍ରାନ୍ତଙ୍କ ସଂଖ୍ୟା କମ୍ ରହିବ। କରୋନା ଟିକା ନେଇଥିବାରୁ ଅଧିକ ବ୍ୟକ୍ତି ଡେଲଟା




ଭାରିଆଣ୍ଟରେ ସଂକ୍ରମିତ ହୋଇଥିଲେ। କିନ୍ତୁ ଏବେ ସ୍ଥିତି ବଦଳିଛି। ସେ ଆହୁରି କହିଛନ୍ତି ଯେ,ଏବେ ଦେଶରେ ୭୫ରୁ ୮୦ ପ୍ରତିଶତଙ୍କ ଶରୀରରେ ଆଣ୍ଟିବଡି ରହିଛି।୮୫ପ୍ରତିଶତ ଟିକାର ପ୍ରଥମ ଡୋଜ୍ ନେଇସାରିଛନ୍ତି। ୫୫ପ୍ରତିଶଥ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ଦ୍ୱିତୀୟ ଡୋଜ୍ ଲୋକଙ୍କୁ ୯୫ପ୍ରତିଶତ ସୁରକ୍ଷା ଦେଇପାରିବ । ଫଳରେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଦେଶବାସୀ ପ୍ରସ୍ତୁତ ଥିବା ସେ କହିଛନ୍ତି। ହାଇଦ୍ରାବାଦ ଆଇଆଇଟିର ପ୍ରଫେସର ବିଦ୍ୟାସାଗର କହିଛନ୍ତି ଯେ, ସଂକ୍ରମିତ ଦୁଇଟି ବିଷୟ ଉପରେ ନିର୍ଭର କରିବ। ଲୋକଙ୍କ ଶରୀରରେ ଡେଲଟାଠୁ ମିଳିଥିଲା ରୋଗପ୍ରତିରୋଧକ ଶକ୍ତି ରହିଛି। ଏହା ସହ ଟିକା ଦ୍ୱାରା ମଧ ରୋଗ ପ୍ରତିରୋଧକ ଶକ୍ତି ବଢିଛି। ଏବେ ଏନେଇ ସମ୍ପୂର୍ଣ୍ଣ ତଥ୍ୟ ମିଳି ନାହିଁ। ଯଦି ଦେଶରେ ତୃତୀୟ ଲହର ଆସେ ତେବେ ଅତି ବେଶିରେ ଦୈନିକ ୨ଲକ୍ଷ ଆକ୍ରାନ୍ତ ଚିହ୍ନଟ ହେବେ ବୋଲି ସେ କହିଛନ୍ତି।

## ରାଜନୀତିକୁ ଆସିବି ବୋଲି ଭାବି ନଥିଲିଃରୁଦ୍ର

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କନକ ନ୍ୟୁଜ୍ ମେକରରେ ସମ୍ବର୍ଧିତ ହୋଇଛନ୍ତି ଯୁବ ବିଧାୟକ ରୁଦ୍ର ମହାରଥୀ କନକ ନ୍ୟୁଜ୍ର ସଂପାଦକ ମନୋରଂଜନ ମିଶ୍ରଙ୍କ ସହିତ ଆଲୋଚନା ହେଲେ ରୁଦ୍ର କହିଥଇଲେ ଯେ ସ୍ବର୍ଗତ ମହାରଥୀଙ୍କ ୪୦ବର୍ଷର ରାଜନୈତିକ କ୍ୟାରିୟର ଥିଲା ବାପା ଆମକୁ ରାଜନୀତିଠାରୁ ଦୂରେଇ ରଖିଥିଲେ। ରାଜନୀତିକୁ କେବେ ଆସିବି ବୋଲି ଭାବି ନଥିଲି। ବାପାଙ୍କ ଦେହାନ୍ତ ପରେ ପିପିଲି-ଡେଲାଙ୍ଗ ଲୋକମାନେ ରୁଦ୍ର ମହାରଥୀ ହୁଅନ୍ତି ବୋଲି ଦାବି କରିଥିଲେ। ସ୍ବର୍ଗତ ମହାରଥୀ ମାଟି ପାଇଁ କାମ କରିଥିଲେ ବୋଲି ଜନସାଧାରଣ ତାଙ୍କୁ ୭ଥର ବିଧାୟକ ଭାବେ ନିର୍ବାଚିତ କରିଥିଲେ। କୋଭିଡ ସମୟରେ ଆମ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ବାପାଙ୍କ ଦେହ ଅସୁସ୍ଥ ଥିଲା କୋଭିଡ ହେବା ଭୟରେ ମା ଓ ମୁଁ ବାପାଙ୍କୁ ଅଟକାଇଥିଲା ହେଲେ ସେ କହିଥିଲେ ଏ ମାଟିରୁ ମୁଁ ପରିଚୟ ପାଇଛି, ମାଟିର ସୁଖଦୁଃଖରେ ଛିଡା ନହେଲେ ମୋର ଦାୟିତ୍ୱ ଠିକ୍ ଭାବେ ତୁଲାଇପାରିଲି ନାହିଁ



ଟିକେଟ୍ ପାଇବା ଓ ବିଜୟୀ ହେବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲି। ଯାଇଥିଲି । ମୁଖ୍ୟମନ୍ତ୍ରୀ ମତେ ଲୋକଙ୍କ ସୁଖଦୁଃଖରେ ଠିଆ ହେବା ସହିତ ବାପା ଯେଭଳି ମାଟି ପାଇଁ କାମ କରୁଥିଲେ ସେମିତି କାମ ଜାରି ରଖିବାକୁ କହିଥିଲେ।

## କାହା ପାଇଁ ସିଏମ୍‌ସିର ରାତ୍ରି ଆଶ୍ରୟ ସ୍ଥଳ ?

**କଟକ(ସଂପର୍କବାର୍ତ୍ତା):-** ସହରରେ ଗତ କିଛି ଦିନ ଧରି ରାତିର ତାପମାତ୍ରା ୧୨ ଡିଗ୍ରି ପାଖାପାଖି ରହୁଛି। ହାତଭଙ୍ଗା ଶୀତରେ ସହରର ବିଭିନ୍ନ ରାସ୍ତାକଡ଼ର ଫୁଟପାଥରେ ରାତି କାଟୁଛନ୍ତି ଶତାଧିକ ଅସହାୟ, ଭିକାରି ଓ ବାସହୀନ। ସେମାନଙ୍କୁ ସିଏମ୍‌ସିର ରାତ୍ର ଆଶ୍ରୟସ୍ଥଳରେ ମହାନଗର ନିଗମ ପକ୍ଷରୁ ଆଣି ରଖିବାର ବ୍ୟବସ୍ଥା ଥିବା ବେଳେ ଏହାକୁ ନିଗମ ପକ୍ଷରୁ ପାଳନ କରାଯାଉ ନାହିଁ। ରାସ୍ତାକଡ଼ରେ ଥଣ୍ଡା କାକରରେ ଲୋକେ ଶୋଉଥିବା ବେଳେ ନିଗମର ଆଶ୍ରୟସ୍ଥଳରେ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀ ସଂପର୍କୀୟ ରହିବା ସହିତ ଆଶ୍ରୟସ୍ଥଳର ଦାୟିତ୍ୱ ବୁଝୁଥିବା ଲୋକଙ୍କ ପରିଚିତ ଲୋକ ରାତି କାଟୁଛନ୍ତି। ମହାନଗର ନିଗମ ଅଞ୍ଚଳରେ ରହିଛି ୫ଟି ରାତ୍ରି ଆଶ୍ରୟସ୍ଥଳରେ ରଖିବାକୁ ସୁପ୍ରିମ କୋର୍ଟଙ୍କ ପକ୍ଷରୁ ୨୦୦୩ରେ ସମସ୍ତ ରାଜ୍ୟଙ୍କୁ କୁହାଯାଇଥିଲା। ମାନବାଧିକାର କମିସନଙ୍କ ନିର୍ଦ୍ଦେଶ କ୍ରମେ ୨୦୧୩ରେ ଏହାକୁ ଓଡ଼ିଶାରେ ପାଳନ କରାଗଲା। ଏହାପରଠୁ ସହରର ରାସ୍ତା କଡ଼ରେ ରହୁଥିବା ଅସହାୟଙ୍କୁ ରାତିରେ ଆଶ୍ରୟସ୍ଥଳିରେ ଆଣି ରଖିବାପାଇଁ ସିଐମ୍‌ସି ପକ୍ଷରୁ ଉଦ୍ୟମ ଆରମ୍ଭ ହେଲା। ନିଗମ ତରଫରୁ ସ୍ୱେଚ୍ଛାସେବୀଙ୍କ ସାହାଯ୍ୟରେ ଏହା କରାଗଲା। ମାତ୍ର ୩-୪ବର୍ଷ ଠିକ୍‌ଠାକ୍ ଚାଲିବା ପରେ ଏଥିରେ ଶୀଥିଳତା ଆସିଲା। ସହରର ବାଦାମବାଡ଼ି, ଲିଙ୍କରୋଡ଼, ବଜ୍ରକବାଟ ରୋଡ, କଲେଜ ଛକ, ରେଲଷ୍ଟେସନ, ମାଲଗୋଦାମ ଓଭର ବ୍ରିଜ୍, ଓଏମ୍‌ପି ଆଦି ସ୍ଥାନମାନଙ୍କରେ ଏବେ ହାତଭଙ୍ଗା ଶୀତରେ ଦେଢ଼ ଶହରୁ ଅଧିକ ଅସହାୟ ଖୋଲା ଆକାଶ ତଳେ ରାତି ବିତାଉଛନ୍ତି। ସିଏମ୍‌ସିର ୫ଟି ଆଶ୍ରୟସ୍ଥଳରେ ୨୧୮ଟିବେଡ୍ ରହିଛି। ମାତ୍ର ସିଏମ୍‌ସି ତରଫରୁ ବାସହୀନଙ୍କୁ ଏଠାରେ ଆଣି ରଖାଯାଉ ନଥିବାରୁ ବିଭିନ୍ନ ଆଶ୍ରୟସ୍ଥଳରେ ଅନେକ ବେଡ୍ ଖାଲି ପଡୁଛି। ଅସହାୟ ଓ ବାସହୀନ ରାତିରେ ଖୋଲା ଆକାଶ ତଳେ ରହିବା ଦ୍ୱାରା ସେମାନଙ୍କ ମାନବାଧିକାର ଉଲ୍ଲଘନ ହେଉଛି ବୋଲି ଆଇନଜୀବୀ ନିଶିକାନ୍ତ ମିଶ୍ର କହନ୍ତି। ଆଶ୍ରୟସ୍ଥଳକୁ ଅସହାୟଙ୍କୁ ଅଣାଯାଉଛି। ମାତ୍ର ବାହାରେ ସେମାନଙ୍କୁ ଖାଦ୍ୟରୁ ଆରମ୍ଭ କରି ବିଭିନ୍ନ ଜିନିଷ ମିଳୁଥିବାରୁ ସେମାନେ ଏଠାରେ ରହିବାକୁ ଅମଙ୍ଗ ହେଉଛନ୍ତି ବୋଲି ସିଏମ୍‌ସି ଡେପୁଟି କମିସନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ତି ଶତପଥୀ କହିଛନ୍ତି। ନିଗମର କିଛି ଆଶ୍ରୟସ୍ଥଳ ନିକଟରେ ବିଭିନ୍ନ କାର୍ଯ୍ୟାଳୟ ଥିବାରୁ ସେଠାରେ ଅସାମାଜିକଙ୍କ ଭିଡ଼ କମୁଛି ଏଥିପାଇଁ ରାତି ୯ଟା ପରେ ଗେଟ୍‌ରେ ତାଲା ପଡୁଛି। ମାତ୍ର ଭିତରେ କେନ୍ଦ୍ରର କର୍ମଚାରୀ ସଜାଗ ରହୁଛନ୍ତି ବୋଲି ଶ୍ରୀମତି ଶତପଥୀ କହନ୍ତି।

## ଖୁସି ଖବର-ଆସିଲା କରୋନା ଔଷଧ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କରୋନା ନୂଆ ଭାରିଆଣ୍ଟ ଓମିକ୍ରନକୁ ନେଇ ବିଶ୍ୱବ୍ୟାପୀ ଚିନ୍ତାର ବିଷୟ। ବ୍ରିଟେନ, ଆମେରିକା, ଇସ୍ରାଏଲ ସମେତ ଅନେକ ଦେଶରେ ଓମିକ୍ରନ ମାମଲା ବୃଦ୍ଧି ପାଉଛି। ଭାରତରେ ମଧ କରୋନା ଭାରିଆଣ୍ଟ ଧୀରେଧୀରେ ମାଡିଲାଣି । ଏହି ସମୟ ମଧରେ ଆମେରିକାରୁ ଏକ ଖୁସି ଖବର ଆସିଛି। କରୋନା ଔଷଧ ପାକ୍ସଲୋଭିଡ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମୋଦନ ଲାଭ କରିଛି।

ଏଠାରେ କୋଭିଡ ବିଷୟରେ ସମସ୍ତ ନୂତନ ଅପଡେଟଗୁଡିକୁ ପଢନ୍ତୁ

ଏହି ଔଷଧ ଖାଇବା ପରେ ରୋଗୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ଏବଂ ମୃତ୍ୟୁର




ସମ୍ଭାବନା ବହୁତ କମିଯିବ ବୋଲି ଦାବି କରାଯାଇଛି। ଆମେରିକା ଫାର୍ମା କମ୍ପାନୀ ଫାଇଜର ଦ୍ୱାରା ପ୍ରସ୍ତୁତ ହୋଇଛି ଏହି ପ୍ରଥମ କୋଭିଡ୍ ବଟିକା ପାକ୍ସଲୋଭିଡ । କରୋନା ମହାମାରୀରୁ ଏହା ସୁରକ୍ଷା ଦେବ। ଏହି ଆଣ୍ଟି ଭାଇରାଲ ଟାବଲେଟ ଫାର୍ମା କମ୍ପାନୀ ଫାଇଜର ପ୍ରସ୍ତୁତ କରିଥିବା ଆଣ୍ଟି ଭାରରାଲ କରୋନା ବଟିକା ପାକ୍ସଲୋଭିଡ କୁ ଆମେରିକାର ଫୁଡ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେନକୁ ମଧ ମାତ୍ ଦେବାରେ ସଫଳ ବୋଲି ଫାଇଜର ଦାବି କରିଛି। କମ୍ପାନୀ ଏହାର ଉତ୍ପାଦନ କ୍ଷମତା ୮୦ମିଲିଅନରୁ ୧୨୦ମିଲିଅନକୁ ବଢାଇଛି।କରୋନାର ଏହି ବଟିକା ଯୁକ୍ତରଷ୍ଟ୍ର ଆମୋରିକାରେ ତୁରନ୍ତ ବିତରଣ ଆରମ୍ଭ କରିବାକୁ ପ୍ରସ୍ତୁତ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୧୨ବର୍ଷରୁ ଅଧିକ ବୟସ୍କ ଲୋକ ଏହି ବଟିକା ଖାଇପାରିବେ । ସେପଟେ ଫାର୍ମା କମ୍ପାନୀ ମର୍କ ଆଣ୍ଡ କୋ ପ୍ରସ୍ତୁତ କରିଥିବା କରୋନା ଔଷଧକୁ ଫିଲି ପାଇନ୍ସରେ ମଧ ମଞ୍ଜୁରୁ ଦିଆଯାଇଛି।

## ପାରାଦୀପ ଇଫକୋ ୟୁନିଟ୍‌କୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ ପୁରସ୍କାର

### ଉଲ୍ଲେଖନୀୟ ଅବଦାନ ନିମନ୍ତେ ୟୁନିଟ୍ ହେଡ୍ କେ.ଜେ. ପଟେଲ୍ ସମ୍ମାନିତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ବିଶ୍ୱର ସର୍ବବୃହତ ଫସଫେଟିକ୍ ଫର୍ଟିଲାଇଜର ପ୍ଲାଣ୍ଟ ଇଫକୋ ପାରାଦୀପ ୟୁନିଟ୍‌ର ମୁଖ୍ୟ କେ.ଜେ.ପଟେଲ୍‌ଙ୍କୁ ୨୦୨୧ ମସିହା ପାଇଁ ମର୍ଯ୍ୟାଦାଜନକ କଳିଙ୍ଗ ବିଜିନେସ୍ ଏକ୍ସଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ୨୦୨୧ ମସିହା ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ ତଥା ବିଶ୍ୱ ମହାମାରୀ କରୋନା ସମୟରେ ଇଫକୋ ପାରାଦୀପ ୟୁନିଟ୍ ନିଷ୍ଠାପର ଭାବେ କୃଷକମାନଙ୍କ ନିମନ୍ତେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିଛି । ଯାହାରକି ସମସ୍ତ ଶ୍ରେୟ ଶ୍ରୀ ପଟେଲ ପାଇବା ପାଇଁ ହକ୍‌ଦାର । ତେଣୁ ତାଙ୍କର ଏହି ଅବଦାନ ନିମନ୍ତେ ତାଙ୍କୁ ଚଳିତ ବର୍ଷର କଳିଙ୍ଗ ବିଜିନେସ୍ ଏକ୍ସଲେନ୍ସ ସମ୍ମାନ ପ୍ରଦାନ କରାଯାଇଛି । ଏଥି ସହିତ ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସେଫ୍ଟି ଏକ୍ସିଲେନ୍ସ (ଗୋଲ୍ଡ) ପୁରସ୍କାର-୨୦୨୦ ପ୍ରଦାନ କରାଯାଇଛି । ଭୁବନେଶ୍ୱର ଠାରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି




ଡ.ସୂର୍ଯ୍ୟନାରାୟଣ ପାତ୍ର ଓ ବାଙ୍ଗଲାଦେଶର ଡେପୁଟି ହାଇକମିଶନର ତୌଫିକ୍ ହାସନ୍‌ଙ୍କ ଠାରୁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଓ ସମ୍ମାନ ଗ୍ରହଣ କରିଛନ୍ତି ଶ୍ରୀ ପଟେଲ୍ । ଭୁବନେଶ୍ୱର ଠାରେ ଇନଷ୍ଟିଚ୍ୟୁଟ୍ ଅଫ କ୍ୱାଲିଟି ଆଣ୍ଡ ଏନଭିରୋନମେଣ୍ଟ ମ୍ୟାନେଜ୍‌ମେଣ୍ଟ ସର୍ଭିସେସ୍ ଓ ଇନଷ୍ଟିଚ୍ୟୁଟ୍ ଅଫ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍ (ହାଇଦ୍ରାବାଦ) ଏବଂ ଓଡିଶା ଷ୍ଟେଟ୍ ପ୍ରଡକ୍ଟିଭିଟି କାଉନ୍‌ସିଲ୍ ଏହି ଭବ୍ୟ ସମାରୋହର ଆୟୋଜନ କରିଥିଲେ । ଦୁଇ ଦୁଇଟି କ୍ଷେତ୍ରରେ ପୁରସ୍କାର ହାସଲ କରିବା ପରେ ଇଫକୋ ପାରାଦୀପ ୟୁନିଟ୍‌ରେ ଖୁସିର ମାହୋଲ ସୃଷ୍ଟି କରିଛି । କାହାର ଦୃଷ୍ଟି ପଡି ନଥାଏ । ମାତ୍ର ସତ୍ୟସାଇ ସେବା ସଂଗଠନ ଯାହାକି ସେବା ପାଇଁ ସମଗ୍ର ବିଶ୍ୱରେ ପରିଚିତ, ଦିନ ଦୁଃଖୀଙ୍କ ପାଇଁ ସର୍ବଦା କାର୍ଯ୍ୟରତ ଥିବାବେଳେ ପାରାଦୀପ ଶାଖାର ସେବା ଦଳ ଭକ୍ତମାନେ ଶୀତ ପ୍ରକୋପରୁ ରକ୍ଷା ପାଇଁ ଫୁଟପାଥ ଓ ଅନ୍ୟାନ୍ୟ ସ୍ଥାନରେ ଶୀତରେ ଥରୁଥିବା ଦରିଦ୍ର ବେସାହାରା ଲୋକ ମାନଙ୍କୁ କମ୍ବଳ ଘୋଡାଇ ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ଯାହାକି ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଅନ୍ୟ ସଂଗଠନ ପାଇଁ ଉଦାହରଣ ସୃଷ୍ଟି କରିଛି ।

## ସରକାରଙ୍କର ରେକର୍ଡ ସଂଖ୍ୟକ ନିଯୁକ୍ତି

### ପୁଣି ୧୧,୪୦୩ ଶିକ୍ଷକଙ୍କ ଚାଲିଛି ପ୍ରସ୍ତୁତି

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶିକ୍ଷକ ନିଯୁକ୍ତିରେ ରେକର୍ଡ। ଆଉ ୧୧୪୦୩ ଶିକ୍ଷକ ପଦବୀ ପୂରଣ ପାଇଁ ଆରମ୍ଭ ହେଲା ଗୁଡିକର ୫ଟି ରୂପାନ୍ତର କାର୍ଯ୍ୟକ୍ରମରେ ରୂପାନ୍ତରଣ ସହିତ ଶିକ୍ଷକ ନିଯୁକ୍ତ ପାଇଁ ମଧ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୧୧୪୦୩ଶିକ୍ଷକ ପଦବୀ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହା ପୂର୍ବରୁ ରାଜ୍ୟରେ ଗୋଟିଏ ଦିନରେ ୬୧୩୧ ଜଣ ଶିକ୍ଷକକୁ ନିଯୁକ୍ତି ଦିଆଯାଇଥିଲୋ ଚିଳତ ବର୍ଷ ପ୍ରଥମେ ପର୍ଯ୍ୟାୟରେ ୪୬୧୯ଜଣ ହିନ୍ଦୀ, ସଂସ୍କୃତ ଓ କ୍ରୀଡା ଶିକ୍ଷକ ପଦବୀ ପୂରଣ ପାଇଁ ଅଗଷ୍ଟ ୧୩ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୭୨୦ଜଣ ଟିଜିଟି କଳା ଶିକ୍ଷକ ଓ ତେଲୁଗୁ ଶିକ୍ଷକ ପାଇଁ ଅଗଷ୍ଟ ୨୮ତାରିଖରେ ବିଜ୍ଞାପନ ପ୍ରକାଶ ପାଇଥିଲେ। ଶିକ୍ଷକତା ପାଇଁ ଆବଶ୍ୟକ ସଂଖ୍ୟାକ ପ୍ରର୍ଥୀ ମିଳୁନାହାନ୍ତି। କିପରି ଅଧିକ ସଂଖ୍ୟକ ପ୍ରାର୍ଥୀ ମିଳୁନାହାନ୍ତି। କିପରି ଅଧିକ ସଂଖ୍ୟକ ପ୍ରାର୍ଥୀ ଅଂଶ ଗ୍ରହଣ କରିପାରିବେ ତାକୁ ଦୃଷ୍ଟିରେ ରଖି ପରୀକ୍ଷା ଓ ନିଯୁକ୍ତି ନିୟାମାବଳୀରେ ସଂଶୋଧନ କରାଯାଇଛି। ଏହାସହିତ ବର୍ଦ୍ଧିତ ଛାତ୍ରଛାତ୍ରୀ ସଂଖ୍ୟା ଦୃଷ୍ଟିରୁ ଅଧିକ ୩୪୬୨ଟି ଶିକ୍ଷକ ପଦବୀ ମଧ ମଞ୍ଜୁର କରାଯାଇଛି। ଏବେଖାଲି ପଦବୀ ତଥା ନୂତନ ମଞ୍ଜୁରୀ ପ୍ରାପ୍ତ ପଦବୀକୁ ମିଶାଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୧୧୪୦୩ଶିକ୍ଷକ ପଦବୀ ପୂରଣ ପାଇଁ ନିଯୁକ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଏପ୍ରଲି ମାସ ସୁଦ୍ଧା ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ପାଇଁ ଲକ୍ଷ୍ୟ ରଖାଯାଇଛି।

## ସାମ୍ବାଦିକ ଗୟାଧର ମହାରଣାଙ୍କ ମାତୃ ବିୟୋଗରେ ଶୋକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର କାର୍ଯ୍ୟରତ ସାମ୍ବାଦିକ ଗୟାଧର ମହାରଣାଙ୍କ ମାଆ ହାରାମଣୀଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତା ହାରାମଣି ଦିର୍ଘଦିନ ହେବ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ଜଗତସିଂହପୁର ପୌରାଞ୍ଚଳର ୧୫ନମ୍ବର ୱାର୍ଡର କାଳିଆବୋରା ଗ୍ରାମର ସ୍ୱର୍ଗତ ବାଇଧର ମହାରଣାଙ୍କ ଧର୍ମପତ୍ନୀ ଥିଲେ।ସ୍ୱର୍ଗତା ହାରାମଣୀ ଜଣେ ପରୋପକାରୀ ଧର୍ମପରାୟଣ ମହିଳା ଭାବେ ବେଶ ପରିଚିତ ଥିଲେ। ତାଙ୍କ ବିୟୋଗରେ ଗ୍ରାମ



ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ତାଙ୍କ ନିକଟରେ ପୁଅ ସାମ୍ବାଦିକ ଗୟାଧର ମହାରଣା,ବୋହୁ ଗାୟତ୍ରୀ ମହାରଣା,ନାତି ଗୌତମ ମହାରଣା,ରଶ୍ମୀରଂଜନ ଓଝା.ଜ୍ୟୋତି ପ୍ରକାଶ ଓଝା,ନାତୁଣି ରୋଜାଲିନ ଓଝା ଉପସ୍ଥିତ ଥିଲେ। ହାରାମଣୀଙ୍କ ଶେଷକୃତ୍ୟ ଗ୍ରାମଶ୍ମଶାନରେ କରାଯାଇଥିଲା। ହାରାମଣୀଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ପହଞ୍ଚି ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଯୋବ୍ରା ମାତୃଭବନ ୩ କି.ମି. ପାଣି ସ୍ୱଚ୍ଛ ଅବଶିଷ୍ଟ ମଇଳା

**କଟକ(ସଂପର୍କବାର୍ତ୍ତା):-** କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନଂ ୫୫ ବିଦ୍ୟାଧରପୁର ନିକଟରେ କଟକ ସହରର ନର୍ଦ୍ଦମା ପାଣି ତାଳଦଣ୍ଡା କେନାଲରେ ମିଶୁଛି। ଏହି ନର୍ଦ୍ଦମା ପାଣଇ ମିଶିବା ଯୋଗୁ ପାଣି ବିଷାକ୍ତ ହେଉଥିବା ଅଭିଯୋଗ ହୋଇଛି। ବ୍ରିଟିଶ ଶାସନ କାଳରେ ନିର୍ମିତ ଏହି ୮୭ କିଲୋମଟିର ହୋଇ ଆସୁଥିଲେ। କିନ୍ତୁ କେନଲାକୁ ନର୍ଦ୍ଦମା ଏବଂ ଦୂଷିତ ପାଣି ଛଡ଼ା ଯିବା ଫଳରେ ଏହା ବିଷାକ୍ତ ହେବା ସହିତ ଏହି ପାଣି ବ୍ୟବହାର ଦ୍ୱାରା ଚାଷ ଜମିର ଉତ୍ପାଦନ କ୍ଷମତା ହେବା ସହିତ ଏହି ପାଣି ବ୍ୟବହାର ଦ୍ୱାରା ଚାଷ ଜମିର ଉତ୍ପାଦନ କ୍ଷମତା ହ୍ରାସ ହୋଇ ଚାଲିଛି। ଏବେ କେନାଲ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିଲେ ବି ତାହା ଏବେ ମାତ୍ର ୩ କିଲୋମିଟର ମଧ୍ୟରେ ସୀମିତ ରହିଛି। ରାଣୀହାଟ ପାଖରେ କଟକ ବଡ଼ମେଡ଼ିକାଲରୁ ବାହାରି ତାଳଦଣ୍ଡା କେନାଲରେ ମିଶୁଥିବା ଦୁଇ ଜାଗାର ବର୍ଜ୍ୟ ବସ୍ତୁ ଓ ମାତୃଭବନ ପର୍ଯ୍ୟନ୍ତ ୪ଟି ଜାଗାର ନର୍ଦ୍ଦମା ପାଣି ତାଳଦଣ୍ଡା କେନାଲ ଭିତରକୁ ବନ୍ଦ କରାଯାଇଛି ବୋଲି ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ରାକେଶ ଚନ୍ଦ୍ର ମହାନ୍ତି କହିଛନ୍ତି। ପ୍ରଥମ ପର୍ଯ୍ୟାଲୋଚନା ଯୋବ୍ରା ଠାରୁ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ୨୩କୋଟି ଟଙ୍କା ତାଳଦଣ୍ଡା ପୁନରୁଦ୍ଧାର କାର୍ଯ୍ୟ କରିବାକୁ ଯୋଜନା ରହିଛି। ମାନବିକ ଅଧିକାର କମିସନ ଏପଟେ କେନାଲକୁ ବର୍ଜ୍ୟ ଜଳ ନ ଛାଡ଼ିବାକୁ ସିଏମସିକୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ଯୋବ୍ରାଠାରୁ ମାତୃଭବନ ପର୍ଯ୍ୟନ୍ତ ୬ ଜାଗାରୁ କେନାଲରେ ମିଶୁଥିବା ବର୍ଜ୍ୟ ଜଳକୁ ବନ୍ଦ କରାଯାଇଛି। ବିଦ୍ୟାଧରପୁଠାରେ କଟକ ସହରର ଯାବତୀୟ ନର୍ଦ୍ଦମା ପାଣି ସିଧାସଳଖ ମିଶୁଥିବା ସଂପର୍କରେ ପଚାରିବାରୁ ସେ କହିଛନ୍ତି ଯେ ଏ ଦିଗରେ ସିଏମସି କର୍ତ୍ତୃପକ୍ଷ ପଦକ୍ଷେପ ନେବା ଆବଶ୍ୟକ। ଜଗତପୁର ଠାରେ ମୃତ୍ତିକା ପରିକ୍ଷର କେନ୍ଦ୍ରର ରସାୟନବିତ୍ତ ହିରଣ୍ମୟୀ ଷଡ଼ଙ୍ଗୀ କହିଛନ୍ତି ଯେ ତାଳଦଣ୍ଡା କେନାଲ ନର୍ଦ୍ଦମା ମିଶ୍ରିତ ପାଣି ଚାଷ ଜମିରେ ମିଶି ମାଟିରେ ଅମ୍ଳ ଓ ଏସିଟିଟି ଅଧିକ ପରିମାଣରେ ମିଳୁଥିବାରୁ ତାହାର ବ୍ୟବହାର ଦ୍ୱାରା ଫସଲ ଉତ୍ପାଦନ କମିଯାଉଛି। ଏନ୍. ଆଇ.ଆର ଆଜିର ବୈଜ୍ଞାନିକ ଡକ୍ଟର ବିପିନ୍ ବିହାରୀ ପଣ୍ଡା କହିଛନ୍ତି ଯେ ଦୀର୍ଘ ଦିନ ଧରି ନର୍ଦ୍ଦମା ମିଶ୍ରିତ ପାଣି ମାଟିରେ ମିଶିଲେ ଗଛ ମାଟିରୁ ଜୀବସାର ଗ୍ରହଣ କରି ନପାରି ରୋଗଗ୍ରସ୍ତ ହେବ। ସେ ମାଟିରେ ଫସଲ ହେବ ନାହିଁ। ଏହି ମାଟିରେ ଫଳୁଥିବା ପନିପରିବା ଓ ଫଳ ଖାଇଲେ ସୂତ୍ରକୃତି ଟେନିଆସିଲା ଭଳି ରୋଗ ହେବ ବୋଲି କହିଛନ୍ତି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ମଧୁସୂଦନ ସୁବୁଦ୍ଧି କହିଛନ୍ତି ଯେ ଏହି ପାଣି ବ୍ୟବହାର କରି ଅନେକ ସମୟରେ ଗୋରୁଗାଇ ଓ ଅନ୍ୟ ପ୍ରାଣୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ବିଦ୍ୟାଧରପୁର ପାଖରେ ରୋଲଟାସ୍ ତାଣ୍ଟିଆ ଦ୍ୱାରା ନିର୍ମାଣ କରାଯାଉଥିବା ପମ୍ପ ହାଉସ୍ ସାହାଯ୍ୟରେ ବର୍ଷା ଦିନେ ତାଳତଣ୍ଡାକୁ ନର୍ଦ୍ଦମା ପାଣି ନିଷ୍କାସନ କରୁଥିବା ବେଳେ ଅନ୍ୟ ସମୟରେ ଲୁହା କବାଟ ଖୋଲି ସିଧାସଳଖ ଛାଡୁଛନ୍ତି। ତେଣୁ ଏ ଦିଗରେ ସିଏମ୍‌ସି କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକଙ୍କୁ ପକ୍ଷରୁ ଦାବି ହୋଇଛି।

## ରାଧାନଗର ବିଦ୍ୟାଳୟରେ ଗୋପବନ୍ଧୁ ପ୍ରତିମୂର୍ତ୍ତି ଉନ୍ମୋଚନ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଥିଲେ ତ୍ୟାଗର ପୂର୍ତ୍ତିମନ୍ତ ପ୍ରତୀକ। ତାଙ୍କରି ଆଦର୍ଶରେ ଛାତ୍ରଛାତ୍ରୀମାନେ ଅନୁପ୍ରାଣିତ ହେଲେ ସେମାନେ ଦେଶର ଶ୍ରେଷ୍ଠ ନାଗରିକ ହୋଇପାରିବେ। ଶିକ୍ଷା ହେଉଛି ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଷ୍ଠ ସମ୍ପଦ। ଶିକ୍ଷାର ଉନ୍ନତି ସମାଜର ଉନ୍ନତି ଅସମ୍ଭବ ବୋଲି ଅନୁଭବ କରି ପଣ୍ଡିତ ଗୋପବନ୍ଧୁ ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ବୋଲି ଆଜି ରଘୁନାଥପୁର ବ୍ଲକ ଅନ୍ତର୍ଗତ ଗୁଆଳିପୁର ପଂଚାୟତର ରାଧାନଗର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସ୍ଥାପିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିକୁ ରଘୁନାଥପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର କୁମାର ନାୟକ ଉନ୍ମୋଚନ କରି ଏହା କହିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଗୁଆଳିପୁର ପଂଚାୟତ ସରପଂଚ ଜାନକୀ ବଲ୍ଲଭ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ରହିଲେ ସେମାନଙ୍କ ପାଖରେ କୌଣସି କାର୍ଯ୍ୟ ଅସମ୍ଭବ ରହିବ ନାହିଁ ବୋଲି କହିଥିଲେ। ଛାତ୍ରଛାତ୍ରୀମାନେ ପାଠପଢି ଚାକିରୀ କରିବା ସହିତ ସମାଜର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ରଘୁନାଥପୁର ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ, ଜାତିରପିତା ମହାତ୍ମା ଗାନ୍ଧୀ, ନେତାଜୀ ସୁବାଷ, ଉତ୍କଳ ଗୌରବ ମଧୁ ବାବୁ ଏବଂ ସମସ୍ତ ମହାପୁରୁଷ ମାନଙ୍କର ଜୀବନିକୁ ପଢି ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ସମ୍ମାନୀତ



ଅତିଥିଭାବେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ପଣ୍ଡିତ ଗୋପବନ୍ଧୁ କେବଳ ଉତ୍କଳର ମଣି ନଥିଲେ, ସେ ଥିଲେ ବିଶ୍ୱର ମଣି ବୋଲି କହିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସମାଜ କାଗଜର ମାଲିକ ହେଉଛନ୍ତି ପ୍ରତ୍ୟେକ ଓଡିଆ ଏବଂ ଏହି ସମାଜର ଲାଭାଂଶ ଗରିବ, ଅବହେଳିତ, ନଷ୍ପେଷିତ ଅର୍ଥ ଅଭାବରୁ ଚିକିତ୍ସା ପାଇ ପାରୁନଥିବା ଲୋକମାନଙ୍କୁ ଚିକିତ୍ସା ନିମନ୍ତେ ଅର୍ଥ ଯୋଗାଇବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ ଓ ବନ୍ୟା, ବାତ୍ୟା, ମରୁଡି, ଘରପୋଡି ବିପନ୍ନ ଲୋକମାନଙ୍କୁ ରିଲିଫ ଆକାରରେ ସହାୟତା ଯୋଗାଇ ଦିଆଯାଉଅଛି ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ଏଥିରେ ଅନ୍ୟତମ ସମ୍ମାନୀତ ଅତିଥିଭାବେ ମୋ ସ୍କୁଲ ଅଭିଯାନ ସଭାପତି ଫକିର ଚରଣ ସ୍ୱାଇଁ ଯୋଗଦେଇ ଛାତ୍ରଛାତ୍ରୀମାନେ ପିତା, ମାତା ଓ ଗୁରୁଙ୍କ ପ୍ରତି ଶ୍ରଦ୍ଧା ଭକ୍ତି ରଖି ପାଠ ପଢିଲେ ସେମାନେ ଦେଶର ଶ୍ରେଷ୍ଠ ନାଗରିକ ହୋଇପାରିବେ ବୋଲି କହିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଭୁଦାନନ୍ଦ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ସୋନା ମହାନ୍ତି, ଶିକ୍ଷକନେତା ଉମେଶ କୁମାର ନାୟକ, ଲକ୍ଷ୍ମୀପ୍ରିୟା କୁଅଁର, ଶିକ୍ଷୟିତ୍ରୀ ମେନକା ସାହୁ, ଶିକ୍ଷୟିତ୍ରୀ ସୋନାଲି ପ୍ରିୟଦର୍ଶିନୀ ବିଶ୍ୱାଳ, କବିତା ମୁଦୁଲି ପ୍ରମୁଖ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ତାଙ୍କର ଜୀବନକୁ ଓଡିଆ ଜାତିର ଉନ୍ନତି ପାଇଁ ଏବଂ ଓଡିଶାର ଉନ୍ନତି ପାଇଁ ସମର୍ପି ଦେଇଥିଲେ ବୋଲି କହିଥିଲେ। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ବିଦ୍ୟାଳୟର ପୂର୍ବତନ ଶିକ୍ଷକ ରାଖାଲ ଚନ୍ଦ୍ର ସ୍ୱାଇଁ, ନିରଂଜନ ଜେନା, ସୁବଳ ପ୍ରସାଦ ସ୍ୱାଇଁ, ସୁରେନ୍ଦ୍ରନାଥ ପଲେଇ, ପରିକ୍ଷିତ ସ୍ୱାଇଁ, ଶିକ୍ଷୟିତ୍ରୀ ଶାରଳା କୁମାରୀ ରାଉତ ପ୍ରମୁଖଙ୍କୁ ମୁଖ୍ୟଅତିଥି ସରପଂଚ ଶ୍ରୀ ସ୍ୱାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ପାଦକୀୟ

## ବିଭ୍ରାନ୍ତକାରୀ ନିରଞ୍ଜନ

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ପସନ୍ଦ କରୁନାହାଁନ୍ତି ଦଳର କଟକ ବାରବାଟୀ ବିଧାୟକ ମହମ୍ମଦ ମୋକିମ୍। ସଭାପତି ଭାବେ ତାଙ୍କର କାର୍ଯ୍ୟକୁ ମୋକିମ୍ ନିନ୍ଦା କରୁଛନ୍ତି। ଏଥିସହ ଦଳକୁ ବର୍ତ୍ତମାନ ପରିସ୍ଥିତିରେ କେଉଁ ନେତୃତ୍ୱର ଆବଶ୍ୟକ ରହିଛି ସେ ତାହା ପିସିସି ସଭାପତି ଦେଇପାରୁନାହାଁନ୍ତି ବୋଲି ମଧ୍ୟ ମୋକିମ୍ କହୁଛନ୍ତି।

ଦଳରେ ନେତୃତ୍ୱ ସଂକଟ ଦେଖାଦେଇଛି। ସାଂଗଠନିକ ପରିବର୍ତ୍ତନ ପାଇଁ ବିଧାୟକମାନେ ନୂଆବର୍ଷର ପ୍ରଥମ ସପ୍ତାହରେ ଦିଲ୍ଲୀ ଯାଇ ରାହୁଲ ଗାନ୍ଧୀଙ୍କ ସହ ଆଲୋଚନା କରିବେ ବୋଲି ମୋକିମ୍ ସୂଚନା ଦେଉଛନ୍ତି। ନିରଞ୍ଜନଙ୍କର ବାସ୍ତବରେ ସଭାପତି ପଦ ଛାଡିବାକୁ ଆଗ୍ରହ ନାହିଁ। ଇସ୍ତଫା ଦେବା ଓ ତାହା ଗୃହିତ ହେଉନଥିବା କହି ଦଳୀୟ କର୍ମୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ମଧ୍ୟ ମୋକିକ୍ ମତ ରଖୁଛନ୍ତି।

## ମୋକିମ୍‌ଙ୍କ ରୋକ୍‌ଠୋକ୍

ଏକ ଘରୋଇ ଟିଭି ଚ୍ୟାନେଲ୍‌କୁ ନିକଟରେ ସାକ୍ଷାତ୍‌କାର ଦେବା ଅବସରରେ ଏଭଳି ବିଷୋଦ୍‌ଗାର କରିଛନ୍ତି କୁଆଡେ ମୋକିମ୍। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଯାଇ ଯୋଗଦେବା ଓ କଂଗ୍ରେସ ଭବନରେ ପଶି ପୋଲିସ୍ ଆକ୍ରମଣ କରିବା ଭଳି ଘଟଣାରେ ସଭାପତିଙ୍କ ପଦକ୍ଷେପ ଠିକ୍ ହୋଇନାହିଁ ବୋଲି କହିବାକୁ ପଛାଇନାହାଁନ୍ତି। ପୁରୀରେ ଶ୍ରୀ ଜଗନ୍ନାଥଙ୍କ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିମନ୍ତ୍ରଣ କ୍ରମେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଘଟଣାରେ ବିଧାୟକ କହିଛନ୍ତି, ସଭାପତିଙ୍କ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବାର ନଥିଲା। ବାସ୍ତବରେ ସେ ଯଦି ଟିକେ ଚିନ୍ତା କରିଥାନ୍ତେ ହୁଏତ ଯାଇନଥାନ୍ତେ। ତାଙ୍କର କାର୍ଯ୍ୟକ୍ରମରେ ଯୋଗଦେବା ଘଟଣା ସାଧାରଣରେ କଂଗ୍ରେସ କର୍ମୀଙ୍କ ମନରେ ଆଘାତ ଦେଇଛି ବୋଲି ମୋକିମ୍ ମତ ରଖିଛନ୍ତି।




ମମିତା ମେହେର ଘଟଣାରେ ଦଳ ଭିତରେ ଏବେ ସାମଞ୍ଜସ୍ୟ ରହିପାରୁନାହିଁ। ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ମହିଳା କଂଗ୍ରେସ ଭିତରେ ସମନ୍ୱୟ ନାହିଁ। ବର୍ତ୍ତମାନ ନେତୃତ୍ୱର ଅଭାବ ଯୋଗୁଁ ଏଭଳି ଘଟଣା ଦେଖିବାକୁ ମିଳୁଛି। କଂଗ୍ରେସ ଭବନକୁ ପୋଲିସ୍ ଧସେଇ ପସିବା ଓ ମାଡ ମାରିବା ଘଟଣାରେ ପିସିସି ସଭାପତିଙ୍କର ଆବଶ୍ୟକ ଥିଲା ଯେ, କଂଗ୍ରେସ ଭବନ ସମ୍ମୁଖରେ ଧାରଣାରେ ବସିଥାନ୍ତେ। ଆମେମାନେ ସମସ୍ତେ ହଜାର ହଜାର ସଂଖ୍ୟାରେ ଆସି ୨/୩ ଦିନ ଧରି ବସି ରହିଥିଲେ ସରକାର ଆମ ପାଖରେ ଆଣ୍ଠେଇଥାନ୍ତେ। ସରକାର ଭୁଲ୍ ମାଗିବାକୁ ବାଧ ହୋଇଥାନ୍ତେ ଓ ପରବର୍ତ୍ତୀ ସମୟରେ କଂଗ୍ରେସ ଭବନ ଓ ଦଳ କାର୍ଯ୍ୟାଳୟକୁ ପୋଲିସ୍ ପଶିନଥାନ୍ତା।


ସମ୍ପାଦକ

ନେତୃତ୍ୱର ଅଭାବ ଯୋଗୁଁ ଏଭଳି ଘଟଣା ଘଟୁଛି। ଏଥିପାଇଁ ବିଧାନସଭା ଅଧିବେଶନ ସମୟରେ ଦଳର ସବୁ ବିଧାୟକ ବସି ଆଲୋଚନା କରିଥିଲେ। ଏହି ଘଟଣାକୁ ଦଳର ମୁଖିଆ ରାହୁଲ୍ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ସେମାନଙ୍କ ସହ ଆଲୋଚନା କରାଯିବ। ଦଳର ସଂଗଠନକୁ ଆଗକୁ ନେବାକୁ ହେଲେ ଆମୁଳଚୂଳ ପରିବର୍ତ୍ତନ କରାଯିବା ଦରକାର। ଓଡ଼ିଶାରେ ନେତୃତ୍ୱ ବିଷୟରେ ଆଲୋଚନା କରାଯିବ। ଜାନୁଆରୀ ପ୍ରଥମ ସପ୍ତାହରେ ବିଧାୟକମାନେ ଦିଲ୍ଲୀରେ ଯାଇ ଆଲୋଚନା କରିବେ।

ପିସିସି ସଭାପତି ପଦରୁ ନିରଞ୍ଜନ ପଟ୍ଟନାୟକ ଇସ୍ତଫା ଦେବା ଓ ତାହା ଗୃହିତ ହୋଇନଥିବାରୁ ସେ ପଦବୀ ବଜାୟ ରଖିବା ଘଟଣାରେ ମୋକିମ୍ କହିଛନ୍ତି ଇସ୍ତଫା ଦେବା କହିବା ଓ ତାକୁ କାର୍ଯ୍ୟରେ ପରିଣତ ନ କରିବା, ଏଥିରୁ ଜଣାପଡୁଛି ମନରେ ଅଭିଳାସ ଭିନ୍ନ ରହିଛି। ଏହା ଦ୍ୱାରା ଦ୍ୱନ୍ଦ ସୃଷ୍ଟି ହେଉଛି। ଉତ୍ତର ଦାୟିତ୍ୱର ବ୍ୟବସ୍ଥା ରହୁନାହିଁ। ଫଳରେ କଂଗ୍ରେସରେ ଠିକ୍ ଦିଗରେ ଗତି କରୁପାରୁନାହିଁ। ଏହାଦ୍ୱାରା ଦଳର କ୍ଷତି ହେଉଛି, ଯେଉଁଥି ଲାଗି ଉପ-ନିର୍ବାଚନଗୁଡିକରେ ଦଳ ଖରାପ କରିଚାଲିଛି। ଦଳର ଲକ୍ଷ ଲକ୍ଷ କର୍ମୀଙ୍କୁ ଦ୍ୱନ୍ଦରେ ପକାଇ ରଖିବା ଓ ସେମାନଙ୍କ ଭବିଷ୍ୟତ ସହ ଖେଳିବା ଉଚିତ୍ ନୁହେଁ। ଏହା ଉପରେ ସେ ନିଜେ ନିଷ୍ପତ୍ତି ନେବା କଥା। ରହିବେ କି କାମ କରିବେ ସେ ନେଇ ଏକ ସ୍ୱଷ୍ଟ ବାର୍ତ୍ତା ଦେବା କଥା। ମୁଁ ଇସ୍ତଫା ଦେଇଛି, ମୋର ଗୃହିତ ହୋଇନାହିଁ ଏଭଳି ବାର୍ତ୍ତା ଦେଇ ବିଭ୍ରାନ୍ତ କରିବା ଉଚିତ୍ ନୁହେଁ। **ରାହୁଲ୍ ଗାନ୍ଧୀ ଇସ୍ତଫା ଦେବା ପରେ ଆଉ ଯିଏ ଯାହା ତାଙ୍କୁ ଅନୁରୋଧ କଲେ ବି ସେ ପଦରେ ରହିଲେ ନାହିଁ।** ତେଣୁ ଦଳକୁ କ୍ଷତି ପହଞ୍ଚାଇବା ଉଚିତ୍ ନୁହେଁ। ନିରଞ୍ଜନଙ୍କର ଏକ ଅଡିଓ ଜାରି ହୋଇଥିଲା। ଯେଉଁଥିରେ ମହମ୍ମଦ ମୋକିମ୍ ସଭାପତି ହେବା ପାଇଁ ଗଣ୍ଡଗୋଳ କରୁଛନ୍ତି ବୋଲି ସେ ମତ ରଖିଥିଲେ। ଏହା ଉପରେ ଉଠିଥିବା ପ୍ରଶ୍ନର ଉତ୍ତରରେ ମୋକିମ୍ କହିଥିଲେ ଯେ, ସଭାପତିଙ୍କର ବୟସ ଅଧିକ ହୋଇଯାଇଛି, ତେଣୁ ସେ ଅସହାୟତା ପ୍ରକାଶ କରୁଛନ୍ତି। ଦଳର ସଂଗଠନ ଓ ମୁଖ୍ୟ ହିସାବରେ ତାଙ୍କର ଏପରି କରିବା ଉଚିତ୍ ନଥିଲା। ସେ କହିଛନ୍ତି ଦଳ ଏବେ ଦିଗହରା ଅବସ୍ଥାରେ ଚାଲିଛି। ସାରା ଓଡ଼ିଶାରେ କଂଗ୍ରେସ ଲୋକମାନେ ସେମାନଙ୍କୁ ଅନାଇ ରହିଛନ୍ତି ଯେ, ବିଧାୟକମାନେ କ'ଣ କରୁଛନ୍ତି। ସେଥି ପାଇଁ ଆଲୋଚନା କରି ଦିଲ୍ଲୀ ଯିବାକୁ ନିଷ୍ପତ୍ତି ନେଇଛୁ। ଦଳର ରଣନୀତି ଅଭାବ ଯୋଗୁଁ ବିଧାୟକ ଓ ସାଂସଦଙ୍କ ସଂଖ୍ୟା କମିଛି ବୋଲି ମୋକିମ୍ ମତ ରଖିଛନ୍ତି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ସ୍ୱାସ୍ଥ୍ୟ ସଞ୍ଜୀବନୀ-୨୦୨୧ ଓ ଓଡ଼ିଶା

୨୦୨୧ରେ ଓଡ଼ିଶା ସ୍ୱାସ୍ଥ୍ୟ ସେବାରେ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କେବଳ ଏକ ସରକାରୀ କାର୍ଯ୍ୟକ୍ରମ ନୁହେଁ ବରଂ ଖଟିଖିଆ ମଣିଷଙ୍କ ପାଇଁ ସଞ୍ଜୀବନୀ ଭାବେ ପ୍ରମାଣିତ ହୋଇସାରିଛି। ଅର୍ଥ ଅଭାବରୁ କେହି ଚିକିତ୍ସାରୁ ବଞ୍ଚିତ ହେବେନାହିଁ। ପୁରୁଷଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ବ୍ୟବସ୍ଥା ହୋଇଥିଲା ବେଳେ ମହିଳା ମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟବସ୍ଥା ହୋଇଛି। ରାଜ୍ୟର ୯୬ ଲକ୍ଷ ପରିବାରର ସାଢ଼େ ତିନିକୋଟି ଦରିଦ୍ର ଜନସାଧାରଣ ବିଏସ୍‌କେୱାଇରେ ସାମିଲ ହୋଇଛନ୍ତି। ଏ ପର୍ଯ୍ୟନ୍ତ ସରକାର ୨୭୮ କୋଟି ଟଙ୍କାର ଆର୍ଥିକ ସହାୟତା ଦେଇଥିବାବେଳେ ୨ଲକ୍ଷ ଲୋକ ସ୍ମାର୍ଟ କାର୍ଡ଼ରେ ଚିକିତ୍ସିତ ହେଲେଣି।

ଦେଶକୁ ଦେଲା ଅମ୍ଳଜାନ : ମହାମାରୀ ସମୟରେ ରାଜ୍ୟକୁ ମାନବିକତାର ହାତ ବଢାଇଥିଲା ଓଡ଼ିଶା। ଦ୍ୱିତୀୟ ଲହର ସମୟରେ ବଡ଼ ବଡ଼ ରାଜ୍ୟ ଓ ମହାନଗରରେ ଅମ୍ଳଜାନର ଘୋର ଅଭାବ ଦେଖା ଦେଲା। ଅମ୍ଳଜାନ ନ ପାଇ ଲୋକେ ଛଟପଟ ହୋଇ ପ୍ରାଣ ହରାଇଲେ। ଦେଶର ରାଜଧାନୀ ଦିଲ୍ଲୀରେ ସବୁଠାରୁ ଅଧିକ ଲୋକ ପ୍ରାଣ ହରାଇଲେ। କିନ୍ତୁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ଆଲୋକବର୍ତ୍ତିକା ସାଜିଥିଲା ଓଡ଼ିଶା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଏଥିରେ ହସ୍ତକ୍ଷେପ କରିଥିଲେ। ତୁରନ୍ତ ରାଜ୍ୟ ସରକାର ବିଭିନ୍ନ ରାଜ୍ୟକୁ ସମ୍ପୂର୍ଣ୍ଣ ମାଗଣାରେ ଅମ୍ଳଜାନ ଯୋଗାଣ ଆରମ୍ଭ ହୋଇଥିଲା। ରାଜ୍ୟରେ ଅଭାବ ଦୂର କରିବା ସହ ଅନ୍ୟ ରାଜ୍ୟର ଡାକ୍ତରଖାନାରେ ଅମ୍ଳଜାନର ଆବଶ୍ୟକତା ପୂରଣ ହୋଇଥିଲା। ରାଜ୍ୟରେ ଥିବା ଶିଳ୍ପ ସଂସ୍ଥାଙ୍କ ସହ ସମନ୍ୱୟ ରକ୍ଷା କରି ଅମ୍ଳଜାନ ପଠାଇବା ବ୍ୟବସ୍ଥା ହେଲା।

ଲଢ଼େଇର ୩୬୫ ଦିନ : ଆଉ ମାତ୍ର କେଇଟା ଦିନ, ଏ ବର୍ଷ ବି ସରିଯିବ। ଏହି ବର୍ଷକ ଭିତରେ ସ୍ୱାସ୍ଥ୍ୟ କ୍ଷେତ୍ର ହିଁ ସବୁଠାରୁ ଅଧିକ ଘଟଣାବହୁଳ ଥିଲା। ସବୁଦିନ ସକାଳରୁ ରାତି, ରାତିରୁ ସକାଳ ଗୋଟେ ଲୋକ ଅତି କମରେ ୫/୧୦ଥର କରୋନା ସମ୍ପର୍କରେ ଚିନ୍ତା କରି ଭୟଭୀତ ହୋଇଥିବ। ଦେଶର ବହୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଓଡ଼ିଶା ସରକାର ଅକ୍ସିଜେନ ପଠାଇଥିଲେ। କେବଳ କରୋନା ମୁକାବିଲା ନୁହେଁ, ଏ ବର୍ଷ ସରକାର ଏକ କାଳୀନ ୭୮୭୬ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ। ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ବିଶ୍ୱସ୍ତରୀୟ କରିବା ପାଇଁ କାମ ଆରମ୍ଭ ହୋଇଛି। ଏହାବାଦ୍ ଜିଲ୍ଲାସ୍ତରରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରାଯାଇଛି। ଦକ୍ଷ ମାନବସମ୍ବଳଙ୍କୁ ନିଯୁକ୍ତି ମିଳିଛି। ଏ ବର୍ଷ ପୁରୀ ମେଡ଼ିକାଲ କଲେଜ ନାମଲେଖା ପାଇଁ ପ୍ରସ୍ତୁତ ହୋଇଛି। ଏସସିବି ମେଡ଼ିକାଲ କଲେଜରେ ଇକ୍‌ମୋ ସପୋର୍ଟ ସିଷ୍ଟମ ଆରମ୍ଭ ହୋଇଛି। ଏ ବର୍ଷ କରୋନା ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମେ ଟିକାର ଅଭାବ ଦେଖାଦେବାରୁ ରାଜ୍ୟ ସରକାର ନିଜେ ଟିକା କିଣିବା ପାଇଁ ଗ୍ଲୋବାଲ ଟେଣ୍ଡର କରିଥିଲେ।

ପ୍ରତି ମେଡ଼ିକାଲରେ ପିଏସ୍‌ଏ ପ୍ଲାଣ୍ଟ : ରାଜ୍ୟରେ ଅମ୍ଳଜାନର ଉପଲବ୍ଧତାକୁ ଶତ ପ୍ରତିଶତ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଆଉ ଏକ ପାଦ ଆଗକୁ ବଢ଼ିଛନ୍ତି ରାଜ୍ୟ ସରକାର। କରୋନାରେ ଦ୍ୱିତୀୟ ଲହରୀରେ ଅମ୍ଳଜାନ ସଙ୍କଟ ଦେଶରେ ହାହାକାର ପରିସ୍ଥିତି ସୃଷ୍ଟି କରିଥିବାବେଳେ ଓଡ଼ିଶା କିନ୍ତୁ ଏହାର ସଫଳ ମୁକାବିଲା କରିଥିଲା। ରାଜ୍ୟରେ ୨୦ଟି ଚାପ ଅବଶୋଷଣ ପ୍ରଣାଳୀରେ ଅମ୍ଳଜାନ ଉତ୍ପାଦନ ବ୍ୟବସ୍ଥା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦ଟି ପିଏସଏ ପ୍ଲାଣ୍ଟ ଦ୍ୱାରା ମିନିଟ ପ୍ରତି ୨୪ ହଜାର ଲିଟର ମେଡ଼ିକାଲ ଅକ୍ସିଜେନ ଉତ୍ପାଦିତ ହୋଇପାରିବ।

ଟିକାଦାନରେ କୀର୍ତ୍ତିମାନ : ରାଜ୍ୟରେ ବର୍ତ୍ତମାନ ଟିକାଦାନ ପ୍ରକ୍ରିୟା ଜୋରଦାର ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୪ କୋଟି ୭୫ ଲକ୍ଷ ଡୋଜ ଟିକା ଦିଆଯାଇ ସାରିଥିବାବେଳେ ଡିସେମ୍ବର ଶେଷ ସୁଦ୍ଧା ପ୍ରତି ଲୋକଙ୍କୁ ଗୋଟିଏ ଲେଖାଏଁ ଡୋଜ ଦେବାର ଲକ୍ଷ୍ୟ ରଖାଯାଇଛି। ଜାତୀୟ ସ୍ତରରେ ଟିକା ଦେବା ତାଲିକାରେ ଓଡ଼ିଶା ଉନ୍ନତ ସ୍ଥାନରେ ଥିବାବେଳେ ଟିକା ଅପଚୟ ରୋକିବାରେ ମଧ୍ୟ ରାଜ୍ୟ ଶୀର୍ଷରେ ରହିଛି। ରାଜ୍ୟରେ ପ୍ରାୟ ୪୦ ଲକ୍ଷ ଡୋଜ ଟିକା ଅପଚୟ ରୋକାଯାଇଥିବା ବେଳେ ଏହି ଟିକାକୁ ଅନ୍ୟ ମାନଙ୍କୁ ଦେବାରେ ସଫଳ ହୋଇଛି।

ଅଙ୍ଗଦାନ କ୍ଷେତ୍ରରେ ନୂଆ ଉଦାହରଣ : ବିଶ୍ୱ ଅଙ୍ଗଦାନ ଦିବସରେ ଅଙ୍ଗଦାନ କରି ଲୋକଙ୍କୁ ନୂଆ ଜୀବନ ଦେବା ପାଇଁ ଅନେକ ଲୋକ ବକ୍ତବ୍ୟ ଦେଇଥାନ୍ତି। କିନ୍ତୁ ଓଡ଼ିଶାର ଏକ ସାଧାରଣ ପରିବାର ଏହି ଦିନରେ ସମସ୍ତଙ୍କ ଆଗରେ ନୂଆ ଉଦାହରଣ ରଖିଥିଲା। ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ତିହିଙ୍ଗିପାଲି ଗ୍ରାମର ଚମ୍ପାବତୀ ପ୍ରଧାନ ନାମକ ଜଣେ ୮୩ ବର୍ଷୀୟ ମହିଳା ଘରୋଇ ଡାକ୍ତରଖାନାରେ ପ୍ରାଣ ହରାଇଥିଲେ। ଅଙ୍ଗଦାନ ନିମନ୍ତେ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ସୁରଜ ଆୱାର୍ଡ଼ ପ୍ରଦାନ କରି ଆସୁଛନ୍ତି।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ଦୂରଭାଷ : ୯୪୩୭୦୫୧୯୫୭

କ୍ୟାନସର କେୟାର : କଟକ ଆଚାର୍ଯ୍ୟ ହରିହର କର୍କଟ ଗବେଷଣା କେନ୍ଦ୍ର ଦୀର୍ଘ ବର୍ଷ ହେଲା ରୋଗୀଙ୍କ ଚିକିତ୍ସା କରୁଛି। ତେବେ ଚଳିତ ବର୍ଷ ସରକାରୀ ଘରୋଇ ଭାଗିଦାରିରେ ଆଉ ଏକ ସଫଳତା ଯୋଡ଼ି ହୋଇଛି। ଭୁବନେଶ୍ୱରରେ ବାଗଚୀ କ୍ୟାନସର ପାଲିଆଟିଭ କେୟାର ହସ୍ପିଟାଲ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେଇଛନ୍ତି। ୨୦୨୪ ସୁଦ୍ଧା ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ନେଇ ଲକ୍ଷ୍ୟ ରହିଛି। ପୂର୍ବ ଭାରତର ସର୍ବବୃହତ୍ ଇକ୍‌ମୋ ଚିକିତ୍ସା କେନ୍ଦ୍ର : ଚଳିତ ବର୍ଷରେ ସମଗ୍ର ଦେଶ ପାଇଁ ଇକ୍‌ମୋ ଚିକିତ୍ସା ସମ୍ପୂର୍ଣ୍ଣ ଅଜଣା ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଏହାର କାରଣ ହେଉଛି ଏହା ଅତ୍ୟନ୍ତ ବ୍ୟୟବହୁଳ ଓ ଜଟିଳ ପ୍ରକ୍ରିୟା। ତେବେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ଓଡ଼ିଶାରେ ମାଗଣା ଇକ୍‌ମୋ ସପୋର୍ଟର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଅଗଷ୍ଟ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏସସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଏକ ସଙ୍ଗରେ ୯ଟି ଇକ୍‌ମୋ ମେସିନର ଲୋକାର୍ପଣ କରିଥିଲେ। ପୂର୍ବ ଭାରତରେ ଏହା ହେଉଛି ସର୍ବବୃହତ୍ ଇକମୋ ଚିକିତ୍ସା ଚିକିତ୍ସା କେନ୍ଦ୍ର। ସର୍ବାଧିକ ମାନବ ସମ୍ବଳ ନିଯୁକ୍ତ : ଗତବର୍ଷ କୋଭିଡ଼ ମହାମାରୀ ଆରମ୍ଭ ହେବା ପରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱ ସବୁଠାରୁ ଶୀର୍ଷରେ ପହଞ୍ଚିଛି। ବିଶେଷକରି ଭିତ୍ତିଭୂମି ସୁଦୃଢ଼ କରିବା ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା। କିଛି ମାସର ପ୍ରସ୍ତୁତି ପରେ ଚଳିତ ବର୍ଷ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସର୍ବାଧିକ ମାନବସମ୍ବଳକୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ଚୟନ ପ୍ରକ୍ରିୟା ପରେ ଡାକ୍ତର, ମେଡ଼ିକାଲ ଅଫିସର, ନର୍ସ, ଫାର୍ମାସିଷ୍ଟ, ଦନ୍ତ ଚିକିତ୍ସକ ମାନଙ୍କୁ ନିଯୁକ୍ତ କରାଯାଇଛି। ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ଏକ ସଙ୍ଗରେ ୮୧ଜଣ ମେଡ଼ିକାଲ ଅଫିସରଙ୍କୁ ନିଯୁକ୍ତି ଦେଇଥିଲେ। ଓପିଏସ୍‌ସି ପକ୍ଷରୁ ହୋଇଥିବା ନିଯୁକ୍ତିରେ ୪୭ ଜଣ ଅନୁସୂଚୀତ ଜାତି ଓ ୩୪ ଜନଜାତି ପିଲା ସ୍ଥାନ ପାଇଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ କୋଭିଡ଼ ପ୍ୟାକେଜ : ତେବେ କୋଭିଡ଼ ମହାମାରୀ ସମୟରେ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସରକାର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ କୋଭିଡ଼ ମୃତ୍ୟୁକାଳୀନ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ଗଣମାଧ୍ୟମ ପ୍ରତିନିଧି କୋଭିଡ଼ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେ ନଗଦ ୧୫ ଲକ୍ଷ ଟଙ୍କା ଦେବା ଆରମ୍ଭ କରିଥିଲେ। ପରେ ପରେ ଅନ୍ୟ ରାଜ୍ୟ ସରକାର ମଧ୍ୟ ଏପରି ସହାୟତା ଦେବା ଆରମ୍ଭ କଲେ। ରକ୍ତ ସଂଗ୍ରହରେ 'ଓଡ଼ିଶା - ମୋ ପରିବାର'ର ରେକର୍ଡ଼ : ଚଳିତ ବର୍ଷ ରକ୍ତଦାନା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା 'ଓଡ଼ିଶା ମୋ ପରିବାର'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶା ମୋ ପରିବାର ପକ୍ଷରୁ ୧୦ ମାସ ଭିତରେ ୧ଲକ୍ଷ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ସଂଗ୍ରହରେ ଏହା ନୂଆ ରେକର୍ଡ଼ ବୋଲି କୁହାଯାଉଛି। ସେହିପରି ସରକାରଙ୍କ କ୍ରାନ୍ତିକାରୀ ସ୍ୱାସ୍ଥ୍ୟସେବା ଜୀବନ ଭିତରେ ଯାଉଛି, ଗର୍ଭବତୀଙ୍କ ପାଇଁ ଉଦ୍ଦିଷ୍ଟ ଆମ୍ବୁଲାନ୍ସ ପାଇଁ ଜାରି ଟୋଲ ଫ୍ରି ନମ୍ବର ୧୦୨କୁ ୧୦୮ ସହ ମିଶ୍ରଣ କରାଯାଇଥିଲା। ସବୁ ପ୍ରକାର ସରକାରୀ ଆମ୍ବୁଲାନ୍ସ ସେବା ପାଇଁ ଟୋଲ ଫ୍ରି ନମ୍ବର ୧୦୮କୁ ଉତ୍ସର୍ଗ କରାଯାଇଛି। କୋଭିଡ଼ ମହାମାରୀର ମୁକାବିଲା ସହ ରାଜ୍ୟ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ଡାକ୍ତରଖାନାର ଭିତ୍ତିଭୂମି ସଜାଡ଼ିବା ସହ ଏକକାଳୀନ ୭୮୬ ଡାକ୍ତରଙ୍କୁ ନିଯୁକ୍ତି ଦେଇଥିଲେ ରାଜ୍ୟ ସରକାର। ଚଳିତ ୨୦୨୧ର ସ୍ୱାସ୍ଥ୍ୟ ଚିତ୍ର ଯାହା ହୋଇଛି ଭଗବାନଙ୍କୁ ପ୍ରାର୍ଥନା କରୁଛି ଆଗାମୀ ୨୦୨୨ରେ ଓଡ଼ିଶାରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହୁ ଓ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ନିର୍ଦ୍ଦେଶାବଳୀକୁ ସମସ୍ତେ ଗ୍ରହଣ କରନ୍ତୁ।

# ନିର୍ଯାତନା

ଏ ଶବ୍ଦଟି ଏକ କ୍ଲିଷ୍ଟବୋଧ ନିଶ୍ଚୟ ତେବେ ଯେ ଭୋଗେ ତାକୁ ଓ ତାର ଆତ୍ମୀୟ ସ୍ୱଜନ ପାଖ ଲୋକକୁ ଯେମିତି ଲାଗେ ସେମିତି ଅନ୍ୟଙ୍କୁ ଏପରି ଲାଗେ ନାହିଁ। ଏଇ ଅନ୍ୟ ଖୋଜାରେ କିଛି ବ୍ୟକ୍ତି କାଦୁଅରେ ପଶେ କିଏ ଗୋଡ଼ ଧୁଏ କିଏ? ମତରେ ରହିବା ବେଳେ ଆଉ କିଏ ଆଲୋ ସଖି ଆପଣା ମହତ ଆପେ ରଖି ମତରେ ପୁଣି କିଏ ନିର୍ଯାତନା ଭୋଗକାରୀ ନିର୍ଯାତନା ପ୍ରଦାନକାରୀର କଣ କିଛି କରିଛି ନା ନହେଲେ ଏମିତି କାହିଁକି ହୋଇଥାନ୍ତା ଆଉ କିଏ କଜଳପାତିଆ ମଧ୍ୟସ୍ଥି ହେବାକୁ ବାହାରିବା ଉପକ୍ରମ କରନ୍ତିତ ଆଉ କିଏ ହଟ ଦେଖିବାକୁ କଥାକୁ ଭିନ୍ନ ମୋଡ଼ ଦେଇ ବେଳକୁ ବେଳ ଜଟିଳ ଖର୍ଚ୍ଚାନ୍ତ ସମୟ ନଷ୍ଟ କରି ନିର୍ଯାତନା ଭୋଗ ଲୋକଟିର ସର୍ବସ୍ୱାନ୍ତ କରିଦେବା ମାର୍ଗ ଧରାଇ ଦିଅନ୍ତି। ପଶୁ ଓ ମଣିଷ ମଧ୍ୟରେ ଅନେକ ଫରକ ଅଛି। ହେଲେ ପାଶବିକ ପ୍ରବୃତ୍ତି ମଣିଷ ମସ୍ତିଷ୍କରେ ବେଳେ ବେଳେ ବଳବତ୍ତର ହୋଇ ନିଜର ପରି ମଣିଷ ଉପରେ ହିଁ ପ୍ରୟୋଗ ହୋଇଯାଇଥାଏ। ଏପରି କଳ୍ପନା ବହୁ ପ୍ରକାରରେ ଆଣି ଋଷିମୂନୀମାନେ ସ୍ମୃତିଶାସ୍ତ୍ର ରଚନା କରିଯାଇଛନ୍ତି। ଏଥିରେ ବ୍ୟକ୍ତିମାନଙ୍କର ଆଚାର ବ୍ୟବହାର କେମିତି ରଖାଯିବା ଦରକାର ଲେଖାଅଛି। ମନୁ ସଂହିତା ନାମ ଅନେକ ଜାଣନ୍ତି ମାତ୍ର ଏପରି ଆହୁରି ୧୯ଟି ସଂହିତା ଅଛି। ଭାରତର ସମ୍ବିଧାନ ଏପରି ଏକ ଆଚାର ସଂହିତା ଯହିଁ ଭାରତ ବର୍ଷର ସର୍ବଧର୍ମ ସମନ୍ୱୟ କରି ଏକ ବିହିତ ବ୍ୟବସ୍ଥା ଏଥିରେ ରଖାଯାଇଛି। ଏ ମଧ୍ୟରେ ପେନାଲକୋର୍ଡ଼ ଧାର୍ଯ୍ୟ ଅଛି। ପେନାଲ କୋର୍ଡ଼ରେ ଧାରା ଉପଧାରା ଅଛି। ଏଗୁଡ଼ିକ ତଦାରଖ ପାଇଁ ପ୍ରତି ରାଜ୍ୟର ପୋଲିସ ବିଭାଗ ଉପରେ ନ୍ୟସ୍ତ। ପୋଲିସ ଅପରାଧର ଦିଗ ଜାଣି ଅପରାଧି ପାଇଁ କେଉଁ କେଉଁ କୋର୍ଡ଼ ଲାଗିବ ଲେଖି କୋର୍ଟଙ୍କ ଅବଗତ ପାଇଁ ପଠାନ୍ତି। ସେଠାରେ ବିଚାର ଫ୍ୟାକ୍ଟ ଓ ଲରେ ତର୍ଜମା କରାଯାଇ ପ୍ରକୃତ ଦୋଷୀର ବିଧାନ କରାଯାଏ।

ହେଲେ ବହୁତ ପ୍ରକାର ଦଣ୍ଡର ବିଧାନ ଓ ଶାସ୍ତୀ ଭୋଗ ଥିଲେ ବି ବେଳକୁ ବେଳ କେମିତି ଅପରାଧ ଓ ନିର୍ଯାତନାମାନ ବଢ଼ିବାରେ ଲାଗିଛି। ଅଭିଯୁକ୍ତର ଅପରାଧ ସାବ୍ୟସ୍ତ ହେବାକୁ ସମୟ ବେଳେ ଅନେକ ବର୍ଷ, ମାସ, ଦିନ ଲାଗୁଛି ଫଳରେ ଜେଲରେ ବିଚାରଧୀନ କଏଦୀ ପାଇଁ ଜେଲରେ ଖାଦ୍ୟପେୟ ସ୍ୱାସ୍ଥ୍ୟସେବା, ସରକାରୀ ଖର୍ଚ୍ଚରେ ହିଁ ଯୋଗା ଯାଉଛି। ଅନେକ ଚାଲିଗଲା ପରେ ବିଚାର ପାଇଁ ତାରିଖ ଧାର୍ଯ୍ୟ ହୋଇ ବି କେବେ କେବେ କଚେରୀରେ ବିଭିନ୍ନ କାରଣରୁ ତାରିଖ ଶୁଣାଣିରେ ନ ଆସି ଛୁଟିବା କୋର୍ଟ ବାତିଲ ଯୋଗୁଁ ପୁଣି ଆଗ ତାରିଖକୁ ଘୁଞ୍ଚାଇ ଦିଆଯାଉଛି। ଏଥିରେ ଖର୍ଚ୍ଚ ସରକାରଙ୍କର ବିଚାରଧିନ କଏଦୀ ପାଇଁ ହିଁ ବଢୁଛି। ବିଚାରଧୀନ କଏଦୀକୁ ବିଚାରଟି ପୂର୍ଣ୍ଣାଙ୍ଗ ଶୁଣାଣି ବହୁ ସମୟ ଲାଗିବାରୁ କଏଦୀକୁ ଜାମିରେ ଛାଡ଼ କରାଯାଉଛି। ଏହା ଆହୁରି ଏକ ସମସ୍ୟା ବେଳେ ସୃଷ୍ଟି କରିବାରେ ଆସିଯାଉଛି। ବ୍ୟକ୍ତିଟି ଘର ଗୃହସ୍ଥକୁ ଫେରେ ହେଲେ ବାଣିଜ୍ୟ ବୃତ୍ତିରେ ଥିଲେ ସେଥିରେ ରହିପାରେ ମାତ୍ର ଚାକିରୀରେ ସେ ପୂର୍ବପରି ଆଉ କର୍ମ କରିନପାରେ। ଶ୍ରମିକଟିଏ ହେଲେ ତାର ରୋଜକାରରେ ବି ବାଧା ଉପୁଜେ। ଏକ ଘୃଣ୍ୟ ନଜର ଅନେକଙ୍କର ତାଙ୍କ ପ୍ରତି ଆସେ ବା ଯେଉଁ ଆତଙ୍କ ସେ ପୂର୍ବରୁ କରିଥାନ୍ତି ତାକୁ ଭାବି ଅନେକ ପ୍ରିୟଜନ ବନ୍ଧୁବାନ୍ଧବ ଏକ ପ୍ରକାର ଦୂରେଇ ରହିବାକୁ ଚେଷ୍ଟା କରନ୍ତି। ବିଚାରରେ ଜେଲ ହେଲେ, ଜେଲରେ ବ୍ୟକ୍ତିର ବୃତ୍ତି ସଂସ୍କାର ଅନେକ ଶ୍ରମମୟ କାର୍ଯ୍ୟରେ କିଛି ରୋଜଗାର ପାଇଁ ଶିକ୍ଷା ପ୍ରତ୍ୟକ୍ଷରେ ଦିଆଯିବା ସହିତ ମସ୍ତିଷ୍କରେ ଗଠନ ମୂଳକ ଅନେକ ଶିକ୍ଷା ଦେବା ବ୍ୟବସ୍ଥା କରାଯାଇଛି। ହେଲେ ଜେଲ ଫେରନ୍ତା ପାଇଁ ତାକୁ ନୂତନ ଥଇଥାନ ସମସ୍ୟା କିଛି ଦେଖାଦିଏ ତାକୁ ସ୍ଥାନୀୟ ପୋଲିଶ ପ୍ରଶାସନ କିଛି ବୃତ୍ତି ଧରିବା ପାଇଁ ସହାୟକ ଅନେକ ସମୟରେ ହୋଇପାରନ୍ତି। ପ୍ରତିକାର ଏ ସବୁର ମୂଳ ହେଉଛି ଶିକ୍ଷାକ୍ଷେତ୍ର। ଅପରାଧି ଏକ ଦିନରେ କେହି ହୁଏ ନାହିଁ। ଅନେକଙ୍କର ଅପରାଧ ଚିନ୍ତା ଚାପି ହୋଇଥାଏ ସୁଯୋଗ ବାଟ ପାଇଗଲେ ଦୁଃସାହସ ଜାଗ୍ରତ ହୋଇ ଅଘଟଣ ହୋଇଯାଏ। ପ୍ରାଥମିକ ଶିକ୍ଷକମାନେ ଶିଶୁକୁ ସୃଜନୀ ଶିକ୍ଷା ଦେଲାବେଳେ ଏପରି ଅପରାଧି ଚିନ୍ତାର ଖୁଅଟି ଧରିଥାନ୍ତି ତାକୁ ଡରେଇ ବେତ ଦେଖାଇ କିଛି ଲଘୁଦଣ୍ଡ ଦେଇ ସଂସ୍କାର କରାଇବାକୁ ଚେଷ୍ଟା କରାଉଥିଲେ। ଯାହା ପରଜୀବନରେ ସେହି ବିଦ୍ୟାର୍ଥୀନି ଏକ ସୁଧାରଣ ଓ ପରିସୀମା ମଧ୍ୟରେ ରହିବା ଚେଷ୍ଟା କରୁଥିଲା। ରାଗ, କ୍ରୋଧ ସମସ୍ତଙ୍କର ଅଛି ହେଲେ ସ୍ୱାର୍ଥସିଦ୍ଧି ପାଇଁ ଅନ୍ୟ ବିରୋଧି ହେଲେ ହିଂସାର ଦିଗ ଖୋଲି ଯାଏ ଏ ସମୟରେ ଅସ୍ତ୍ର ବନ୍ଧୁକ ପିଟଣା ହାତରେ ଥିଲେ ଭୟଙ୍କର ନିର୍ଯାତନା ଆରମ୍ଭ ହୋଇଯାଉଛି। ଏସବୁ ଗ୍ରାମ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ ପ୍ରକୃତରେ ବର୍ଦ୍ଧିତ କାଳକର ଛୋଟ ବୟସରୁ ସଂସ୍କାରିତ କରି ଦେଇପାରନ୍ତି। ଏଥର ଜଟିଳ ହେଉଛି ପୂର୍ବ ଶିକ୍ଷାଦାନ ପଦ୍ଧତି ଅଚଳକୁ ଶିକ୍ଷକଙ୍କ ପ୍ରାଧାନ୍ୟ କମ କରି ତାଙ୍କୁ ପିଲାଙ୍କର ମୂରବୀଗଣ ଓ ସରକାର ଏକ ଶିକ୍ଷାଦାନର ମୂଳିଆ ଆକାରରେ ଧରି ନେଉଛନ୍ତି। ଟିଉସନ ମାଷ୍ଟ୍ର ଦ୍ୱାରା କୌରବ ପାଣ୍ଡବ ପାଠପଢ଼ି ଦିନେ ଭୟଙ୍କର ମହାଭାରତ ଯୁଦ୍ଧ ଡାକି ଆଣିଥିଲେ ସେପରି ଟିଉସନ ମାଷ୍ଟ୍ରଙ୍କ ପାଠ ପଢ଼ାରେ ସମସ୍ତେ ଏବେ ପ୍ରାଧାନ୍ୟ ଦେଇ ସାମୁହିକ ଭାଇଚାରା ପାଠପଢ଼ାରେ ଅବହେଳା କରାଉଛନ୍ତି। ଖଣ୍ଡା ଯୁଦ୍ଧ ନୁହଁ କଲମ ଓ ପାଠରେ ଯୁଦ୍ଧ ଦ୍ୱାରା ଏବେ ବଡ଼ ବଡ଼ ପଦବୀ ହାସଲ କରିବା ଦିଗ ଉନ୍ମୁକ୍ତ ମାତ୍ର ଉଦ୍ଦିଷ୍ଟ ଦିଗ ପାଇଁ କେବଳ ପାଠରେ ସେଟିଂ କରି ପଦବୀ ହାସଲ କରାଇବା ଯାଏ ଗଲେ କେବେ ସ୍ୱାଧୀନ ଭାରତରେ ଜଣେ ପୂର୍ଣ୍ଣାଙ୍ଗ ବ୍ୟକ୍ତି କେହି ହୋଇନପାରେ? ଏହି ପଦ୍ଧତିରେ ଏହି ନମ୍ବର ପାଇଁ ସର୍ତ୍ତାବଳୀ ଲାଗୁ ଧାରାରେ କିଛି ସଂସ୍କାର ନକରି କେବଳ କ୍ୟାସଲେସ ଟ୍ରାଞ୍ଜାକ୍ସନ ଧାରା ଯୋଡ଼ିଲେ କେତେ ଖଣ୍ଡଗିରି ଖୋଲିବା ଆରମ୍ଭ ହୋଇଯିବ। ଦସ୍ତଖତ ବିହୀନ ଦଲିଲ କାଏମ କରି ଅବଶ୍ୟ ବିଶେଷ ସଂସ୍କାର ଆବଶ୍ୟକ ପଡୁଛି। ପୂର୍ବେ ଦସ୍ତଖତ କରି ବା ଟିପ ଚିହ୍ନ ଦେଇ ସାକ୍ଷୀ ରଖି ବା କଲମ କରି ଟଙ୍କା ନେଉଥିଲେ। ଏବେ ଏ ଧାରା ବିଲୁପ୍ତ କରାଯାଇ କେବେ ଠିକ୍ କରାଯାଇନାହିଁ। ପୂର୍ବରୁ ଟିପ ଚିହ୍ନ ଏକବେଳର ଗ୍ରହଣୀୟ ନଥିଲା। ଦସ୍ତଖତ ମଧ୍ୟ ଏକ ବୟସର ସବୁବେଳରେ କେବେ ଏକାପରି ରହିନପାରେ। ଏବେ ବ୍ୟାଙ୍କରେ କେୱାଇସି ଫର୍ମ ଦାଖଲ ପେନସନଧାରୀଙ୍କର ଟ୍ରେଜେରୀ ବ୍ୟାଙ୍କରେ କିଛି ମାସପରେ ମୁହଁ ଦେଖା ନହେଲେ ଟଙ୍କା ଉଠାଇ ହେବା ସମ୍ଭବ ହେଉନାହିଁ ଏହା ଠିକ ରେଭନ୍ୟୁଷ୍ଟାମ୍ପରେ ଟଙ୍କା ଉଠା ସମ୍ବନ୍ଧ ପୂର୍ବେ ଥିଲା। ଏପରି ଯେ ଟଙ୍କା ଉଠାଇବ ସେ ସରକାରୀ ନଥିର ଏକ ପଞ୍ଜିକରଣ ସଂସ୍ଥା ବା ବ୍ୟକ୍ତି ହେବା ପାଇଁ କିଛି ଧାରା ଲଗାଯିବା ଜରୁରୀବୋଧ ହେଉଛି। ବୟସ ବଢ଼ିଲେ ଆଙ୍ଗୁଠି ପ୍ରସାରିତ ରେଖା ଗୁଡ଼ିକ ପ୍ରସାରିତ ପୁଣି ନିତ୍ୟ କାର୍ଯ୍ୟକ୍ରମ ଘୋରି ହୋଇପାରେ। ଏ ପାଇଁ କିଛି ଗଣକ ଯନ୍ତ୍ର ବ୍ୟକ୍ତିର ସଠିକ ରେଖା ସଂଶ୍ଲିଷ୍ଟ କି ନାହିଁ ଜାଣିବା ପାଇଁ ଖର୍ଚ୍ଚାନ୍ତ ଦିଗ ଏବେ ବି ରହିଛି। ବାରକୋର୍ଡ଼ ପଦ୍ଧତିକୁ ସ୍ଥିର ଆଙ୍ଗୁଠି ଛପା ପାଇଁ ଯେଉଁ ସମୟରେ କରାଯାଇଛି ତାହା ପର ସମୟକୁ ଠିକ ସାଦୃଶ୍ୟ ରହିଛି ହେଲେ ତହିଁରେ ବ୍ୟତିକ୍ରମ ଯେ ତତ୍‌କାଳ ହୋଇଯାଇପାରେ ଏ ପାଇଁ ଭିନ୍ନ ଆଙ୍ଗୁଠିର ଛାପ ସଂଶ୍ଲିଷ୍ଟ କରାଯାଇଛି। ଏକ ଦଳ ଆଙ୍ଗୁଠି ଛାପରେ କି କୌଶଳର ସାହାଯ୍ୟ ନେଲେ ଠକେଇ ହୋଇପାରେ ଏହା ଜ୍ଞାନୀମାନେ ବାହାର କରିବା ଦରକାର। ଏକ ସଙ୍ଗରେ ବହୁ ପ୍ରଗତି କାର୍ଯ୍ୟ ଚାଲିଛି। ଏ ବିଷୟରେ ବିଚାରକମାନେ ଧ୍ୟାନ ଦେଇ ଧନଜୀବନ ସମାଜ ଧର୍ମ ପ୍ରକୃତି ରକ୍ଷା ଚିନ୍ତା କରନ୍ତୁ। ନିଜର ଭବିଷ୍ୟତ ବଂଶଧରଙ୍କୁ ନିଶ୍ଚିନ୍ତ ଚିନ୍ତା କରିବା ଦିଗକୁ ବଢ଼ନ୍ତୁ ନାହିଁ।


ଉତ୍କଳାନନ୍ଦ ଅଜୟ କୁମାର ବେହେରା
ଅରୁଣୋଦୟ ନଗର, କଟକ
ଦୂରଭାଷ: ୯୪୩୭୦୩୧୨୫୩

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ବେସାହାରାଙ୍କୁ କମ୍ବଳ ବଣ୍ଟନ

**ପାରାଦୀପ (ଶଶାଙ୍କ ଆଚାର୍ଯ୍ୟ):-** ଜାଡ ଶୀତରେ ବନ୍ଦର ସହର ପାରାଦୀପ ଥରୁଥିବା ଏବଂ ଥଣ୍ଡାର ପ୍ରକୋପ ବୃଦ୍ଧି ଯୋଗୁଁ ସନ୍ଧ୍ୟାରେ ସହର ଜନଶୂନ୍ୟ ହୋଇ ପଡୁଥିବା ବେଳେ ଫୁଟପାଥରେ ରହୁଥିବା ଗରିବ, ବେସାହାରା, ନିରାଶ୍ରୟ ଓ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମାନଙ୍କ ଉପରେ କାହାର ଦୃଷ୍ଟି ପଡି ନଥାଏ। ମାତ୍ର ସତ୍ୟସାଇ ସେବା ସଂଗଠନ ଯାହାକି ସେବା ପାଇଁ ସମଗ୍ର ବିଶ୍ୱରେ ପରିଚିତ, ଦିନ ଦୁଃଖୀଙ୍କ ପାଇଁ ସର୍ବଦା କାର୍ଯ୍ୟରତ ଥିବାବେଳେ ପାରାଦୀପ ଶାଖାର ସେବା ଦଳ ଭକ୍ତମାନେ ଶୀତ ପ୍ରକୋପରୁ ରକ୍ଷା ପାଇଁ ଫୁଟପାଥ ଓ ଅନ୍ୟାନ୍ୟ ସ୍ଥାନରେ ଶୀତରେ ଥରୁଥିବା ଦରିଦ୍ର ବେସାହାରା ଲୋକ ମାନଙ୍କୁ କମ୍ବଳ ଘୋଡାଇ ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଯାହାକି ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଅନ୍ୟ ସଂଗଠନ ପାଇଁ ଉଦାହରଣ ସୃଷ୍ଟି କରିଛି।

## ଚାଉଳିଆଗଞ୍ଜ କ୍ଲବ୍‌ର ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ

**କଟକ(ସଂପର୍କବାର୍ତ୍ତା):-** ଚାଉଳିଆଗଞ୍ଜ କ୍ଲବର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଗାମୀ ବର୍ଷ ପାଇଁ ନୂତନ କର୍ମକର୍ତ୍ତାଙ୍କ ଚୟନ କରାଯାଇଥିଲା। ଆଜୀବନ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଆଜୀବନ ସଭାପତି, ମାୟାଧର ପୃଷ୍ଟି ଓ ବିଭୂଦତ୍ତ ସେନାପତି ଉପସଭାପତି, ଦୀପକ କୁମାର ସାହୁ, ବିଶ୍ୱଜିତ ପଟେଲ, ଜିତେନ୍ଦ୍ର ସାହୁ ଓ ସୁକାନ୍ତ ଚନ୍ଦ୍ର ସାହାଣୀ ସାଧାରଣ ସମ୍ପାଦକ, ବିଦ୍ୟାଧର ସାହୁ କୋଷାଧ୍ୟକ୍ଷ, ମନୋଜ କୁମାର ସାହୁ ସାଂସ୍କୃତିକ ସମ୍ପାଦକ, ମନୋରଞ୍ଜନ ସେଠୀ ଟିକ୍ ମ୍ୟାନେଜର ଭାବେ ମନୋନୀତ ହୋଇଛନ୍ତି। କ୍ଲବର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ପାତ୍ର ସଭା ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ ଚୟନ କରିବାପାଇଁ କ୍ଲବର ଉପଦେଷ୍ଟା ମଣ୍ଡଳୀକୁ ଦାୟିତ୍ୱ ଦିଆ ଯାଇଥିଲା। ଶେଷରେ ସୁରେନ୍ଦ୍ର ନାଥ ସାହୁ, ନିରଞ୍ଜନ ସାହୁ, ପ୍ରକାଶ ରାୟ ଧନ୍ୟବାଦ ଦେଇଥିଲେ।

# ଶାରୀରିକ ସମ୍ବନ୍ଧ ପରେ ବିବାହ ପାଇଁ ମନା କରିବା ଧୋକା ନୁହେଁ:ହାଇକୋର୍ଟ

**ମୁମ୍ବାଇ(ସଂପର୍କବାର୍ତ୍ତା):-** ଲମ୍ବା ସମୟ ପର୍ଯ୍ୟନ୍ତ ଶାରିରୀକ ସମ୍ବନ୍ଧ ରଖିବା ପରେ ଯଦି କୌଣସି ବ୍ୟକ୍ତି ବିବାହ ପାଇଁ ମନା କରୁଛି ତେବେ ତାକୁ ଅପରାଧ ବୋଲି ଧରାଯିବ ନାହିଁ । ଏକ ମାମଲାର ଶୁଣାଣି କରିବା ସମୟରେ ବମ୍ବେ ହାଇକୋର୍ଟ ଏହିଭଳି ଟିପ୍ପଣୀ ଦେଇଛନ୍ତି ଓ ଦୋଷୀ ଦର୍ଶାଯାଇଥିବା ଯୁବକକୁ ମୁକ୍ତ କରିଛନ୍ତି। ତଳ କୋର୍ଟର ନିଷ୍ପତ୍ତିକୁ ଦର୍ଶାଇ ଏପରି ଏକ ମତ ଦେଇଛନ୍ତି ବମ୍ବେ ହାଇକକୋର୍ଟ। ସୂଚନା ଯେ , ପାଲଘରେ ରହୁଥିବା ଜଣେ ମହିଳା ଏକ ଯୁବକଙ୍କ ବିରୋଧରେ ବଳାତ୍କାର ଓ ଧୋକା ଦେଇଥିବା ଅଭିଯୋଗ ଆଣିଥିଲେ। ପୋଲିସ୍ ଏହି ମାମଲାରେ ଧାରା ୩୭୬ ଓ ୪୧୭ ଅଧୀନରେ ମାମଲା ରୁଜୁ କରିଥିଲେ। ଉକ୍ତ ଦୋଷୀ ଦର୍ଶାଯାଇଥିବା ଯୁବକଙ୍କ ନାଁ ହେଉଛି କାଶୀନାଥ ଘରାତ। ତେବେ ତାଙ୍କ ଗର୍ଲଫ୍ରେଣ୍ଡ ଅଭିଯୋଗ ଆଣିଛନ୍ତି ଯେ କାଶୀନାଥ ବିବାହର ପ୍ରତି ଶ୍ରୁତି ଦେଇ ସହିତ ୩ ବର୍ଷ କାଳ ଶାରୀରିକ ସମ୍ବନ୍ଧ ରଖିଥିଲା ଓ ପରେ କରିବାକୁ ମନା କରିଦେଇଛି। ତେବେ ଏହି ମାମଲାରେ କୋର୍ଟ କାଶୀନାଥକୁ ଦୋଷୀ ଭାବରେ ଦର୍ଶାଇ ୧ବର୍ଷ ଜେଲ୍ ଦଣ୍ଡ ଦେଇଥିଲେ। ହେଲେ କୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି କାଶୀନାଥ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ସେଠାରେ ନ୍ୟାୟାଧୀଶ ତାକୁ ନିର୍ଦ୍ଦେଶ ଦର୍ଶାଇ ମୁକ୍ତ କରିଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଭୁଲ ତଥ୍ୟ ଦେଇ ଯୌନ ସମ୍ବନ୍ଧ ରଖିବାର କୌଣସି ପ୍ରମାଣ ନାହିଁ ତେଣୁ ଅଭିଯୁକ୍ତ ମହିଳାଙ୍କ ସହିତ ବିବାହ କରିବ ନାହିଁ ବୋଲି କୌଣସି ପ୍ରମାଣ ନାହିଁ । କଥା ସାବ୍ୟସ୍ତ କରିବାକୁ ପର୍ଯ୍ୟାପ୍ତ ତଥ୍ୟ ନାହିଁ। ତେଣୁ ଏହା କୌଣସି ଅପରାଧ ଶ୍ରେଣୀକୁ ଆସିବ ନାହିଁ।

ଶୀତରତୁରେ ଛୋଟ ପିଲାଙ୍କୁ ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବା ପାଇଁ ଆପଣାନ୍ତୁ ଏହିସବୁ ଘରୋଇ ଉପାୟ ଓ ଇମ୍ୟୁନିଟି ବଢାନ୍ତୁ

ଶୀତରତୁ ଆସିବା ମାତ୍ରକେ ବଡ ମାନେ ଯେତିକି ସଚେତନ ନିଜ ପାଇଁ ରହି ପାଇଁ ରହି ଥାଆନ୍ତି ଛୋଟ ପିଲାଙ୍କ ପାଇଁ ମଧ୍ୟ ସେତିକି ସଚେତନ ରହିବା ଆବଶ୍ୟକ। କିନ୍ତୁ ଶୀତରତୁରେ ଛୋଟ ପିଲାଙ୍କୁ ଥଣ୍ଡା ଠାରୁ ଦୂରେଇ ରଖିବା ପାଇଁ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଶୀତରତୁରେ ଥଣ୍ଡା ପବନ ଦେଇଥାଏ, ଏହା ପିଲା ମାନଙ୍କୁ ପବନ ଦେଇଥାଏ, ଏହା ପିଲା ମାନଙ୍କୁ ଥଣ୍ଡା ଓ କାଶ ଓ କଫ ଦ୍ୱାରା ଆକ୍ରାନ୍ତ କରିଥାଏ। ବିଶେଷ ଭାବରେ



୨ରୁ ୧୦ବର୍ଷର ପିଲା ମାନଙ୍କୁ ଥଣ୍ଡା ଧରିବାର ଆଶଙ୍କା ଅଧିକ ରହିଥାଏ। କିଛି ଛୋଟ ପିଲାଙ୍କୁ ଥଣ୍ଡା ଧରିବା କାରଣରୁ ଜ୍ୱର ସମସ୍ୟା ମଧ୍ୟ ଦେଖା ଦେଇଥାଏ। ତେଣୁ ଏହି ସମୟରେ ଇମ୍ୟୁନିଟି ବଢାଇବା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ।

୧)ସଫା ସୁତୁରା ରଖିବା ଉଚିତ – ଶୀତରତୁରେ ଛୋଟ ପିଲା ମାନଙ୍କର ସଫା ସୁତୁରା ପ୍ରତି ବିଶେଷ ଆବଶ୍ୟକ। ଖାଇବା ପୂର୍ବରୁ ଓ ପରେ ହାତ ଧୋଇବାର ଅଭ୍ୟାସ କରାନ୍ତୁ। ପ୍ରତିଦିନ ପିଲା ମାନଙ୍କୁ ଉଷୁମ ପାଣିରେ ଗାଧୋଇ ଦିଅନ୍ତୁ।

୨) ଫଳ ଓ ପନିପରିବା ଖୁଆଇବା ଅଭ୍ୟାସ କରାନ୍ତୁ- ଥଣ୍ଡା କାରଣରୁ ରୋଗ ପ୍ରତିରୋଧକ କ୍ଷମତା ଦୁର୍ବଳ ହୋଇ ଯାଇଥାଏ। ଯାହାଦ୍ୱାରା ଅଧିକାଂଶ ଲୋକ ଓ ଛୋଟ ପିଲା ରୋଗରେ ଆକ୍ରନ୍ତ ହୋଇ ଥାଆନ୍ତୁ। ଶୀତରତୁରେ ଇମ୍ୟୁନିଟି ବଢାଇବା ପାଇଁ ଛୋଟ ପିଲାଙ୍କୁ ଖଟା ଫଳ ଓ ଶୀତରତୁର ବିଭିନ୍ନ ପନିପରିବା ଖାଇବାକୁ ଦେବା ଆବ୍ୟଶକ। ଶୀତରତୁରେ ଛୋଟପିଲାଙ୍କୁ ଆଲମଣ୍ଡ ଖାଇବାକୁ ଦିଅନ୍ତୁ।

୩) ବିଭିନ୍ନ ତରଳ ପଦାର୍ଥ ପିଅନ୍ତୁ- ଶୀତରତୁରେ ଅଧିକ ଥଣ୍ଡା କାରଣରୁ ପିଲାମାନେ ପାଣି ପିଇବାକୁ ଇଚ୍ଛାକରି ନଥାଆନ୍ତୁ। ତେଣୁ ଏହି ସମୟରେ ସେମାନଙ୍କୁ ବିଭିନ୍ନ ତରଳ ଜିନିଷ ଯେପରିକି ଘରେ ପ୍ରସ୍ତୁତ ଖଟା ଫଳ ରସ, ଘରେ ପ୍ରସ୍ତୁତ ଭେଜିଟେବୁଲ ସୁପ, ଉଷୁମପାଣି ପିଇବାକୁ ଦିଅନ୍ତୁ । ନିଜେ ମଧ୍ୟ ତାଙ୍କ ସହିତ ପିଅନ୍ତୁ।

୪)ପାଦ ଓ କାନକୁ ଘୋଡାଇ ରଖନ୍ତୁ- ପିଲାମାନେ ସାଧାରଣ ଭାବରେ ଅଧିକ ଓ ଜନିଆ ଶୀତ ବସ୍ତ୍ର ପିନ୍ଧିବାକୁ ଇଚ୍ଛା କରି ନଥାଆନ୍ତି। ତେଣୁ ଖାସ କରି ପାଦ ଓ କାନକୁ ଘୋଡାଇ ରଖନ୍ତୁ। ଯେପରିକି କାନ ବାଟେ ଥଣ୍ଡା ପବନ ପଶିବ ନାହିଁ। ରାତିରେ ଶୋଇବା ସମୟରେ ପାଦ ତଳେ ସୋରିଷ ତେଲ ମାଲିସ କରନ୍ତୁ।

୫) ପ୍ରତିଦିନ ଗୋଟିଏ ଥର ହଳଦୀ ଯୁକ୍ତ ଦୁଗ୍ଧ ସେବନ କରିବାକୁ ଦିଅନ୍ତୁ। ସବୁଦିନ ସକାଳେ ଚ୍ୟାବନପ୍ରସ ଖାଇବାକୁ ଦିଅନ୍ତୁ। ଚିନି ବଦଳରେ ଗୁଡ ବ୍ୟବହାର କରନ୍ତୁ। ଗୁଡ ଦେହକୁ ଗରମ ରଖିଥାଏ। ପିଲାଙ୍କ ସୁପରେ ରସୁଣ ଓ ଅଦା ପକାନ୍ତୁ । କାରଣ ଏହା ଇମ୍ୟୁନିଟି ବଢାଇବା ସହିତ ଦେହକୁ ଉଷୁମ ରଖିଥାଏ।

# ଦୟନୀୟ ଅବସ୍ଥାରେ ବିସ୍ଥାପିତ ବସ୍ତିବାସିନ୍ଦା

**କଟକ(ସଂପର୍କବାର୍ତ୍ତା):-** କଟକ ସହରରେ ବିସ୍ଥାପିତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯାଇଥିବା ସ୍ଥାନରେ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇବାରେ ପ୍ରଶାସନିକ ଅବହେଳା ଦେଖିବାକୁ ମିଳିଛି। ଗୋଟିଏ ପଟେ କଟକ ସହରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଥା ନୂଆ ନୂଆ ପ୍ରକଳ୍ପ ନିର୍ମାଣ ପାଇଁ ବସ୍ତିବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇ କଟକ ମହାନଗର ନିଗମ ୫୧ ନମ୍ବର ୱାର୍ଡ଼ ନୂଆପଡ଼ା ବାଲିସାହିଠାରେ ଥଇଥାନ କରାଯାଇଛି। ବିସ୍ଥାପନ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ମିଳିଥିବା ଜମି ଓ ଆର୍ଥିକ ସହାୟତାରେ ଗୃହ ନିର୍ମାଣ କରି ରହିବାପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତି ଯେତିକି ଗୁରୁତ୍ୱ ଦିଆଯିବା କଥା, ସେତିକି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି। ଏପରିକି ସେମାନଙ୍କୁ ଯୋଗାଇ ଦିଆଯାଉଥିବା ପାନୀୟଜଳ ସଂକ୍ରାମକ ରୋଗର କାରଣ ହେବ ବୋଲି ଆଶଙ୍କା କରାଯାଇଛି। ଉକ୍ତ ବସ୍ତିବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଯେଉଁ ପାଇପ୍ ବିଛା ଯାଇଛି, ତାହା ଅତି ନିମ୍ନମାନର ହୋଇଥିବାରୁ ବାରମ୍ବାର ପାଇପ୍ ଫାଟି ପାଣି ଲିକ୍ ହୋଇ ମାଟିରେ ମିଶୁଛି। ରାସ୍ତାଘାଟ କୃତ୍ରିମ ବନ୍ୟାର ଭ୍ରମ ସୃଷ୍ଟି କରୁଛି। ବସ୍ତିବାସିନ୍ଦା ଓ ସାଧାରଣ ଲୋକ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ତେବେ ଯେତେବେଳେ ପାଣି ସପ୍ଲାଇ ବନ୍ଦ ରହୁଛି ସେତେବେଳେ ଏହି ଫଟା ପାଇପ୍ ଦେଇ ଦୂଷିତ ପାଣି ପାଇପ୍ ଭିତରକୁ ପ୍ରବେଶ କରୁଥିବାରୁ। ଜଳ ପ୍ରଦୂଷିତ ହେଉଛି। ଏହି ପ୍ରଦୂଷିତ ଜଳକୁ ବ୍ୟବହାର କରିବା ଦ୍ୱାରା ବିଭିନ୍ନ ପେଟରୋଗ ସହ ଝାଡ଼ା ବାନ୍ତି ଓ କାମଳ ରୋଗ ହେବାର ଆଶଙ୍କା ସୃଷ୍ଟି ହେଲା। ଏନେଇ ଜନସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କର୍ଣ୍ଣପାତ ନ କରିବା ଦୁର୍ଭାଗ୍ୟଜନକ ବୋଲି ବିସ୍ଥାପିର ବସ୍ତିବାସିନ୍ଦା ଅଭିଯୋଗ ଆଣିଛନ୍ତି। ବିଶେଷତଃ ବାଲିସାହି ଥଇଥାନ ପରିସରରେ ସି-ସୋର ପଡ଼େ। ଗଡ଼ଗଡ଼ିଆ ପଠାରୁ ବିସ୍ଥାପିତ ଲୋକ ରହୁଥିବା ଅଞ୍ଚଳରେ ଏଭଳି ସମସ୍ୟା ଦେଖିବାକୁ ମିଳୁଥିବାବେଳେ ପ୍ରାୟ ୨ ଶହ ପରିବାର ହଇରାଣ ହେଉଛନ୍ତି। ସେହିଭଳି ମାଲଗୋଦାମ ଦଳିତ ସାହି ଲୋକଙ୍କୁ ଥଇଥାନ କରାଯାଇଥିବା ଅଞ୍ଚଳରେ ୩୦ଟି ପରିଚାଳଙ୍କ ପାଇଁ ମଧ୍ୟ ଅନୁରୂପ ଅବସ୍ଥା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏହି ସମସ୍ୟା ଦେଖିବାକୁ ମିଳିଛି।

# ସମ୍ବାଦପତ୍ର ହକରମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋଭିଡ ସହାୟତା ପ୍ରଦାନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖବରକାଗଜ ହକରମାନଙ୍କୁ ୬ହଜାର ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଏହା ଦ୍ୱାରା ରାଜ୍ୟର ୭୨୫୯ଜଣ ପଂଜିକୃତ ହକର ଉପକୃତ ହେବେ ସହାୟତା ବାବଦକୁ ଖର୍ଚ୍ଚ ହେବ ୪କୋଟି ୩୫ଲକ୍ଷ୫୪ହଜାର ଟଙ୍କା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ସହାୟତା ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଟରେ ହକରମାନଙ୍କର ସେବା କାର୍ଯ୍ୟ ଏବଂ ଖରା ବର୍ଷା, ଶୀତ, କାକରରେ ଏପରିକି କୋଭିଡ୍ ସମୟରେ ମଧ୍ୟ ନିଜ ଜୀବନକୁ ବିପନ୍ନ କରି ଖବର କାଗଜ ବଣ୍ଟନ କରି ଲୋକଙ୍କୁ ସୂଚନା ପ୍ରଦାନ କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ହକରମାନଙ୍କର ଏହି କାର୍ଯ୍ୟକୁ ସ୍ୱୀକୃତି ଜଣାଇ ସରକାର ସେମାନଙ୍କୁ ଛଅ ହଜାର ଟଙ୍କାର ଆର୍ଥିକ ସହଯୋଗ ଅନଲାଇନ ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରିଛନ୍ତି। ଏହି ଅବସରରେ




ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ଭିସି ରୁମରେ କୋଭିଡ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି,ଜିଲ୍ଲାପାଳ ପାରୁଲ ପଟାୱରୀ,ଜିଲ୍ଲା ସୁଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଂଜନ ପଟ୍ଟନାୟକ,ଜିଲ୍ଲା ଶ୍ରମ ଅଧିକାରୀ ବାବା ଆନନ୍ଦ ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।ମୁଖ୍ୟମନ୍ତ୍ରୀ ଅନଲାଇନ୍ ରେ ହକର ମାନଙ୍କୁ ଟଙ୍କା ପ୍ରଦାନ ସହ ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ।ସେମାନଙ୍କ ପ୍ରତିକ୍ରିୟା ରେ ଦୀର୍ଘଦଶନ୍ଧିଧରି ସେମାନେ କାର୍ଯ୍ୟକରୁଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ନଥିଲା । ସରକାର ସେମାନଙ୍କୁ ସ୍ୱୀକୃତି ପରିଚୟ ଓ ଆର୍ଥିକ ସହାୟତା ପ୍ରଦାନ ସହ ସେମାନଙ୍କ ସୁବିଧା ପାଇଁ ସେଡ ନିର୍ମାଣ କରିବାକୁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ। ସୁଚନା ଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲାର ୧୯୩ଜଣ ହକର ସେମାନଙ୍କ ନାମ ପଂଜିକରଣ କରି ଥିବାରୁ ସେମାନଙ୍କୁ ଏହି ସହାୟତା ପ୍ରଦାନ କରାଯାଇଛି। ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଥିଲେ ପ୍ରିଣ୍ଟମିଡିଆ ମାଧ୍ୟମରେ ଯେଉଁ ସମ୍ବାଦ ପରିବେଷଣ ହୁଏ ତାକୁ ଲୋକମାନଙ୍କ ପାଖରେ ହକରମାନେ ପହଞ୍ଚାଇଥାନ୍ତି। ପ୍ରଥମଥର ପାଇଁ ମୁଖ୍ୟମନ୍ତ୍ରୀ ଏହି ସହାୟତା ଯୋଜନା ପ୍ରଦାନକରି ଐତିହାସିକ ନିଷ୍ପତି ଗ୍ରହଣ କରିଛନ୍ତି।

# ଦଶମ ଜାତୀୟ ଗଣିତ ଦିବସ-୨୦୨୧ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଦଶମ ଜାତୀୟ ଗଣିତ ଦିବସ ୨୦୨୧ ଅବସରରେ କଟକ ସ୍ଥିତ ବିଜ୍ଞାନ ପ୍ରଗ୍ଚର ସମିତି ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ ହାଟରେ ପ୍ରଫେସର ହରିହର ପଟ୍ଟନାୟକ ସ୍ମାରକୀ ବିଦ୍ୟାଳୟ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିବୃନ୍ଦ ବିଦ୍ୟାଳୟ ପରିସରରେ ଥିବା ମହାତ୍ମାଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହଜଗନ୍ନାଥ ମହାପ୍ରଭୁ ଓ କୃତି ବିଦ୍ୟା ପ୍ରଫେସର ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସମିତିର ଆଜିବବନ ସଦସ୍ୟ ପରିବେଶ ବିତ୍ ଉତ୍କଳ ରଂଜନ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର କାୟସ୍ଥ ସମିତି ଓ ପ୍ରଫେସର ପଟ୍ଟନାୟକ ଙ୍କର ସଂକ୍ଷିପ୍ତ ଜୀବନୀ ସଂପର୍କ ରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଧରନୀଧର ଜେନା ଓ ଅବସରପ୍ରାପ୍ତ ପଦାର୍ଥବିଜ୍ଞାନୀ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ମହାନ୍ତି ପ୍ରମୁଖ ପୃଥିବୀ



ବିଖ୍ୟାତ ତଥା ଅବିସ୍ମରଣୀୟ ଗଣିତବିତ୍ ଶ୍ରୀନିବାସ ରାମାନୁଜ ନଙ୍କର ଅସାଧାରଣ ପ୍ରତିଭା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଉଭୟ ସମିତି ଓ ବିଦ୍ୟାପୁରୀ ତରଫରୁ ବହୁମୂଲ୍ୟ ବିଜ୍ଞାନ ପୁସ୍ତକ ମାନ ପ୍ରଦାନ କରାଯାଇଥିଲା। ଜିଲ୍ଲାର ଅଗ୍ରନୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ୍ ପକ୍ଷରୁ ସମସ୍ତ ଅତିଥି ଓ ପ୍ରଧାନଶିକ୍ଷକ ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲିଖିତ ଗଣିତ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅନ୍ୟତମ ଆଜୀବନ ସଦସ୍ୟ ତଥା ପ୍ରଧାନ ଶିକ୍ଷକ ପ୍ରକାଶ ରଂଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ମାନସ କୁମାର ବେହେରା,ପୁରୁଷୋତ୍ତମ ତ୍ରିପାଠୀ ,ଭ୍ରମରବର ବେହେରା,ସନ୍ତୋଷିନୀ ସେଠୀ ସ୍ୱାତୀ ସ୍ୱାଇଁ ତଥା ସ୍ୱେଚ୍ଛାସେବୀ ଅନୀଲ ଦାସ ପ୍ରମୁଖ ପରିଚ୍ଚଳନା କରିଥିଲେ।

# କଟକରେ ପ୍ରତି ଘରୁ ଆଦାୟ ହେବ ୟୁଜର୍ସ ଫି

**କଟକ(ସଂପର୍କବାର୍ତ୍ତା):-** ଖୁବ୍ ଶୀଘ୍ର ସିଏମ୍‌ସିରେ ପରିମଳ ପରିଚାଳନା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ଅଳିଆ ବାହାରେ ପକାଇଲେ ଜୋରିମାନା ଆଦାୟ ହେବ। ଏଥିସହିତ ଏଣିକି ଅଳିଆ ଗାଡ଼ିକୁ ଅଳିଆ ନ ଦେଲେ ବି ଜୋରିମାନା ଦେବାକୁ ପଡ଼ିବ। କେବଳ ସେତିକି ନୁହେଁ ଉପଯୁକ୍ତ ସେବା ଯୋଗାଇବା ପରେ ପ୍ରତ୍ୟେକ ଘରୁ ସିଏମ୍‌ସି ଆଦାୟ କରିବ ୟୁଜର୍ସ ଫି’। ଘରକୁ ଘର ବୁଲି ଅଳିଆ ସଂଗ୍ରହ କରିବାକୁ ସହରକୁ ଆଉ ୧୦୦ ଅଳିଆବୁହା ଗାଡ଼ି ଆସିବ ବୋଲି ଜଣାପଡ଼ିଛି।

ଗତବର୍ଷ ତୁଳନାରେ ଚଳିତ ବର୍ଷ ସର୍ବେକ୍ଷଣରେ ସିଏମ୍‌ସି ଖରାପ ପ୍ରଦର୍ଶନ କରିଥିଲା। ତା ସହିତ ପରିମଳ ଟେଣ୍ଡର୍ ବାତିଲ୍ ହେବାପରେ ସହରକୁ ଭରସା ଡୋର ଟୁ ଡୋର ଅଳିଆ ସଂଗ୍ରହ ଓ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର୍। ସେଥିପାଇଁ ସିଏମ୍‌ସି ଦ୍ୱାରା ଏମ୍‌ସିସି ତିଆରି କରାଯାଇ ଘରକୁ ଘଣୁ ଅଳିଆ ସଂଗ୍ରହ ହେଉଛି। ସେଥିପାଇଁ ୱାର୍ଡ଼ଗୁଡ଼ିକରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଯଥେଷ୍ଟ ପରିମାଣର କର୍ମଚ୍ଚରୀ ନିୟୋଜିତ ରହିଛନ୍ତି। ତା ସହିତ ୩୧ଟି ଲାଇଟ୍ କର୍ମସିଆଲ୍ ଭେଇକିଲ (ଏଇସିଭି) ଓ ୪୧ଟି ବ୍ୟାଟେରୀ ଚାଳିତ ଗାଡ଼ି (ବିଓଭି) କାର୍ଯ୍ୟକ୍ଷମ ହୋଇଛି। ଏହା ମଧ୍ୟରେ ବର୍ତ୍ତମାନ ସୁଦ୍ଧା ସହରର ୫୯ଟି ୱାର୍ଡ଼ ମଧ୍ୟରୁ ୨୬ଟି ୱାର୍ଡ଼ରେ ଡୋର ଟୁ ଡୋର ଅଳିଆ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇସାରିଛି। ଆଗକୁ ଖୁବ୍‌ଶୀଘ୍ର ସମସ୍ତ ୱାର୍ଡ଼ରେ ଏହି ପ୍ରକ୍ରିୟା କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ସିଏଚ୍‌ସିକୁ ଆଉ ୧୦୦ଟି ଏଲ୍‌ସିଭି ତଥା ଅଳିଆ ବୁହା ଗାଡ଼ି ଆସିବ। ତାହାକୁ କାର୍ଯ୍ୟକ୍ଷମ କରିବା ପରେ ପ୍ରଥମ ପର୍ଯ୍ୟୟରେ କିଛିଟା ୱାର୍ଡ଼ରେ ପରିମଳ ପରିଚାଳନା ନିୟମ ତଥା ବାଏଲ କଡ଼ାକଡ଼ି କରାଯିବ। କୌଣସି ଲୋକ ଅଳିଆ ବାହାରେ ପକାଉଥିଲେ ଜୋରିମାାନ ଆଦାୟ ହେବା ସହିତ ଅଳିଆ ନ ଦେଲେ ମଧ୍ୟ ତଣ୍ଡ ଗଣିବେ। ଅର୍ଥାତ କୌଣସି ଲୋକ ଯଦି ଲଗାତାର ଭାବେ ସିଏମ୍‌ସି ଅଳିଆ ଗାଡ଼ିରେ ଅଳିଆ ଦେଉ ନାହାନ୍ତି ତେବେ ସେ ଅଳିଆ କ’ଣ କରୁଛନ୍ତି ସେ ସମ୍ପର୍କରେ ସିଏମ୍‌ସି ଦ୍ୱାରା କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ତାହାପରେ ବି ଯଦି ଲୋକନ ଶୁଣନ୍ତି ତେବେ ସିଏମ୍‌ସି ଦ୍ୱାରା ଜରିମାନା ଆଦା କରାଯିବ। ଏହାସହ ଘରମାନଙ୍କରୁ ୫୦ ସ୍କୋୟାର୍ ଫିଟ୍ ଅନୁସାରେ ଦିନକୁ ୧ଟଙ୍କା ୟୁଜର୍ସ ଫି’ ଲାଗୁ ହେବ। ଅର୍ଥାତ୍ ମାସକୁ ସର୍ବନିମ୍ନ ୩୦ଟଙ୍କା ଲେଖାଏଁ ଆଦାୟ କରାଯିବ। ଏ ନେଇ ସିଏମ୍‌ସି ଡେପୁଟି କମିସନର ସଞ୍ଜିବିତା ରାୟ କହିଛନ୍ତି ଯେ, ନିୟମ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନିଆଯାଇଛି । ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ କରାିବ।

# ଅଧ୍ୟକ୍ଷ ଅମରେଶ ପତ୍ରୀଙ୍କ ବାରିପଦା ଗସ୍ତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡିଶା ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ମଙ୍ଗଳବାର ଦିନ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବାରିପଦା ଓ.ଏଲ୍.ଆଇ.ସି ଡିଭିଜନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଉଠା ଜଳସେଚନ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ଓ ସ୍ଥିତି ସଂପର୍କରେ ଅନୁଧ୍ୟାନ କରିଥିଲେ । ଏ ସଂପର୍କିତ ଏକ ସମୀକ୍ଷା ବୈଠକରେ ଶ୍ରୀ ପତ୍ରୀ ଯୋଗଦେଇ ଉଠା ଜଳସେଚନ ପ୍ରକଳ୍ପ ଜରିଆରେ କୃଷକମାନେ କିପରି ଲାଭବାନ ହୋଇପାରିବେ, ସେ ସମ୍ପର୍କରେ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ସେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷିର ଉନ୍ନତି ଓ କୃଷକମାନଙ୍କ କଲ୍ୟାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ବେଳେ କୃଷକମାନଙ୍କର ରହିଥିବା ସମସ୍ୟାକୁ ବୁଝି ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେଇ କୃଷି କ୍ଷେତ୍ରକୁ ଜଳଯୋଗାଣକୁ ସୁନିଶ୍ଚିତ କରିବାକୁ ଶ୍ରୀ ପତ୍ରୀ ଆବଶ୍ୟକ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାରଙ୍କ ୫-ଟି ଉପକ୍ରମ ଏବଂ ‘ମୋ ସରକାର’ ଆଭିମୁଖ୍ୟ ଆଧାରରେ ଡିଭିଜନରେ ନିର୍ମାଣାଧିନ ପ୍ରକଳ୍ପକୁ ତ୍ୱରିତ ପଦକ୍ଷେପ ନେଇ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସେ କହିଥିଲେ ।



ଏହାପରେ ନିଗମର ଅଧ୍ୟକ୍ଷ ଶ୍ରୀ ପତ୍ରୀ ଜିଲ୍ଲାର ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାରସକଣା ବ୍ଲକର ଝାରପୋଖରିଆ ଗ୍ରାମ ପଞ୍ଚାୟତରେ ଝାରବେଡା ଗ୍ରାମରେ ସ୍ଥାପିତ ଗଭୀର ନଳକୂପ ପ୍ରକଳ୍ପ ପରିଦର୍ଶନ କରିଥିଲେ । ଏହି ପ୍ରକଳ୍ପ ଯୋଗୁଁ ୨୪ ହେକ୍ଟର ଜମିକୁ ଜଳସେଚନ ସୁବିଧା ଉପଲବ୍ଧ ହେବାକୁ ଥିବା ବେଳେ ପ୍ରକଳ୍ପର ଅଧିକ ଉନ୍ନତିକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ପତ୍ରୀ ସଂପୃକ୍ତ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ସେହିପରି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ଗୋଳମୁଣ୍ଡାକଟା ଗ୍ରାମ ପଞ୍ଚାୟତର ଶାଳବଣୀ ଗ୍ରାମସ୍ଥିତ ଶାଳବଣୀ-୨ ନଦୀ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ୨୦ ହେକ୍ଟର ଜମିକୁ ଜଳସେଚିତ ହେଉଥିବା ପ୍ରକଳ୍ପକୁ ଶ୍ରୀ ପତ୍ରୀ ପରିଦର୍ଶନ କରିଥିଲେ ଏବଂ କୃଷକମାନଙ୍କ ସହ ଆଲୋଚନା କରିଥିଲେ ।

ଏହି ସମୀକ୍ଷା ବୈଠକ ଓ ପରିଦର୍ଶନ ସମୟରେ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ପାତ୍ର, ଏଷ୍ଟିମେଟର ପ୍ରଦୀପ କୁମାର ବେହେରା ଓ ସହକାରୀ ଯନ୍ତ୍ରୀ ସରୋଜ କୁମାର ନାୟକ, ଶୁକଦେବ ଭୋଇ, ଗୋରା ସିଂ, ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପରେ ଓସିଏ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ଓଡିଶା କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ କ୍ରିକେଟ୍ ଜିଲ୍ଲା ସହଯୋଗରେ ଡିସେମ୍ବର ୨୨, ୨୦୨୧ ଠାରୁ ଜାନୁଆରୀ ୩, ୨୦୨୧ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ସିନିଅର ତଥା ୧୯ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦୀପର ଗୋପବନ୍ଧୁ ଷ୍ଟାଡିଅମ ଠାରେ ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ଯୋଗ ଦେଇ ୧୩ ଦିନ ବ୍ୟାପି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ସ୍ପୋର୍ଟ୍ସ କାଉନସିଲ୍ ସଭାପତି ଡି.ଏନ୍. ସୋନ୍ଧି, ବନ୍ଦର ସଚିବ ପି.ଏନ୍. ବାହେକର, ବନ୍ଦର ସ୍ପୋର୍ଟ୍ସ କାଉନସିଲ୍‌ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ବନ୍ଦର ସ୍ପୋର୍ଟ୍ସ ପରାମର୍ଶଦାତା ତଥା ଓସିଏ ସଭ୍ୟ ରବି ଦାସ, ଗୋପବନ୍ଧୁ କ୍ରିଡା ସଂସଦର ସମ୍ପାଦକ ରଂଜନ ରଶ୍ମି




ବେଉରା, ଜାତୀୟ ଭଲିବଲ ପ୍ରଶିକ୍ଷକ ସଂଜୟ କୁମାର ଦାସଙ୍କ ସମେତ ବହୁ ବରିଷ୍ଠ କ୍ରିକେଟ ପ୍ରେମୀ ଓ ଖେଳାଳୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉଲ୍ଲେଖ ଥାଉକି, ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ପାରାଦୀପ କ୍ରିକେଟ୍ ଜିଲ୍ଲା ୟୁନିଟ୍‌ରୁ ଶ୍ରେଷ୍ଠ ଖେଳାଳୀଙ୍କୁ ମନୋନୀତ କରାଯାଇ ରାଜ୍ୟ ପାଇଁ ପ୍ରତିନିଧିତ୍ୱ କରିବାକୁ ସର୍ବୋତ୍ତମ ଖେଳାଳି ବାଛିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟର ଲକ୍ଷ୍ୟ । ତେବେ ୧୩ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ କୋଭିଡ୍ କଟକଣା ମଧ୍ୟରେ ଅନୁଷ୍ଠିତ ହେଉଥିବା ଆୟୋଜକଙ୍କ ଠାରୁ ପ୍ରକାଶ ।

# ୮ଟି ଛୁଆର ମାଆ ପୁଣି ଗର୍ଭବତୀ ଏବେବି ସରିନି ସ୍ୱାମୀଙ୍କ ସଉକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପିଲାମାନଙ୍କୁ ସମସ୍ତେ ଭଲ ପାଆନ୍ତି ବିବାହ ପରେ ସମସ୍ତେ ବେବି ପ୍ଲାନ୍ କରିବା ଆରମ୍ଭ କରନ୍ତି। ଆଜିର ଯୁଗରେ ଅଧିକାଂଶ ଲୋକ ଗୋଟିଏ ଲୋକ ଗୋଟିଏ କିମ୍ବା ଦୁଇଟି ସନ୍ତାନ ପାଇବାକୁ ଇଚ୍ଛା କରନ୍ତି। କିନ୍ତୁ ଟେକ୍ସାସର ଡାଲାସରେ ରହୁଥିବା ୟାଲାନସିଆ ଏବଂ ତାଙ୍କ ସ୍ୱାମୀଙ୍କ ଚିନ୍ତାଧାରା ସମ୍ପୂର୍ଣ୍ଣ ଭିନ୍ନ। ୟାଲାନସିଆ ଏପର୍ଯ୍ୟନ୍ତ ୮ଟି ସନ୍ତାନ ଜନ୍ମ ଦେଇଛନ୍ତି ଏବଂ ୯ମ ସନ୍ତାନ ପାଇଁ ଗର୍ଭବତୀ ଅଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ସେମାନଙ୍କର ସମସ୍ତ ଆଠଟି ପିଲା ପୁଅ ଏବଂ ଗର୍ଭରେ ଥିବା ପିଲା ମଧ୍ୟ ଏକ ପୁଅ।



ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା



# ହସ୍ତଶିଳ୍ପ ପାଠ୍ୟପୁସ୍ତକର କର୍ମଶାଳା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଗତ ୨୨ ତାରିଖ ଦିନ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ(ସିଡାକ୍) ପରିସରରେ ଅନୁଷ୍ଠାନର ହସ୍ତଶିଳ୍ପ ତାଲିମ କେନ୍ଦ୍ର ପାଇଁ ପାଠ୍ୟପୁସ୍ତକ ପ୍ରକାଶନ ନିମନ୍ତେ ଏକ କର୍ମଶାଳା ସଂପାଦିତ ହୋଇଯାଇଛି। ଏହି କର୍ମଶାଳାଟି ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ସହଭାଗିତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନାତନ ନାୟକ, ନିର୍ଦ୍ଦେଶକ, ହସ୍ତଶିଳ୍ପ, ଶିଶିର କୁମାର ରଥ, ସଦସ୍ୟ ସଚିବ, ସିଡାକ୍ ତଥା ଦିଲ୍ଲୀପ କୁମାର ନାୟକ, ଭାରପ୍ରାପ୍ତ ଅଧିକାରୀ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଉପସ୍ଥିତ ଥିଲେ। ଓଡ଼ିଶାର ବିଭିନ୍ନ ହସ୍ତଶିଳ୍ପ ଯଥା ଚାନ୍ଦୁଆ, ପଟ୍ଟଚିତ୍ର, ତାଳପତ୍ର ଖୋଦେଇ, ମୃତ୍ତିକା ଶିଳ୍ପ, ପଥର ଖୋଦେଇ ଓ କାଷ୍ଠ ଖୋଦେଇ କ୍ଷେତ୍ରରେ ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ତଥା ଅଭିଜ୍ଞ ପ୍ରଶିକ୍ଷକ ଉକ୍ତ କର୍ମଶାଳାରେ ନିମନ୍ତ୍ରିତ ହୋଇ ନିଜର ମତାମତ ତଥା ଅଭିଜ୍ଞତା ପ୍ରଦାନ କରିଥିଲେ।



# ଠିକା ସଂସ୍ଥାର ଅର୍ଥ ହଡପକାରୀ ଫେରାର କର୍ମଚାରୀଙ୍କ ଗିରଫ କେବେ ?

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପର ଏକ ପ୍ରତିଷ୍ଠିତ ଠିକା ସଂସ୍ଥା ସାଇକୃପାର ଜଣେ ଆକାଉଣ୍ଟାଣ୍ଟ ସଂସ୍ଥାର ବିଗତ ପାଂଚ ବର୍ଷର ହିସାବପତ୍ର ଖାତା ଏପରିକି କମ୍ପ୍ୟୁଟରର ସବୁ ଡାଟା ଚୋରି କରିବା ସଙ୍ଗେ ସଙ୍ଗେ କୋଟି କୋଟି ଟଙ୍କାର ହିସାବ ପତ୍ର ଗାଏବ କରି ଫେରାର ହୋଇଯାଇଥିବା ନେଇ ସଂପୃକ୍ତ ସଂସ୍ଥା ପକ୍ଷରୁ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ଏହି ସଂସ୍ଥାର ମୁଖ୍ୟ ତଥା ସ୍ଥାନୀୟ ଅଂଚଳର ଜଣାଶୁଣା ଶ୍ରମିକ ନେତା ତଥା ସମାଜସେବୀ ରାକେଶ କୁମାର ପଟ୍ଟନାୟକଙ୍କ ଅଧିନରେ ସ୍ଥାନୀୟ ଅଂଚଳର ଶତାଧିକ ଯୁବକ ବିଭିନ୍ନ ଛୋଟବଡ ଠିକା କାମ କରିଆସୁଥିବା ବେଳେ ଆକାଉଣ୍ଟାଣ୍ଟ ୫ବର୍ଷର ହିସାବପତ୍ର ଗାଏବ ଯୋଗୁଁ କମ୍ପାନୀ ଓ ଠିକାଦାରମାନଙ୍କର ନେଣ ଦେଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ତେବେ ଏହି ଘଟଣାକୁ ଅନୁମାନ କରାଯାଏ ଯେ, ସମ୍ପୃକ୍ତ ଫେରାର କର୍ମଚାରୀ କୋଟି କୋଟି ଟଙ୍କା ଠକି ନେଇଯାଇଥିବା ଏବଂ ଧରାପଡିଯିବା ଭୟରେ ଠିକା ସଂସ୍ଥାର ଜରୁରୀ ବ୍ୟବସାୟ ଆର୍ଥିକ କାରବାରର ଡାଟା ଗାଏବ କରି ଦେଇପାରିଥାନ୍ତି । ଏ ଘଟଣାକୁ ନେଇ ପାରାଦୀପ ଥାନାରେ ମାସେ ତଳେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ୍‌ର ଏପର୍ଯ୍ୟନ୍ତ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାର ଦେଖିବାକୁ ମିଳୁନାହିଁ । ସୂଚନାଥାଉକି ସ୍ୱଳ୍ପ ବେତନରେ କାର୍ଯ୍ୟ କରୁଥିବା ଏହି ଫେରାର କର୍ମଚାରୀ ଜଣକ ତାରିଣିଗଡା ଅଂଚଳରେ ପ୍ରାୟ କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବହୁତଳ ପ୍ରାସାଦ ନିର୍ମାଣ କରି ସନ୍ଦେହ ଘେରକୁ ଆସିଥିବା ଅଭିଯୋଗ ହୁଏ । ଏତେ ବଡ ଘଟଣା ପରେ ଓଲଟା ଚୋର କୋତଓାଲେକୁ ଦାଣ୍ଡେ ନ୍ୟାୟରେ ଠିକାସଂସ୍ଥା ମାଲିକ ଶ୍ରୀ ପଟ୍ଟନାୟକ ଥାନାରେ ଅଭିଯୋଗ କଲା ପରେ ଫେରାର ଆକାଉଣ୍ଟାଣ୍ଟଙ୍କ ପରିବାର ତାଙ୍କ ବିରୁଦ୍ଧରେ କୋର୍ଟରେ ପାଲଟା ଅଭିଯୋଗ କରିଛନ୍ତି । ତେବେ ବିଭିନ୍ନ ଘଟଣାରେ ପୋଲିସ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବେଳେ ଏତେ ବଡ ଠକାମୀ ଘଟଣା ଯେଉଁଥିରେକି ସ୍ଥାନୀୟ ଅଂଚଳର ଛୋଟବଡ ବ୍ୟବସାୟୀଙ୍କ ସ୍ୱାର୍ଥ ନିହିତ ଅଛି, ଏଥିରେ ସଂଶ୍ଳିଷ୍ଟ ଫେରାର ଆକାଉଣ୍ଟାଣ୍ଟ ଧରାନପଡିବା । ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ବିଭିନ୍ନ ଶିଳ୍ପ ସଂସ୍ଥାକୁ ଶ୍ରୀ ପଟ୍ଟନାୟକଙ୍କ ଠିକାସଂସ୍ଥା ଜରିଆରେ ବାଲି, ଚିପ୍ସ, ଭଳି ସାମଗ୍ରୀ ଯୋଗାଣରେ ବ୍ୟବହୃତ ସରକାରୀ ଚାଲଣକୁ ନକଲ କରି ସଂପୃକ୍ତ ଆକାଉଣ୍ଟାଣ୍ଟ ଜଣକ ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ଲକ୍ଷ୍ୟାଧିକ ଟଙ୍କା ହଡପ କରିଥିବାର ପ୍ରମାଣ ମଧ୍ୟ ତାଙ୍କ ବିରୁଦ୍ଧରେ ରହିଛି ।

# ୨୦୨୧-୨୨ ରବି ଋତୁ ପାଇଁ ଜିଲ୍ଲା କୃଷି କାର୍ଯ୍ୟ ବୈଠକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ପକ୍ଷରୁ ୨୦୨୧-୨୨ରବିଋତୁ ପାଇଁ ଜିଲ୍ଲା କୃଷିକାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ପାରୁଲ ପଟୱାରୀ କହିଲେ ଆଗାମୀ ରବିଋତୁରେ ଜିଲ୍ଲାରେ ଅଧିକ ଡାଲି ଜାତୀୟ ଫସଲ ସହିତ ତୈଳବୀଜ ଚାଷ ନିମନ୍ତେ ଚାଷୀମାନଙ୍କୁ ଉନ୍ନତ ମାନର ବିହନ,ସାର,କୀଟନାଶକ ଔଷଧ ଯୋଗାଇଦେବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୃଷି ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପାଇଁ ଧାର୍ଯ୍ୟ ହୋଇଥିବା ଉତ୍ପାଦନ ପରିମାଣ ଯେପରି ଲକ୍ଷ୍ୟ ପୂରଣ ହୁଏ ସେଥିପ୍ରତି ଧ୍ୟାନଦେବାକୁ ମୁଖ୍ୟ କୃଷିଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକୱାରୀ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ବ୍ଲକ କୃଷିଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ଉନ୍ନତ ଚାଷ ପ୍ରଣାଳୀ,ସଏଲ ଟେଷ୍ଟିଙ୍ଗ, ଉନ୍ନତ ବିହନ ସାର,କୀଟନାଶକ ଫସଲ ବୀମା ଯୋଜନା,ସୌରଜଳନିଧି ଯୋଜନାରେ ସୋଲାର ପମ୍ପସେଟ୍ ଯୋଗାଣ,ଶସ୍ୟରଣ ପ୍ରଦାନ ଇତ୍ୟାଦି କୃଷକ ମାନଙ୍କୁ ସଚେତନ କରାଇବେ। ଆଗାମୀ ରବିଋତୁରେ ଉନ୍ନତ କୃଷି ଯନ୍ତ୍ରପାତି ଓ ବୈଷୟିକ ଜ୍ଞାନକୌଶଳର ଉପଯୋଗରେ ଅଧିକ ତୈଳବୀଜ ଓ ଚିନାବାଦାମ ଉତ୍ପାଦନ ନିମନ୍ତେ କୃଷି ଶିବିର ମାଧ୍ୟମରେ କୃଷକ ମାନଙ୍କୁ ସଚେତନ କରାଇବେ। ଏହି ବୈଠକରେ ପୂର୍ବ ବୈଠକର ବିବରଣୀକୁ ଦୃଢୀକରଣ କରାଯାଇଥିଲା। ବୈଠକରେ ମୁଖ୍ୟ କୃଷିଅଧିକାରୀ ରାଜକିଶୋର ଦାସ ଯୋଗଦେଇ ଆଗାମୀ ରବିଋତୁ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଡାଲି ଓ ତୈଳବୀଜ ଧାଡିବୁଣା ମାଧ୍ୟମରେ ଅଧିକ ଉତ୍ପାଦନ ଗୁରୁତ୍ୱ ଦିଆଯାଉଛି ବୋଲି କହିଥିଲେ। ଚାଷୀମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଣ ଓ ଅନୁକୂଳ ରାସାୟନିକ ସାର ପ୍ରୟୋଗ ନିମନ୍ତେ ଅଗ୍ରାଧିକାରୀ ଦିଆଯାଇଛି। ଆର.କେ.ଭି.ୱାଇ, ଏନ.ଏଫ.ଏସ.ଏଫ ଯୋଜନା ମାଧ୍ୟମରେ କୃଷି କ୍ଷେତ୍ରରେ ଯାନ୍ତ୍ରିକି କରଣ ରିହାତି ଦରରେ ଯୋଗାଇବା ପାଇଁ ପଦକ୍ଷେପ ନିଆଯାଇଛି। ଆଗାମୀ ରବିଋତୁରେ ୧,୦୪,୧୭୦ ହେକ୍ଟର ଜମିରେ ଫସଲ କରାଯିବାର ଧାର୍ଯ୍ୟ ରହିଛି। ଧାନ,ମକା ୨୧୦୦ହେକ୍ଟର, ମୁଗ,ବିର.କୋଳଥ, ମଟର ୬୯,୪୦୦ହେକ୍ଟର,ଚିନାବାଦାମ,ସୂର୍ଯ୍ୟମୁଖୀ,ସୋରିଷ ୮୧୦୦ହେକ୍ଟର,ପିଆଜ,ଆଳୁ ଓ ପନିପରିବା ଇତ୍ୟାଦି ୧୯,୭୦୦ହେକ୍ଟର,ଲଙ୍କା,ରସୁଣ,ଧନିଆ। ୩୮୭୦ହେକ୍ଟର,ଆଖୁ ୧୦୦୦ ହେକ୍ଟର ଚାଷ ହେବାର ଧାର୍ଯ୍ୟ ଲକ୍ଷ୍ୟ ରହିଛି। ଏହି ଅବସରରେ ବିଭିନ୍ନ ଯୋଜନା ଆତ୍ମା ମାଧ୍ୟମରେ କୃଷକ ତାଲିମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି,ଉପଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ,ଡିଡିଏମ (ନାବାର୍ଡ) ବିଶ୍ୱଭୂଷଣ ମହାନ୍ତି,ଏଲଡିଏମ ସତିଶ ଚନ୍ଦ୍ର ପାତ୍ର ପ୍ରମୁଖ କୃଷିଅଧିକାରୀ,ଉଦ୍ୟାନ କୃଷି,ଏଆରସିଏସ,କୃଷି ବୈଜ୍ଞାନିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ତିର୍ତ୍ତୋଲର କୃଷିଅଧିକାରୀ ସରୋଜ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ପଲ୍ଲୀ ଜୀବନର ସାର୍ଥକ ରୂପକାର ଥିଲେ ନନ୍ଦକିଶୋର




**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଆଜି ସ୍ଥାନୀୟ ଦଶନମ୍ବର ଠାରେ ଥିବା ଗାୟତ୍ରୀ ଏଜୁକେଶନ ପଏଣ୍ଟ ଠାରେ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ୧୪୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରି ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ କହିଲେ ଯେ ପଲ୍ଲୀ ଜୀବନର ସାର୍ଥକ ରୂପକାର ଥିଲେ ନନ୍ଦକିଶୋର ବଳ। ତାଙ୍କ ଲେଖନୀରେ ପଲ୍ଲୀ ଜୀବନର ଚିତ୍ର ଯଥା ଗ୍ରାମଖଳା, ଗ୍ରାମଗୋଚଶାଳୀ, ଗ୍ରାମଦେବତା, ଗ୍ରାମହାଟ, ଗ୍ରାମଶ୍ମଶାନର ଚିତ୍ର ବେଶ କମନୀୟ ହୋଇପାରିଛି।ଅନ୍ୟତମ ଆଲୋଚକ ଭାବେ ଗାୟତ୍ରୀ ଏଜୁକେଶନ ପଏଣ୍ଟର ନିର୍ଦ୍ଦେଶିକା ଶାସ୍ୱତ ପ୍ରିୟଦର୍ଶିନୀ ଆଲୋଚନାରେ ଭାଗନେଇ ପଲ୍ଲୀ କବି ଙ୍କ ରଚିତ କାବ୍ୟଗ୍ରନ୍ଥ ପଲ୍ଲୀଚିତ୍ର,ନିର୍ଝରନୀ,ଋତୁଚିତ୍ର,ଓ କୃଷ୍ଣାକାବେରୀ କାବ୍ୟ ତାଙ୍କୁ କାଳଜୟୀ କରିଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ସମ୍ବିତ ଦାସ,ଅଭିଷେକ ବେହେରା,ବର୍ଷାପ୍ରିୟଦର୍ଶିନୀ ଓ ଲୋପାମୁଦ୍ରା ସାହୁ ଆଲୋଚନା ରେ ଅଂଶଗ୍ରହଣ କରି ମେଘ ବରଷିଲା ଟୁପୁରୁ ଟୁପୁର,ଡାଆଣିଆ ଖରା ଓ ଟିକୁ ମୁଷିରେ ଟୁକ୍ଟୁ ମୁଷି କବିତା ପାଇଁ ନନ୍ଦକିଶୋର ବଳ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି ମତପ୍ରକାଶ କରିଥିଲେ। ଶେଷରେ ଇଷାନି ମୋନାଲିସା ଧନ୍ୟବାଦ ଅର୍ପଣ କରିଥିଲେ।

# 'ମମତାରେ ଧାରେ' ଓ 'ଶବ୍ଦର ଶବ୍ଦରେ ଶୈବାଳିନୀ' ୨ଟି ପୁସ୍ତକ ଉନ୍ମୋଚିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ବିଶିଷ୍ଟ କବି ତଥା ଆଖ୍ୟାୟିକା ଶୈବାଳିନୀ ସାହୁଙ୍କ ଦ୍ୱାରା ଲିଖିତ ଗଳ୍ପପୁସ୍ତକ 'ମମତାର ଧାରେ' ଏବଂ କବିତା ସଙ୍କଳନ 'ଶବ୍ଦରେ ଶବ୍ଦରେ ଶୈବାଳିନୀ' ୨ଟି ପୁସ୍ତକକୁ କିଟ୍ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ତଥା ୧୦୮ ହନୁମାନ ମନ୍ଦିର ଅଧ୍ୟକ୍ଷ ବାବା ରାମନାରାୟଣ ଦାସ ମହାରାଜଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଉନ୍ମୋଚନ କରି ଏହି ପୁସ୍ତକ ରଚନା କରିଥିବା ଲେଖକଙ୍କର ଭୂୟଷୀ ପ୍ରଶଂସା କରିବା ସହିତ ପାଶ୍ଚାତ୍ୟ ଚିନ୍ତାଧାରରେ ପ୍ରଭାବିତ ନହୋଇ ଭାରତୀୟ ଚିନ୍ତା ଚେତନା ଓ ଦର୍ଶନକୁ ନେଇ ଓଡିଆ ଭାଷା ସାହିତ୍ୟର ପାଠକମାନଙ୍କ ପାଇଁ ଏହିଭଳି ରୁଚିଶୀଳ ଗଳ୍ପ ଓ କବିତା ସର୍ବଦା ସ୍ୱାଗତ ଯୋଗ୍ୟ ବୋଲି କହିଥିଲେ। ଓଡିଶାର ଅଗ୍ରଣୀ ପ୍ରକାଶନୀ ସ୍ୱାବଲମ୍ବନ, କଟକ ଦ୍ୱାରା ଏହି ପୁସ୍ତକ ୨ଟି କରୋନା ମହାମାରୀ ସମୟରେ ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲେଖକଙ୍କର ବାପା ଶିକ୍ଷାବିତ୍ ବୈରାଗୀ ଚରଣ ସାହୁ, ବାବା ଦିବାକର ଦାସ ମହାରାଜ, ଜଗତସିଂହପୁର ଓକିଲ ସଂଘ ସଭାପତି ଗଗନଚନ୍ଦ୍ର ଦାଶ, ବାଲିକୁଦା କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଦେବେନ୍ଦ୍ର ବାରିକ, ଅଧ୍ୟାପକ ଧରଣୀଧର ଜେନା, ମାନସ ଅଧ୍ୟାପକ ଶରତ କୁମାର ରାଉତରାୟ, ଏସଏଏନ କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଏହି ପୁସ୍ତକ ୨ଟିର ଉନ୍ମୋଚନ ଉତ୍ସବରେ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଲେଖିକାଙ୍କର ଅନ୍ୟ ୨ଟି ପୁସ୍ତକ ପ୍ରୀତି କଣିକା, ଏକପଦୀ, କବିତା ସଙ୍କଳନ ଓ ଗଳ୍ପ ସଙ୍କଳନ ଦ୍ୱାଦଶୀ ଜହ୍ନ ଖୁବଶୀଘ୍ର ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଥିଲେ। ଏହାପୂର୍ବରୁ ଲେଖକଙ୍କର ଦ୍ୱାରା ଲିଖିତ ଇତି ତୁମର ଶୈବାଳିନୀ ପାଠକ ମହଲରେ ବେଶ ଆଦୃତ ଲାଭ କରିଛି।

# କୋଶଳ କ୍ରୀଡା ପ୍ରତିଯୋଗିତା ଉଦଯାପିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ୩ଦିନ ବ୍ୟାପି ବିଶ୍ୱନାଥ ଓ ଶଶିରେଖା ଚୌଧୁରୀ ଫ୍ୟାମିଲି ଟ୍ରଷ୍ଟ, ମୁମ୍ବାଇ ଶ୍ରଦ୍ଧା ଫାଉଣ୍ଡେସନ ଓ ଭୁବନେଶ୍ୱର ବିକାଶ ଏଡ୍ୟୁକେସନାଲ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ କୋଶଳ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ଟ୍ରଷ୍ଟର ଅଧ୍ୟକ୍ଷ କମଳାକାନ୍ତ ଚୌଧୁରୀ ଉଦଘାଟନ କରି ଗ୍ରାମାଂଚଳରେ ଥିବା ବହୁ ଲୁକାୟିତ ପ୍ରତିଭାମାନେ ଏହି ପରି ପ୍ରତିଯୋଗିତା ମାଧ୍ୟମରେ ସେମାନଙ୍କର ପ୍ରତିଭାର ପରିସ୍ଫୁଟ ହୋଇପାରିବ ବୋଲି କହିଥିଲେ। ଏହି ୩ଦିନ ବ୍ୟାପି ପ୍ରତିଯୋଗିତା ୧୦୦ମିଟର ଦୌଡ, ୨୦୦ମିଟିର ଦୌଡ, ଉଚ୍ଚଡିଆଁ, ଲମ୍ବଡିଆଁ, ଅଙ୍କଦୌଡ, ଆଳୁଦୌଡ, ଡିସକସ ଥ୍ରୋ, ସ୍କିପିଙ୍ଗ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତାରେ ୫ଶହରୁ ଉର୍ଦ୍ଧ୍ୱ ଅରଣା ଶ୍ରୀ ଲୋକନାଥ ବାଣୀ ନିକେତନ ଓ ଅନ୍ୟାନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭାଗ ନେଇଥିଲେ। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ଟ୍ରଷ୍ଟି ସୁବାଷ ଚନ୍ଦ୍ର ଚୌଧୁରୀ ଯୋଗଦେଇ କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀମାନେ ସୁସ୍ଥ ହେବା ସହିତ ସେମାନେ ନିରୋଗୀ ହୋଇ ରାଜ୍ୟ ତଥା ଦେଶର ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଟ୍ରଷ୍ଟି କମଳାକାନ୍ତ ଚୌଧୁରୀ, ଟ୍ରଷ୍ଟି ଆଭାସ ଚନ୍ଦ୍ର ଚୌଧୁରୀ, ମୀରା ଚୌଧୁରୀ, ଗୀତା ଚୌଧୁରୀ, ପବିତ୍ରମୋହନ କର, ଉପଦେଷ୍ଟା ପ୍ରଭାତ ମହାନ୍ତି, ଶ୍ରୀ ଲୋକନାଥ ବାଣୀ ନିକେତନର ପ୍ରଧାନଶିକ୍ଷକ ରବିନ୍ଦ୍ର ବସ୍ତିଆ, ପୂର୍ବତନ ସରପଂଚ ରବିନାରାୟଣ ସିଂହ, ଆଇନଜୀବି ଜିତେନ ବେହେରା ପ୍ରମୁଖ ଯୋଗଦେଇ କ୍ରୀଡାର ଆବଶ୍ୟକତା ଉପରେ ଆଲୋଚନା କରିବା ସହିତ ଟ୍ରଷ୍ଟ ପକ୍ଷରୁ ଏଭଳି ଆୟୋଜନକୁ ଭୂୟଷୀ ପ୍ରଶଂସା କରିଥିଲେ। ଏଥିରେ ବଜେନ୍ଦ୍ର ନାଥ ମହାନ୍ତି ସଭା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ସୁବାଷ ଚନ୍ଦ୍ର ସାହୁ କ୍ରୀଡା ପରିଚାଳନା କରିଥିଲେ। ଉପରୋକ୍ତ କ୍ରୀଡା ପ୍ରତିଯୋଗିତା ମାନଙ୍କରେ କୃତିତ୍ୱ ହାସଲ କରିଥିବା ୯୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ଅତିଥିମାନେ ପ୍ରଦାନ କରିଥିଲେ। ଶେଷରେ ଆଭାସ ଚନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଘରେ ଧୂଆଁ ଦେଲେ ଓମିକ୍ରନ ସମ୍ଭାବନା କମ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦକ୍ଷୀଣ ଆଫ୍ରିକାରୁ ପ୍ରଥମେ ଚିହ୍ନଟ ହୋଇଥିବା କରୋନାର ନୂଆ ଭାରିଆଂଟ ଓମିକ୍ରନ ଏବେ ସାରା ବିଶ୍ୱରେ ଆତଙ୍କ ଖେଳାଇଛି। ଧିରେ ଧିରେ ଏହା ସାରା ବିଶ୍ୱକୁ ଗ୍ରାସ କରିବାରେ ଲାଗିଛି। ଭାରତରେ ମଧ୍ୟ ଏହା କାୟା ମେଲାଇଲାଣି।ତେବେ ଡେଲଟା ତୁଳନାରେ ଓମିକ୍ରନ ୩ଗୁଣା ଅଧିକ ସଂକ୍ରମକ ହୋଇଥିବାରୁ ଏନେଇ କେନ୍ଦ୍ର ସତର୍କ ରହିବାକୁ ଦେଇଛି।

ଏହି ସମୟରେ ମୋଦୀ ସରକାର ଲୋକଙ୍କୁ କରୋନାରୁ ରକ୍ଷା କରିବା ପାଇଁ ଏକ ସ୍ୱଦେଶୀ ଉପାୟ ବୋଲି କହିଛନ୍ତି। ଯାହାରା ସୂଚନା ଆୟୁଷ ମନ୍ତ୍ରଣାଳୟର ,ହୋଲିଷ୍ଟିକ୍ ସ୍ୱାସ୍ଥ୍ୟ ଓ ସୁସ୍ଥତା ,ଉପଦେଷ୍ଟାରେ ଦିଆଯାଇଛି। କରୋନାକୁ ଏଡାଇବା ପାଇଁ ଆସନ୍ତୁ , ଏହି ଆୟୁର୍ବେଦିକ ପଦ୍ଧତି ଓ ପରାମର୍ଶ ବିଷୟରେ ସୂଚନା ଦେଇଛି। ଯାହା ସାମାଜିକ ଦୂରତା ମାସ୍କ, ଟୀକାକରଣ ଇତ୍ୟାଦି ପଦକ୍ଷେପ ସହିତ ଗ୍ରହଣ କରାଯାଇପାରିବ। ଏହି ପରାମର୍ଶରେ, ଘରେ କିଛି ଜିନିଷ ପକାଇ ଧୂଆଁ ଦେବାକୁ କୁହାଯାଇଛି। କରୋନାକୁ ଏଡାଇବା ପାଇଁ ଆସନ୍ତୁ, ଏହି ଆୟୁର୍ବେଦିକ ଉପାୟ ବିଷୟରେ ଜାଣିବା

କୋଭିଡ୍ କୁ ଏଡଇବା ପାଇଁ, ଘରେ ଧୂଆଁ ଲଗାନ୍ତୁ



ଆୟୁଷ ମନ୍ତ୍ରଣାଳୟ ମଧ୍ୟ କରୋନାକୁ ଏଡାଇବା ପାଇଁ ଅନ୍ୟ ଉପାୟରେ ଧୂଆଁ କରିବାକୁ ପରାମର୍ଶ ଦେଇଛି। କିନ୍ତୁ ଏଥିପାଇଁ ସେ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ସହିତ ଜିନିଷ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଉଦହରଣ ସରୂପ, ନୀଳ ଧୂଆଁ ଓ ସୋରିଷ ପତ୍ର, ଘିଅ ପକାଇ ଧୂଆଁ ପ୍ରସ୍ତୁତ କରନ୍ତୁ । ଏହା ବ୍ୟତୀତ ଆୟୁଷ ମନ୍ତ୍ରଣାଳୟ କରୋନାକୁ ପାଇଁ ଏଡାଇବା ପାଇଁ ଘରେ ଅପରାଜିତା ଧୂପ ପାଉଡର ସହିତ ଧୂଆଁ କରିବା ପାଇଁ ପରାମର୍ଶ ଦେଇଛି। ଆୟୁଷ , ମନ୍ତ୍ରଣାଳୟ କହିଛି ଯେ ସର୍ବପ୍ରଥମେ ଧୂଆଁ କରିବା ପାଇଁ ଏକ ପାତ୍ର ନିଅ। ଏହା ପରେ, ଏଥିରେ ନଡିଆ କତା କିମ୍ବା କୋଇଲା ପକାଇ ଦିଅନ୍ତୁ।

ବର୍ତ୍ତମାନ ଏଥିରେ କିଛି ଅପରାଜିତା ଧୂପ ପାଉଡର ଛିଂଅନ୍ତୁ ଓ ଏହାର ଘର ଭିତରେ ଭଲ ଭାବରେ ଚାରି ଆଡେ ବୁଲାଇ ଆଣନ୍ତୁ। ଯେତେବେଳେ ପାଉଡର ସଂପୂର୍ଣ୍ଣ ଜଳିଯିବ, ଆଉ କିଛି ପାଉଡର ମିଶାନ୍ତୁ। ମନେରଖନ୍ତୁ ଯେଉଁଠାରେ ଆପଣ କରୋନାକୁ ଏଡାଇବା ପାଇଁ ଧୂପ କରୁଛନ୍ତି, ବାୟୁର ଗତି ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ହେବା ଉଚିତ ରୋଗ ପ୍ରତିରୋଧକ ଶକ୍ତି କିପରି ବଢାଇବେ ; ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ଉପାୟ ଶରୀରର ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବାର ଉପାୟ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଆୟୁର୍ବେଦିକ ପଦ୍ଧତି ବିଷୟରେ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ସୂଚନା ଦେଇଛି।

# ସାପ ସ୍ୱପ୍ନରେ ଆସିଲେ କ'ଣ ହୁଏ ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଉଣିଷ ଶୋଇଲା ମାନେ ସ୍ୱପ୍ନ ଦେଖେ। କିନ୍ତୁ ଉଠିବାବେଳକୁ ସ୍ୱପ୍ନ ଭ୍ରମ ମନେଥାଏ ଅଥବା ହାଲୁକା ମନେଥାଏ। କିନ୍ତୁ ବେଳେବେଳେ ଆମେ ସ୍ୱପ୍ନରେ ଏମିତି କିଛି ଜିନିଷ ଦେଖିଥାଉ ଯାହା ପରେ ଡରିଯାଉ ଏବଂ ନିଦ ଭାଙ୍ଗିଯାଏ । ବେଳେବେଳେ ନିଦରୁ ଉଠିବା ପରେ ସ୍ୱପ୍ନ ଆଖି ଆଗରେ ଝଲସୁଥାଏ। ମନକୁ ବାରମ୍ବାର ପ୍ରଶ୍ନ ଆସେ ଏସବୁ ସ୍ୱପ୍ନ ଦେଖିବା ଶୁଭ ନାଅଶୁଭ ଲୋକେ ଅଧିକାଂଶ ସମୟରେ ସ୍ୱପ୍ନରେ ସାପ ଦେଖିଥାନ୍ତି। ସ୍ୱପ୍ନରେ ସାପ ଦେଖିବା ଶୁଭ ବି ହୋଇପାରେ ଓ ଅଶୁଭ ମଧ୍ୟ ହୋଇପାରେ।

-ଯଦି ସ୍ୱପ୍ନରେ ଅନେକ ସାପ ନଜର ଆସେ ତାହେଲେ ଅଶୁଭ। ଏହିଭଳି ସ୍ୱପ୍ନ ଦେଖିବା ଭବିଷ୍ୟତରେ ସମସ୍ୟା ଦେଖାଦେବାର ସଂକେତ ଦେଇଥାଏ । ଯଦି ସ୍ୱପ୍ନରେ ସାପ ଦଂଶନ କରେ ତାହେଲେ ଏହା ଗମ୍ଭୀର ରୋଗର ସଂକେତ । ଏମିତି ସ୍ୱପ୍ନ ଦେଖିଲେ ସତର୍କ ହୋଇଯାଇଯାଆନ୍ତୁ। ଯଦି ସ୍ୱପ୍ନରେ ମଲା ସ୍ୱପ୍ନ ଦେଖନ୍ତି ତାହେଲେ ଆପଣ ରାହୁ ଦୋଷରୁ ଉତ୍ପନ୍ନ କଷ୍ଟ ଭୋଗୁଛନ୍ତି। ସ୍ୱପ୍ନରେ ସାପର ଦାନ୍ତ ଦେଖିବା ମଧ୍ୟ ଅଶୁଭ ହୋଇଥାଏ। ଏହାର ଅର୍ଥ ଆପଣ କାହାଠାରୁ ଧୋକା ଖାଇପାରନ୍ତି। ଏହା କ୍ଷତି କରିବାର ସଂକେତ ଦେଇଥାଏ। ସାପରେ ଦେଖିଲେ ପିତୃ ଦୋଷ ଥାଇପାରେ। ଯଦି ସାପ ନିଜ ଗାତକୁ ଯାଉଥିବା ଦେଖାଦିଏ ତାହେଲେ ଏହା ହଠାତ ଧନଲାଭର ସଂକେତ ଦେଇଥାଏ ସାପଫଣା ଟେକିଥିଲେ ସମ୍ପତ୍ତି ପ୍ରାପ୍ତି ହୋଇପାରେ।



# 'ଅଭିନନ୍ଦନ'ର ୧୩ତମ ସ୍ୱନକ୍ଷତ୍ର ଉତ୍ସବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ ଖବରକାଗଜ 'ଅଭିନନ୍ଦନ'ର ୧୩ତମ ସ୍ୱନକ୍ଷତ୍ର ଉତ୍ସବ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅଭିନନ୍ଦନର ସମ୍ପାଦକ ଇଂ ଜଗଦୀଶ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଯୋଗଦେଇ ସମାଜ ଗଠନରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସାମ୍ପ୍ରତିକ ପରିସ୍ଥିତିରେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡ଼ିକ ସଙ୍କଟଗ୍ରସ୍ତ ହେବା ଚିନ୍ତାଜନକ। ଏଭଳି ପରିସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାର ସମ୍ବାଦପତ୍ର ଗୁଡ଼ିକର ନିରନ୍ତର ପ୍ରକାଶନ ପାଇଁ ସହାୟତା ଯୋଗାଇ ଦେବା ଆବଶ୍ୟକ।

ଉତ୍ସବରେ ମୁଖ୍ୟବକ୍ତାଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଯୋଗଦେଇ, ସାରା ଦେଶରେ ସାମ୍ବାଦିକତା ଏକ ସଙ୍କଟଜନକ ସ୍ଥିତିରେ ଗତ କରୁଛି। ଏହି ପରିପ୍ରେକ୍ଷୀରେ ମୁକ୍ତ ସାମ୍ବାଦିକତା ପ୍ରତି ବିପଦ ଦେଖାଦେଇଛି। ଏହି ବିପଦକୁ ସାମ୍ନା କରିବାକୁ ହେଲେ ସାମାଜିକ କର୍ମୀ, ବୁଦ୍ଧିଜୀବୀମାନଙ୍କର ସହଯୋଗ ଏକାନ୍ତ କାମ୍ୟ। ଅନ୍ୟ ପକ୍ଷରେ ସାମ୍ବାଦିକମାନେ ଐକ୍ୟବଦ୍ଧ ଭାବେ ସମସ୍ୟାର ସମ୍ମୁଖୀନ ହେବା ଆବଶ୍ୟକ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ବାଲେଶ୍ୱରରୁ ପ୍ରକାଶିତ ଦୈନିକ ଖବରକାଗଜ 'ଧ୍ୱନୀ-ପ୍ରତିଧ୍ୱନୀ'ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ଶିକ୍ଷାବିତ୍ ତଥା ଜ୍ୟୋତିଷ ବିଶାରଦ ବ୍ରଜସୁନ୍ଦର ଦାସ, ଦୈନିକ ଖବରକାଗଜ 'ଅପରାହ୍ନ'ର ସମ୍ପାଦକ ବଂଶୀଧର ଜେନା ଯୋଗଦେଇ ଅଭିନନ୍ଦନର ଯାତ୍ରା ବିଷୟରେ ବିସ୍ତୃତଭାବେ ବର୍ଣ୍ଣନା କରିବା ସହ ସଫଳତା କାମନା କରିଥିଲେ। ଏଥିସହିତ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ କିଛି ପ୍ରତିଭାଧାରୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକତା କ୍ଷେତ୍ରରେ ସମାଜର ଜଗତସିଂହପୁର ପ୍ରତିନିଧି ରାଧାକାନ୍ତ ମିଶ୍ର, ଗାୟୀକା ଜାଗୃତି ମିଶ୍ର, ଓଡ଼ିଶୀ ନୃତ୍ୟଶିଳ୍ପୀ ସାଇ ଋତୁପର୍ଣ୍ଣା ପରିଡ଼ା, ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି, ଆଦର୍ଶ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଶତପଥୀ, ଗାଳ୍ପିକା ଅନସୂୟା ପଣ୍ଡା, କବି ବ୍ରଜକିଶୋର ଦାସ, ପ୍ରାବନ୍ଧିକ ସୁଧାଂଶୁ ଦ୍ୱିବେଦୀ, ସମାଜସେବୀ ସୁଧାଂଶୁ ଶେଖର ଜେନା ପ୍ରମୁଖଙ୍କୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ 'ଅଭିନନ୍ଦନ'ର ସ୍ୱତନ୍ତ୍ର ସଂସ୍କରଣ ଓ ଇଂ ଜଗଦୀଶ ମିଶ୍ରଙ୍କ 'ତୁମ ପାଇଁ ଗପଟିଏ' ଉନ୍ମୋଚିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସାମ୍ବାଦିକ, ବୁଦ୍ଧିଜୀବୀ, ସାହିତ୍ୟିକ ଯୋଗ ଦେଇଥିଲେ।




# ପ୍ରଫୁଲ୍ଲ ପାଠାଗାରରେ 'ପ୍ରଭୁ ଯିଶୁଙ୍କ ପାଇଁ ଦିନଟିଏ' ଆଲୋଚନା ଚକ୍ର

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅନ୍ତର୍ଗତ ପୁରୁଣାଗଡ ଠାରେ ଥିବା ପ୍ରଫୁଲ୍ଲ ପାଠାଗାର ତରଫରୁ ଆଜି 'ଯିଶୁଙ୍କ ପାଇଁ ଦିନଟିଏ' ସମ୍ପର୍କରେ ଏକ ଆଲେଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ ଏହି ଅଲୋଚନା ଚକ୍ରରେ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟ ଅଲୋଚକ ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗ ଦେଇ କହିଥିଲେ ଯେ, ପ୍ରଭୁ ଯିଶୁ ମନୁଷ୍ୟ ଅବତାର ନେଇ ଧରପୃଷ୍ଠକୁ ଆସିଥିଲେ ହେଁ ସମସ୍ତ ମାନବ ସମାଜର ମଙ୍ଗଳ ପାଇଁ ଜନ୍ମ ଗ୍ରହଣ କରିଥିଲେ । ଅନ୍ୟତମ ଅଲୋଚକ ଭାବେ ସତ୍ୟବାଦୀ ଦାସ ତାଙ୍କ ବକ୍ତବ୍ୟରେ ପ୍ରଭୁ ଯିଶୁଖ୍ରୀଷ୍ଟ ଦୟା, କ୍ଷମା ଓ କରୁଣାର ପ୍ରତୀକ ଥିଲେ ବୋଲି କିହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର କୁମାର ଆଚାର୍ଯ୍ୟ, ମାଗୁଣି ଚରଣ ପାଢୀ,ରମେଶ ଚନ୍ଦ୍ର ସାହୁ,ଘନଶ୍ୟାମ କାନୁନଗୋ, ସନ୍ତୋଷ କୁମାର ଆଚାର୍ଯ୍ୟ, ନୃସିଂହ ଚରଣ ତ୍ରିପାଠୀ, ଚନ୍ଦ୍ରଶେଖର ରାୟ,ନିମାଇଁ ଚରଣ ତ୍ରିପାଠୀ, ସଞ୍ଜୟ କୁମାର ସାମନ୍ତସିଂହାର,ବଂଶୀଧର ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଭାଗନେଇ ବର୍ତ୍ତମାନ ସମାଜରେ ହିଂସା, ଦ୍ୱେଷ, ବିଶୃଙ୍ଖଳା ଓ ଅତ୍ୟାଚାର ବଢିଚାଲିଥିଲା ବେଳେ ଯିଶୁଙ୍କ ଅମୀୟ ବାଣୀ ହିଁ ଆମକୁ ସତ୍ ପଥରେ ନେଇପାରିବ ବୋଲି ମତ ପୋଷଣ କରିଥିଲେ ।ଏହି ପରିପେକ୍ଷୀରେ ବରିଷ୍ଠ ନାଗରିକ ବଂଶୀଧର ବିଶ୍ୱାଳଙ୍କ ୮୨ ତମ ଜନ୍ମଦିନ ଉପଲକ୍ଷେ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତ୍ତରୀୟ ଓ ପୁଷ୍ପଗଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାର ଆରମ୍ଭରେ ପାଠାଗାରର ଉପଦେଷ୍ଟା ବିଜୟ କୁମାର ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



# କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଖଇରଙ୍ଗ ପଞ୍ଚାୟତରେ ୫୧ୟୁନିଟ୍ ରକ୍ତ ସଂଗ୍ରହ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ବ୍ଲକ ଅଧିନସ୍ଥ ଖଇରଙ୍ଗ ପଞ୍ଚାୟତର ବିଜୁ ପଟ୍ଟନାୟକ ମହାବିଦ୍ୟାଳୟସ୍ଥ ନିକଟ ପଡିଆରେ ବିଜୁ ଜନତା ଦଳର କର୍ମୀ ମାନଙ୍କ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓଡିଶା ମୋ ପରିବାରର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହା ସହିତ ବିଜୁ ଜନତା ଦଳର କର୍ମୀ ଓ ଛାତ୍ରଯୁବକ ମାନଙ୍କର ରକ୍ତଦାନ ପରି ମହତ୍ ଦାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତ ଯୁବସମାଜ ଏହିଭଳି ଆହୁରି ଅନେକ ସାମାଜିକ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନୀଳକମଳ ସାହୁ,ଜ୍ୟୋତିରଂଜନ ମିଶ୍ର,ବିଜୟ କୁମାର



ଦାସ,ସୁଶାନ୍ତ ରଂଜନ ସାଇଁ,ଦେବୀ ପ୍ରସାଦ ସାହାଣୀ ପ୍ରମୁଖ ଯୋଗଦେଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଯୁବୁଲା ରାୟ ,ଉମାଶଙ୍କର ପଣ୍ଡା,ବରଦା ପ୍ରସନ୍ନ ରାଉତରାୟ,ଦେବୀ ପ୍ରସାଦ ମହାନ୍ତି,ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ,ଉଦୟ ସାହୁ,ଦିପ୍ତୀ ପ୍ରସାଦ ମିଶ୍ର ,ଶାରଦା ପ୍ରସାଦ ଖଣ୍ଡାୟତ ରାୟ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ରଘୁନାଥପୁର ବ୍ଲକରେ ବିଧାୟକ ବିଜୟ ଶଙ୍କର ବାଣ୍ଟିଲେ ସ୍ମାର୍ଟ କାର୍ଡ

**ରଘୁନାଥପୁର(ସଂପର୍କବାର୍ତ୍ତା):-** ରଘୁନାଥପୁର ବ୍ଲକରେ ଆଜି ୨ୟ ପର୍ଯ୍ୟାୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ କାର୍ଡ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ଦ୍ୱାରା ବଂଟନ କରାଯାଇଛି। ଏହି ବ୍ଲକର ଧରାଧରପୁର ପଂଚାୟତରେ ବିଧାୟକ ଶ୍ରୀ ଦାସ ବିଜୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଅବସରରେ ମୁଖ୍ୟମନ୍ତ୍ରୀଙ୍କର ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟକାର୍ଡ ଦେଶରେ ପ୍ରଥମ। ରିକ୍ସା ଚାଳକ ହେଉ କିମ୍ବା କୃଷକ ହେଉ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରତିଟି ମୂଲ୍ୟବାନ ଏବଂ ଅର୍ଥପାଇଁ କେହି ଚିକିତ୍ସାରୁ ବଂଚିତ ନହୁଅନ୍ତୁ ଏହାହିଁ




ହେଉଛି ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ୍ୟ ବୋଲି ତିର୍ତ୍ତୋଲ ବିଧାୟକ ଶ୍ରୀ ଦାସ କହିଥିଲେ। ଆଜି ଧରାଧରପୁର ପଂଚାୟତ, ଜଗନ୍ନାଥପୁର ଗ୍ରା.ପ, ପୁରଣ ଓଡପଡା ଗ୍ରା.ପ. ରଘୁନାଥପୁର ଗ୍ରା.ପ, ବରାଗୋଳ ଗ୍ରା.ପ, ତରିକୁନ୍ଦ ଗ୍ରା.ପ, ଜୟଶୋଳ ଗ୍ରା.ପ ରେ ବିଧାୟକ ଶ୍ରୀ ଦାସ ସ୍ମାର୍ଟ କାର୍ଡ ବଂଟନ କରିଥିଲେ। ଏଥିରେ ଜିଲ୍ଲା ବିଜେଡି ଉପସଭାପତି ସରୋଜକାନ୍ତ ସାଇଁ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟା ଡେଜାଲିନ ମହାପାତ୍ର, ଧରାଧରପୁର ପଂଚାୟତର ସରପଂଚ ପ୍ରମିଳା ମଲ୍ଲିକ, ପୁରଣ ଓଡପଡା ସରପଂଚ ବାସନ୍ତୀ ସାହୁ, ଜଗନ୍ନାଥପୁର ସରପଂଚ ପୁଷ୍ପଲତା ସୂତାର, ରଘୁନାଥପୁର ସରପଂଚ, ଜୟଶୋଳ ପଂଚାୟତ ଅଭିମନ୍ୟୁ ନାୟକ, ବରାଗୋଳ ପଂଚାୟତ ସରପଂଚ ଶୁଭ୍ରାଂଶୁ ସାଇଁ, ତରିକୁନ୍ଦ ପଂଚାୟତ ସରପଂଚ ପୁଷ୍ପଲତା ଦାସ ପ୍ରମୁଖ ଯୋଗଦେଇଥିଲେ।

# ଜାତୀୟ ଖାଉଟି ଅଧିକାର ଦିବସ ପାଳିତ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ଖାଉଟି ବିବାଦ ପ୍ରତିକାର ଆୟୋଗ ପରିସରରେ କଂଜୁମର କାଉନସେଲିଂସେଣ୍ଟର ତଥା ଜିଲ୍ଲା ଖାଉଟି ବିବାଦ ପ୍ରତିକାର କମିଶନଙ୍କ ପକ୍ଷରୁ ଜାତୀୟ ଖାଉଟି ଅଧିକାର




ଦିବସ-୨୦୨୧ ପାଳିତ ହୋଇଯାଇଛି। ଏହି ଅବସରରେ ପୁର୍ବତନ ଖାଉଟି ବିବାଦ ପ୍ରତିକାର କମିଶନ ସବ୍ୟସାଚୀ ଦାସ,ପ୍ରାକ୍ତନ ସଭ୍ୟ ରଂଜିତ ମହାନ୍ତି,ଜିଲ୍ଲା ଓକିଲ ସଂଘର ସଂପାଦକ ନରେଶ ଦାସ,ଅଭିଜିତ୍ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଉପଭୋକ୍ତା କର୍ମୀ ବଂଶୀଧର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପଭୋକ୍ତା ମହିଳା କଲ୍ୟାଣ ମହାସଂଘର ସଭାନେତ୍ରୀ ସ୍ନେହମୟୀ ଆଚାର୍ଯ୍ୟ ,ବରିଷ୍ଠ ଆଇନଜୀବୀ ନୃସିଂହ ବାରିକ,ଉପଭୋକ୍ତା କର୍ମୀ ଜାମିନୀକାନ୍ତ ନନ୍ଦ,ଡା.ସ୍ୱେହାଶିଷ ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଉପଭୋକ୍ତା କର୍ମୀ ବୈଠକ ସଂଯୋଜନା କରିଥିଲେ। ଅତିଥିମାନେ ଜାତୀୟ ଉପଭୋକ୍ତା ଅଧିକାର ଦିବସର ତାତ୍ପର୍ଯ୍ୟ ସଂପର୍କରେ ବିଶଦ ବାଖ୍ୟାପ୍ରଦାନ କରିଥିବା ବେଳେ ନୂତନ ଆଇନ ୨୦୧୯ ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଉପଭୋକ୍ତା କର୍ମୀ ଏବଂ ବାର ଆସୋସିଏସନର ସଭ୍ୟ ସଭ୍ୟା ମାନେ ଏଥିରେ ଅଂଶଗ୍ରହଣ କରିଥିଲେ।

# ଜଗତସିଂହପୁରରେ ହେଲଥ୍ କାର୍ଡ ବଣ୍ଟନ ଓ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲା ସଦର ବ୍ଲକ ।ଧିନ ଅଳସୁଧା, ପିତେଇପୁର, ମୁଦୁପୁର ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କଲେ ଜଗତସିଂହପୁର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲି। ଜିଲ୍ଲାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁସ୍ୱାସ୍ଥ୍ୟ ସ୍ମାର୍ଟ ହେଲଥ୍ କାର୍ଡର ଶୁଭାରମ୍ଭ ପରେ ଜଗତସିଂହପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ଏହି କାର୍ଡ ହିତାଧିକାରୀ ମାନଙ୍କୁ ମେଳା ମାଧ୍ୟମରେ କାର୍ଯ୍ୟକ୍ରମ କରାଯାଇ ବଣ୍ଟନ କରାଯାଉଛି। ଆଜି ଅଳସୁଧା, ପିତେଇପୁର, ମୁଦୁପୁର ସାଁପୁର, ତରଡାପଡା ପଞ୍ଚାୟତରେ ହିତାଧିକାରିଙ୍କୁ ଏହି କାର୍ଡ ବଣ୍ଟନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସହ ବ୍ଲକ ଅଧକ୍ଷା




ବିଜୟଲକ୍ଷ୍ମୀ ବେହେରା,ପୁର୍ବତନ ବ୍ଲକ ଅଧକ୍ଷ ମନୋଜ ଭୋଇ, ପର୍ଯ୍ୟବେକ୍ଷକ କାଳନ୍ଦୀ ପତି, ଅଭୟ ସାଇଁ,ଆତ୍ମା ଅଧକ୍ଷ ବାବୁଲି ସାହୁ, ମୁଦୁପୁର ସରପଞ୍ଚ ସୁବାଷ ମହାନ୍ତି, ପିତେଇପୁର ସରପଞ୍ଚ ଅନସର ଅଲ୍ଲୀ, ଅଳସୁଧାପଞ୍ଚାୟତ ସରପଞ୍ଚ ଇତିଶ୍ରୀ ଭୋଇ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସହ ବହୁ ସ୍ଥାନୀୟ ନେତୃମଣ୍ଡଳୀ ଜନସାଧାରଣ ଓ ଶତାଧିକ ମହିଳା ମାନଙ୍କ ଉପସ୍ଥିତିରେ ଏହି ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ କରାଯାଇଛି। ଏହା ସହିତ ପଞ୍ଚାୟତ ଗୁଡିକରେ ବିଭିନ୍ନ ଯୋଜନାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉଦ୍‌ଘାଟନ କରାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଆହୁରି ଅନେକ ଲୋକାଭିମୁଖି କାର୍ଯ୍ୟ କରାଯିବ ବୋଲି ବିଧାୟକ କହିଛନ୍ତି। ତେବେ ଏହି ଅବସରରେ ଅଳସୁଧା ପଞ୍ଚାୟତରେ ଜିଲ୍ଲା ଆଇଟି ସଂଯୋଜକ ରତିରଂଜନ ବେହେରାଙ୍କ ତତ୍ତ୍ୱାବଧାନରେ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଧାୟକ ଶ୍ରୀଯୁକ୍ତ ମୁଦୁଲିଙ୍କୁ କାର୍ଡ ବଣ୍ଟନ ସ୍ଥଳକୁ ପାଛୋଟି ନେଇଥିଲେ।

# ପାରାଦୀପ ବନ୍ଦରକୁ ଏର୍ମଜିଙ୍ଗ ମେଜର ‘ପୋର୍ଟ ଅଫ ଦି ଇୟର’ (କାର୍ଗୋ) ପୁରସ୍କାର

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପଣ୍ୟ କାରବାର କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପାରାଦୀପ ବନ୍ଦରକୁ ଚଳିତ ବର୍ଷର ଏର୍ମଜିଙ୍ଗ ମେଜର ପୋର୍ଟ ଅଫ ଦି ଇୟର ପୁରସ୍କାର ମିଳିଛି । ଶୁକ୍ରବାର ଦିନ ମୁମ୍ବାଇଠାରେ ଆୟୋଜିତ ଉଜ୍ଜ୍ୱଳ ସମାରୋହରେ ପାରାଦୀପ ବନ୍ଦରକୁ ସମୁଦ୍ର ମନ୍ଥନ ଏର୍ମଜିଙ୍ଗ ମେଜର ପୋର୍ଟ ଅଫ ଦି ଇୟର କାର୍ଗୋ ପୁରସ୍କାର ପ୍ରଦାନ କରାଯାଇଛି । ପାରାଦୀପ ବନ୍ଦର ପକ୍ଷରୁ ଟ୍ରାଫିକ ମ୍ୟାନେଜର ଜି.ଏଡିସନ୍ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ । ଭଣ୍ଡାରକର ସିପିଙ୍ଗ ଦ୍ୱାରା ଆୟୋଜିତ ହୋଇଥିଲା ଏହି ପୁରସ୍କାର ପ୍ରଦାନ ସମାରୋହ । ସାମୁଦ୍ରିକ ଶିଳ୍ପ କ୍ଷେତ୍ରରେ ଏହା ଅଗ୍ରଣୀ ଅନୁଷ୍ଠାନ । ଏହା ନୌବାଣିଜ୍ୟିକ ଏବଂ ଅର୍ଥନୈତିକ ଲାଭ ପାଇଁ କାର୍ଯ୍ୟ କରିବାକୁ ତଥା ଏହି ଶିଳ୍ପକୁ ଅଧିକ ପ୍ରୋତ୍ସାହନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଯୋଡା ଯମଜ ଭ୍ରାତାଙ୍କୁ ମିଳିଲା ସରକାରୀ ଚାକିରି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପଞ୍ଜାବର ଯୋଡା ଯମଜ ଭ୍ରାତାଙ୍କୁ ମିଳିଛି ସରକାରୀ ଚାକିରି। ଏମାନେ ଦୁଇ ଭାଇ ହୋଇଥିଲେ ମଧ୍ୟ ସେମାନଙ୍କ ଶରୀରର ଏକ ଅମୃତସରର ଏହି ଯୋଡା ଭ୍ରାତାଙ୍କୁ ପଞ୍ଜାବ ରାଜ୍ୟ ବିଦ୍ୟୁତ ନିଗମରେ ନୁଯୁକ୍ତି ମିଳିଛି। ୧୯ବର୍ଷୀୟ ଯୋଡା ଶରୀର ଥିବା ୨ଭାଇ ସୋନା ଓ ମୋନା ଆଇଟିଆଇରୁ ଇଲେକ୍ଟ୍ରିସିଆନ ପାଠ୍ୟକ୍ରମରେ ଡିପ୍ଲୋମା ଡିଗ୍ରୀ ହାସଲ କରିଥିଲେ।



ଏହାପରେ ଦୁହେଁ ଆତ୍ମନିର୍ଭର ହେବାକୁ ଉଦ୍ୟମ ଜାରି ରଖିଥିଲେ। ପ୍ରଥମେ ସେମାନେ ଗୋଟିଏ ଇଲେକ୍ଟ୍ରି ଓାର୍କଶପ ଖୋଲିଥିଲେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ବାହାରି ଥିବା ପଦ ପାଇଁ ସେମାନେ ଆବେଦନ କରିଥିଲେ। ପ୍ରଥମେ ପ୍ରବେଶିକା ପରୀକ୍ଷା ଓ ସାକ୍ଷାତକାରରେ ସଫଳ ହେବା ପରେ ଦୁହିଁଙ୍କ ସରକାରୀ ସ୍ତରରେ ନିଯୁକ୍ତ ମିଳିଛି। ଏବେ ଯୋଡା ଯମଜ ଭ୍ରାତା ମାସିକ ମାସିକ ୨୦ହଜାର ଟଙ୍କା ଦରମା ପାଇବେ ଅମୃତସରର ଡେଣ୍ଟାଲ କଲେଜ ପାଖ ସବ ଷ୍ଟେସନରେ ନିୟମିତ ଟି ମେଟ୍ ଭାବେ ସେମାନଙ୍କୁ ନିଯୁକ୍ତି ମିଳିଛି। ୬୬କେଭି ପିଏସ୍‌ପିସିଏଲ ଅଫିସରେ ସେମାନେ କାମ ମଧ୍ୟ ଆରମ୍ଭ କରିଛନ୍ତି। ସେମାନେ ସପ୍ଲାଏ କଣ୍ଟ୍ରୋଲରୁମରେ କାମ କରୁଛନ୍ତି। ପିଏସ୍‌ପିସିଏଲ ସିଏମଡି ଭେନୁଗୋପାଳ କହିଛନ୍ତି, ଆମେ ଏହି ଯୋଡା ଯମଜ ଭ୍ରାତାଙ୍କ ଖବର ପାଇଥିଲୁ।

# ମୋବାଇଲ କିଣିବା ପାଇଁ ପ୍ରୋଶେସନରେ ଗଲେ ଚା ବିକାଳିଙ୍କ ପରିବାର

**ମଧ୍ୟପ୍ରଦେଶ(ସଂପର୍କବାର୍ତ୍ତା):-** ମୋବାଇଲ କିଣିବା ପାଇଁ ପ୍ରୋଶେସନ କରିଗଲେ ପରିବାର। ଜଣେ ଚା ବିକାଳି ମୋବାଇଲ କିଣିବା ପାଇଁ ଘୋଡା ଗାଡିରେ ବସି ମୋବାଇଲ ଦୋକାନ ଯାଏଁ ପ୍ରୋଶେସନ କରି



ଯାଇଛନ୍ତି। ଏପରି ଦୃଶ୍ୟ ମଧ୍ୟପ୍ରଦେଶ ଶିବପୁରୀ ଜିଲ୍ଲାରେ ଦେଖିବାକୁ ମିଳିଛି । କହିବାକୁ ଗଲେ ଏହି ଚା ବିକାଳି ଜଣକ ନିଜ ଝିଅର ଇଚ୍ଛା ପୁରଣ କରିବା ପାଇଁ ଘୋଡା ଗାଡିରେ ନିଜେ ଓ ପରିବାରକୁ ବସାଇ ବାଜା ବାଣ ଓ ଲାଇଟ ପ୍ରୋଶେସନ କରି ଯାଇ ଘର ପାଇଁ ସ୍ମାର୍ଟ ଫୋନ୍ କିଣି ଆଣିଛନ୍ତି। ଏ କଥା ଟି ଆପଣଙ୍କୁ ଅଜବ ଲାଗୁଥିଲେ ବି ଏହା ସତ୍ୟ ଘଟଣା। ମଧ୍ୟପ୍ରଦେଶ ଶିବପୁରର ଚା ବିକାଳି ହେଉଛନ୍ତି ମୁରାରୀ କୁଶାବାହା। ସେ ଶିବପୁରୀ ସହରର ନୀଳଗର ଠାରେ ଚା ବିକନ୍ତି। ତାଙ୍କ ପାଂଚ ବର୍ଷର କୁନି ଝିଅର ଜିଦି କଲା ଘର ପାଇଁ ସ୍ମାର୍ଟ ଫୋନ୍ କିଣାହେବ। ହେଲେ ବାପା ପ୍ରୋଶେସନ କରିଯାଇ ମୋବାଇଲ କିଣି ଆଣିବେ। ପରେ ବାପା ଝିଅର ଇଚ୍ଛା ପୁରଣ ପାଇଁ ପ୍ରସେଶନ କରି ମୋବାଇଲ ଦୋକାନକୁ ଯାଇଥିବା ଦେଖିବାକୁ ମିଳିଥିଲା ସେ ୧୨,୫୦୦ଟଙ୍କା ଦେଇ ଘର ପାଇଁ ଏକ ସ୍ମାର୍ଟ ଫୋନ୍ ମଧ୍ୟ କିଣି ଆଣିଛନ୍ତି। ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ମୋବାଇଲ କିଣିବା ପାଇଁ ପ୍ରୋଶେସନ କରିବା ଯିବା ବେଳେ ବାଟରେ ଦେଖୁଥିବା ଲୋକ ମାନେ ତାଜୁବ ହୋଇଯାଇଥିଲେ। ହେଲେ ଝିଅଟିର ଇଚ୍ଛା ପୁରଣ କରିବା ପାଇଁ ବାପର ଏପରି ଆୟୋଜନ ଦେଖି ଲୋକମାନେ ଚା ବିକାଳିଙ୍କ ଖୁବ୍ ତାରିଫ୍ କରିଛନ୍ତି।

# ଜେଏସ୍.ଡବ୍ଲ୍ୟୁ ନିର୍ଦ୍ଦେଶକଙ୍କ ଦ୍ୱାରା ଯୁବକ/ଯୁବତୀଙ୍କ ନିଯୁକ୍ତିକୁ ସ୍ୱାଗତ

**ପାରାଦୀପ(ଶଶାଙ୍କ ଆଚାର୍ଯ୍ୟ):-** ପାରାଦୀପ ନିକଟରେ ପ୍ରସ୍ତାବିତ ଜେଏସ୍.ଡବ୍ଲ୍ୟୁ ଉତ୍କଳ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ଜୋରଦାର ଉଦ୍ୟମଜାରୀ ରହିଛି । ଅପରପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ବିସ୍ଥାପିତମାନଙ୍କ ନିମନ୍ତେ କ୍ଷତିପୂରଣ ଘୋଷଣା ମଧ୍ୟ ଜାରୀ କରିଛି। କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଏରସମା ବ୍ଲକ୍ ଏବଂ ଜଗତସିଂହପୁର ଜିଲ୍ଲାରୁ ହଜାରେ ଯୁବକ ଯୁବତୀମାନଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଜିନ୍ଦଲର କାର୍ଯ୍ୟକାରୀ ଥିବା ଅନ୍ୟାନ୍ୟ ଶିଳ୍ପଗୁଡିକରେ ନିଯୁକ୍ତି ପ୍ରଦାନ କରିବା ପାଇଁ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ ପକ୍ଷରୁ ଦାବୀ କରାଯାଇଥିଲା । ସମ୍ପ୍ରତି ନିକଟରେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କୁ ନିଯୁକ୍ତି ଦେବାର ପ୍ରକ୍ରିୟାକୁ ତ୍ୱରନ୍ୱିତ କରିଛି ଜେଏସ୍.ଡବ୍ଲ୍ୟୁ। ଏହାକୁ ସ୍ୱାଗତ କରିଛନ୍ତି ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦର ସଭାପତି ଅରିନ୍ଦମ ସାର୍ଖେଲ୍ । ସ୍ଥାନୀୟ ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କର ସାକ୍ଷାତକାର ନିଆଯାଇଛି । ଯୋଗ୍ୟ ବିବେଚିତମାନଙ୍କୁ କମ୍ପାନୀ ନିଜ ଖର୍ଚ୍ଚରେ



ତାଲିମ ନିମନ୍ତେ ପଠାଇବ । ଜେଏସ୍.ଡବ୍ଲ୍ୟୁର ନିର୍ଦ୍ଦେଶକ ରଂଜନ ନାୟକ ପାରାଦୀପ ଏରସମା ଶିଳ୍ପାଂଚଳ ବିକାଶ ପରିଷଦ କାର୍ଯ୍ୟାଳୟକୁ ଆସି ଶ୍ରୀ ସାର୍ଖେଲଙ୍କୁ ଭେଟି ଥିଲେ । ଦୁହିଁଙ୍କ ମଧ୍ୟରେ ଏକ ଆଲୋଚନା ହୋଇଥିଲା । ଶ୍ରୀ ସାର୍ଖେଲ କମ୍ପାନୀ ସେମାନଙ୍କ ଦାବୀକୁ ମାନି ନେଇଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇବା ସହ ପ୍ରକଳ୍ପ ଅଂଚଳର ଯୁବତୀ ଓ ମହିଳାମାନେ କିପରି ରୋଜଗାରକ୍ଷମ ହୋଇପାରିବେ ଏବଂ ଆତ୍ମନିର୍ଭରଶୀଳ ହୋଇପାରିବେ, ସେଥିପାଇଁ ପ୍ରକଳ୍ପ ଅଂଚଳରେ ଏକ ଟେକ୍ସଟାଇଲ୍ ପାର୍କ ନିର୍ମାଣ ପାଇଁ ସେ ଦାବୀ ରଖିଥିବା ଶ୍ରୀ ସାର୍ଖେଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ୭୨ତମ ପ୍ରେମ ସଭାପତି ଡ଼. ଥୁଣ୍ଡ୍ରିଲଙ୍କୁ ଅଭିନନ୍ଦନ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଭାରତବର୍ଷର ସ୍ୱନାମଧନ୍ୟ ସମାଜସେବୀ ତଥା ପ୍ରେମର ସଭାପତି ଡ଼. ଜାକୋବ ଥୁଣ୍ଡ୍ରିଲଙ୍କ ୭୨ତମ ଜୟନ୍ତୀ ଅବସରରେ ଆୟୋଜିତ ସଭାରେ ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ପ୍ରେମ ସଂଗଠନର ମୁଖ୍ୟ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନାର ଉତ୍ତର ଦେଇ ଡ଼. ଥୁଣ୍ଡ୍ରିଲ କହିଲେ ସେ ୧୯୮୦ ମସିହାରୁ ନିଜର ସମସ୍ତ ପାରିବାରିକ ବନ୍ଧନକୁ ତୁଟାଇ ସମାଜରେ ଥିବା ଦଳିତ, ନିଷ୍ପେସିତ ଓ ଅବହେଳିତ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି କିଭଳି ହୋଇପାରିବ ସେଥିପାଇଁ ସେ ୪୩ ବର୍ଷ ଧରି ଲଗାତର ଉଦ୍ୟମ କରି ଲକ୍ଷାଧିକ ଲୋକଙ୍କ ପାଖରେ ପହଞ୍ଚି ପାରିଛନ୍ତି ବୋଲି କହିଥିଲେ। ପ୍ରେମ୍ ସଂଗଠନ ୧୪ଟି ରାଜ୍ୟରେ ବିଭିନ୍ନ ଯୋଜନା କାର୍ଯ୍ୟାକାରୀ କରି ବେଶ୍ ସଫଳତା ହାସଲ କରିପାରିଛି। ସେ କହିଲେ, ଶିକ୍ଷା ବ୍ୟବସ୍ଥା ଦ୍ୱାରା ଜାତି, ଧର୍ମ, ବିଦ୍ୱେଷ ଲୋପ ପାଇବ।




ସମାଜର ଉଚ୍ଚ ବର୍ଗର ଲୋକଙ୍କ ପାଇଁ ସମସ୍ୟା ନଥିବା ବେଳେ ସମୟର ପରିବର୍ତ୍ତନ ଯୋଗୁଁ ଆଜି ତଳ ଶ୍ରେଣୀର ଲୋକ ମଧ୍ୟ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି। କିନ୍ତୁ ମଧ୍ୟବିତ୍ତ ଶ୍ରେଣୀର ଲୋକ କୌଣସି ଯୋଜନାର ସୁଫଳ ପାଇପାରୁନାହାନ୍ତି। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଢ଼ାଞ୍ଚାରେ ପ୍ରେମ୍ ମୂଳରୁ ହିଁ କାର୍ଯ୍ୟକ୍ରମ କରି ଆସୁଛି। ଗ୍ରାମର ବିକାଶ ହେଲେ ଦେଶର ବିକାଶ ସମ୍ଭବ ବୋଲି କହିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପ୍ରେମର ସମ୍ପାଦକ ଗ୍ଡକୋ ପୁରୁବାନାନି, ସାମ୍ବାଦିକ ଜୟକୃଷ୍ଣ ହୋତା, ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ, ଜିଲା କଲ୍ୟାଣ ଅଧିକାରୀ ପିତବାସ ଦାଶ, ଆଡଭୋକେଟ ନାଗେଶ୍ୱର ରାଓ, ସୁଧୀର ଦିଗାଲ, ସତ୍ୟ ନାରାୟଣ ପାତ୍ର, ସାମ୍ବାଦିକ ସୁଦୀପ୍ତ ଷଡ଼ଙ୍ଗୀ, ପ୍ରେମ୍‌ର କର୍ମକର୍ତ୍ତା ରବିନ୍ଦ୍ର ନାଥ ମହାନ୍ତି, ଏସ.କେ ମହାନ୍ତି, ଶିବ ପ୍ରସାଦ, ନବୀନ ମିଶ୍ର, ଶ୍ରୀନିବାସ ରାଓ, ଭାଲେରିୟାନ ଡି. ଲିମା ପ୍ରମୁଖ ଯୋଗଦେଇ ନିଜର ଭାଷଣରେ ପ୍ରେମ ସଭାପତିଙ୍କ ଗୁଣଗାନ କରିବା ସହ ଜନ୍ମ ଦିନର ଶୁଭେଚ୍ଛା ଜଣାଇ ଦୀର୍ଘ ଜୀବନ କାମନା କରିଥିଲେ। ଶେଷରେ ପ୍ରେମ ଲୋକ ସମ୍ପର୍କ ଅଧିକାରୀ ରତନ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଶତୀଦିନେ ଉଷୁମ ପାଣିରେ ମିଶାଇ ପିଅନ୍ତୁ ୩ଟି ଜିନିଷ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-**ଉଷୁମ ପାଣି ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ଯଦି ଆପଣ ନିୟମିତ ଉଷୁମ ପାଣି ପିଉଛନ୍ତି ତେବେ ଆପଣ ଅନେକ ରୋଗରୁ ଦୂରେଇ ରହିପାରିବେ। ତେବେ ଜାଣନ୍ତି ଉଷୁମ କେତେ ଲାଭଦାୟକଙ୍କ ଉଷୁମ ପାଣିରେ ହଳଦୀ ମିଶାଇ ପିଇବା ଦ୍ୱାରା ଶରୀରକୁ ଶକ୍ତିଶାଳି କରିପାରିବେ। ହଳଦୀ ଏବଂ ଉଷୁମ ପାଣି ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହଳଦୀ ମିଶ୍ରିତ ଉଷୁମ ପାଣିରେ ଲେମ୍ବୁ ରସ ପିଇବା ଦ୍ୱାରା ଆପଣଙ୍କୁ ଅନେକ ରୋଗରୁ ରକ୍ଷା କରିପାରିବ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରିଥାଏ। ଭିଟାମିନ୍ ସି ପ୍ରଚୁର ପରିମାଣରେ ମିଳିଥାଏ ଯାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହା ବ୍ୟତୀତ, ଯଦି ଆପଣ ଓଜନ ହ୍ରାସ କରିବକୁ ଚାହିଁ, ତେବେ ଆପଣ ଏହି ପାନୀୟ ସହିତ ସକାଳ ଆରମ୍ଭ କରିପାରିବେ। ଶୀତିଦିନେ ଉଷୁମ ପାଣି ସହିତ ମହୁ ମିଶାଇ ପିଇବା ଅତ୍ୟନ୍ତ ଲାଭଦାୟକ ଅଟେ। ଏହା କେବଳ ଆପଣଙ୍କ ଓଜନକୁ ନିୟନ୍ତ୍ରଣରେ ରଖେ ନାହିଁ,ବରଂ ଏହାର ବ୍ୟବହାର ଦ୍ୱାରା ଆପଣ ରୋଗରୁ ଦୂରରେ ରହିପାରିବେ। ମହୁ ମିଶ୍ରିତ ଉଷୁମ ପାଣି ପିଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଉଷୁମ ପାଣିରେ ଗୁଡି ମିଶାଇ ପିଇବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଯଦି ଆପଣଙ୍କର ହଜମ ସମ୍ବନ୍ଧୀୟ କୌଣସି ସମସ୍ୟା ଥାଏ, ତେବେ ଉଷୁମ ପାଣିରେ ଗୁଡ ମିଶାଇ ପିଇବା ଦ୍ୱାରା ହଜମ ପ୍ରକ୍ରିୟା ମଜଭୂତ କରିଥାଏ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

www.samparkabarta.in

SAMPARK BARTA ODIA WEEKLY

ପୃଷ୍ଠା ୮



**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



Vol.5 Issue-29 Dec 27 to Jan 02, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୨୯ ଡିସେମ୍ବର ୨୭ ରୁ ଜାନୁଆରୀ ୨, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ଗଣତନ୍ତ୍ର ବ୍ୟବସ୍ଥାରେ ସମସ୍ତେ ଭାଗୀଦାର:ବାଚସ୍ପତି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସମସ୍ତଙ୍କର ଭାଗୀଦାର ରହିଥାଏ, କୌଣସି ଗୋଷ୍ଠି ବା ନୁହଁନ୍ତି, ସମସ୍ତ ବ୍ୟକ୍ତି ହିଁ ରାଷ୍ଟ୍ରର ସାର୍ବଭୌମ୍ୟ କ୍ଷମତାର ଅଧିକାରୀ ପ୍ରତ୍ୟେକ ନାଗରିକଙ୍କର ରାଷ୍ଟ୍ର ପରିଚାଳନାରେ ଅଂଶଗ୍ରହଣ କରିବାର ଅଧିକାର ରହିଛି। କିନ୍ତୁ ବ୍ୟାପକ ଦୃଷ୍ଟି କୋଣରୁ ବିଚାର କଲେ ଗଣତନ୍ତ୍ର କେବଳ ଗୋଟିଏ ଶାସନ ବ୍ୟବସ୍ଥା ନୁହେଁ, ଏହା ଏକ ଆଦର୍ଶ ସମାଜ ବ୍ୟବସ୍ଥା ଏବଂ ଜୀବନମାର୍ଗ। ରାଜନୈତିକ ଅର୍ଥରେ ଏହାକୁ ଆମେ ଏକ ପ୍ରତିନିଧି ମୂଳକ ଏବଂ ଦାୟିତ୍ୱଶୀଳ ସରକାର କରିପାରିବା। ମାତ୍ର ଅର୍ଥନୈତିକ ତଥା ସାମାଜିକ ସାମ୍ୟ ବୀନା ଗଣତନ୍ତ୍ରର ପ୍ରକୃତ ସ୍ୱରୂପ ଉପଲବ୍ଧ କରିହେବ ନାହିଁ। ଭାରତୀୟ ଗଣତନ୍ତ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧ ସମାୟାନୁକ୍ରମେ ପରିବର୍ତ୍ତନଶୀଳ ହୋଇଛି ବୋଲି ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ପ୍ରକାଶ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ପକ୍ଷରୁ "ଭାରତରେ ରାଜନୀତି ଓ ବିକାଶ; ପ୍ରସଙ୍ଗ ଓ ଆହ୍ୱାନ" ଶୀର୍ଷକ ଜାତୀୟ ଆଲୋଚନା ଚକ୍ରକୁ ଏବଂ ଓଡ଼ିଶା ରାଜନୀତି ବିଜ୍ଞାନ ସଂଘର ୨୯ତମ ଅଧିବେଶନକୁ ଉଦ୍‌ଘାଟନ କରି ଶ୍ରୀ ପାତ୍ର ଗଣତନ୍ତ୍ର ଓ ସମାଜବାଦ ଉପରେ ବକ୍ତବ୍ୟ ରଖିଥିଲେ। ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଭାରତୀୟ ଗଣତନ୍ତ୍ର ପ୍ରତି ଅବଦାନ ଓ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ସମୟରେ ଗଣତନ୍ତ୍ରରେ ସୃଷ୍ଟି ହୋଇଥିବା ବିପଦ ସମୟରେ ଆଲୋକପାତ କରିଥିଲେ।

**ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ** ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ, ମଣିଷ ଓ ରାଜନୀତି ବିଜ୍ଞାନ ଅଙ୍ଗାଅଙ୍ଗୀ ଭାବେ ଜଡିତ,



ରାଜନୀତି ବିଜ୍ଞାନ ବିନା ମଣିଷର ଅସ୍ତିତ୍ୱ ନାହିଁ। ତେଣୁ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ରାଜନୀତି ବିଜ୍ଞାନ ଶିକ୍ଷକମାନେ ଅଧିକ ଗବେଷଣା କରିବାକୁ କୁଳପତି ଆହ୍ୱାନ ଦେଇଥିଲେ।

**ପ୍ରଫେସର ଅମୀୟ ପରିଚ୍ଛାଙ୍କ** ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କଲିକତା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ **ପ୍ରଫେସର ଦିପଙ୍କର ସିହ୍ନା** ଯୋଗଦେଇ ସମାଜ ସହ ରାଜନୀତି ବିଜ୍ଞାନର ସଂଯୋଗ ଉପରେ ଆଲୋଚନା କରିଥିଲେ। **ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ ପ୍ରଫେସର ସୂର୍ଯ୍ୟନାରାୟଣ ମିଶ୍ର** ଆଭାସୀ ଜରିଆରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା, ସମାଜ, ରାଜନୀତି ଓ ଅର୍ଥନୀତି ଉପରେ ଆୟୋଜିତ ପାଠଚକ୍ରରେ ସମ୍ବାଦର ସମ୍ପାଦକ ତଥା **ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଫେସର ଅମରେଶ୍ୱର ମିଶ୍ର, ସୁଦ୍ଧାକର ପଣ୍ଡା, ବିଷ୍ଣୁ ଚରଣ ଚୌଧୁରୀ, ଅନୁପ କୁମାର ଦାଶ** ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କାର୍ଯ୍ୟକ୍ରମରେ ରମାଦେବୀ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମାନସ ବେହେରା, ପ୍ରଫେସର ଚିନ୍ତାମଣୀ ମହାପାତ୍ର, ଉମାକାନ୍ତ ମିଶ୍ର, ପ୍ରତୀପ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ତଥା ଜାତୀୟ ଆଲୋଚନା ଚକ୍ରର ସାଂଗଠନିକ ସମ୍ପାଦିକା ଡ. ସ୍ମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସାଂଗଠନିକ ସମ୍ପାଦିକା ଡ.ସୀମା ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ପ୍ରଫେସର୍ ସପ୍ନା ପ୍ରଭୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଲୋଚନା ସମ୍ବନ୍ଧୀୟ ସଂକ୍ଷିପ୍ତ ବିବରଣୀ ପୁସ୍ତିକା ଏବଂ ଜର୍ଣ୍ଣାଲ୍ ଉନ୍ମୋଚିତ ହୋଇଥିଲା। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଜଗତସିଂହପୁର ଜିଲ୍ଲା ଯୋଜନା କମିଟି ବୈଠକ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା ଯୋଜନା କମିଟି ବୈଠକ ଜିଲ୍ଲା ଯୋଜନା କମିଟି ଅଧକ୍ଷ ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯୋଗଦେଇ ଜଳସଂପଦ ,ସୂଚନା ଓ ଲୋକସଂପର୍କମନ୍ତ୍ରୀ ରଘୁନନ୍ଦନ ଦାସ କହିଲେ ଜଗତସିଂହପୁର ଏକ କୃଷି ଓ ଶିଳ୍ପଭିତ୍ତିକ ଜିଲ୍ଲା। ଜିଲ୍ଲାର ବିକାଶ ପାଇଁଆଜିର ବୈଠକରେ ଯାହା ଯୋଜନା ପ୍ରସ୍ତାବ ରହିବ ସେଥିରେ ତାଙ୍କର ସହମତି ରହିଛି। । ବୈଠକରେ ଅଧକ୍ଷତା କରି ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ମୁଦୁଲି କହିଲେ ୨୦୨୧-୨୨ପାଇଁ ଜିଲ୍ଲାର ଯୋଜନା ଅନୁମୋଦନ ହୋଇ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ। ଷ୍ଟେଟ ପ୍ଲାନରେ ଅନ୍ତର୍ଭୁକ୍ତ ହେବ। ଆମଜିଲ୍ଲା କୃଷି ସହିତ ଶିଳ୍ପର ଅଭିବୃଦ୍ଧି ଆସନ୍ତା ଦିନରେ ଆହ୍ୱାନ। ତାସହିତ କ୍ଷୀର ଓ ମତ୍ସ୍ୟ ସଂପଦର ଉତ୍ପାଦନ ,ଜଳସଂପଦ ର ଉନ୍ନତି ଓ ପର୍ଯ୍ୟଟନର ବିକାଶ ପାଇଁ ଏହି ଜିଲ୍ଲା ପ୍ରକୃଷ୍ଟ କ୍ଷେତ୍ର। ଶିକ୍ଷା ,ସାସ୍ଥ୍ୟ ,ଶିଳ୍ପ ଓ କୃଷି ସମସ୍ତ ର ବିକାଶ ପାଇଁ



ଯୋଜନା ପ୍ରସ୍ତୁତ କରାଯାଇଛି। ବୈଠକରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ ,ଜିଲ୍ଲାପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ,ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ପାରୁଲ ପଟୱାରୀ ସ୍ୱାଗତ ସୂଚନା ପ୍ରଦାନ କରିବା ସହିତ ଯୋଗଦେଇଥିବା ସମସ୍ତ ଜନପ୍ରତିନିଧି ଓ କ୍ଷେତ୍ରୀୟ ଅଧିକାରୀ ମାନଙ୍କୁ ସ୍ୱାଗତ କରିଥିଲେ। ଶ୍ରମିକ ମାନଙ୍କର ଲେବରକାର୍ଡ ରେନୁଆଲ କରିବା ପାଇଁ ସମସ୍ତ ବ୍ଲକରେ ଶିବିର ମାଧ୍ୟମରେ ଆୟୋଜନ କରିବାକୁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ୨୦୨୧-୨୨ଆର୍ଥିକ ବର୍ଷ ନିମନ୍ତେ ୧୦୪୭ କୋଟି ୨୧ଲକ୍ଷ ୫୨ହଜାର ଟଙ୍କାର ଯୋଜନା ଅନୁମୋଦନ ଲାଭକରିଥିଲା। ପୂର୍ତ୍ତବିଭାଗ ପାଇଁ ୧୦୬୦୭ଲକ୍ଷ.ବିଦ୍ୟାଳୟ ଗଣଶିକ୍ଷା ୭୫୮୦.୧୮ଲକ୍ଷ,ଅନୁସୂଚୀତ ଜାତ,ଜନଜାତି ବିକାଶପାଇଁ ୧୪୦.୫୦ଲକ୍ଷ,ସାସ୍ଥ୍ୟ ଓ ପରିବାର କଲ୍ୟାଣ ୨୨୪.୨୦ଲକ୍ଷ,ଗୃହ ଓ ନଗର ଉନ୍ନୟନ ୩୩୦ଲକ୍ଷ,ଯୋଜନା ଓ କନଭରଜେସନସ ପାଇଁ ୧୩୧୪ଲକ୍ଷ,ପଞ୍ଚାୟତରାଜ ପାଇଁ ୧୩୮୧୨.୪୨ଲକ୍ଷ,ଶିଳ୍ପ ପାଇଁ ୨୦ଲକ୍ଷ,ଜଳସଂପଦ ବିଭାଗ ପାଇଁ ୧୪୫୬.୧୪ଲକ୍ଷ,ଜଙ୍ଗଲ ଓ ପରିବେଶ ପାଇଁ ୧୨୧ଲକ୍ଷ,କୃଷି ଓ ଉଦ୍ୟାନକୃଷି ପାଇଁ ୫୧୨୨.୦୫ଲକ୍ଷ,ଗ୍ରାମ୍ୟ ଉନ୍ନୟନ ୯୩୧୩.୬୧ଲକ୍ଷ,ସଂସ୍କୃତି ବିଭାଗ ପାଇଁ ୨୧୫.୬୯ଲକ୍ଷ,ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ପାଇଁ ୬୮୫.୫୩ଲକ୍ଷ,ସମବାୟ ପାଇଁ ୪୩୪୦୦ଲକ୍ଷ,ମହିଳା ଓ ଶିଶୁ ବିକାଶ ପାଇଁ ୪୪୬.୨୯ଲକ୍ଷ,ଅଣୁ ,ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ୩୩.୯୦ଲକ୍ଷ,ସାମାଜିକ ସୁରକ୍ଷା ବିଭାଗ ପାଇଁ୮୫୪୦.୪୧ଲକ୍ଷଟଙ୍କା ପ୍ରସ୍ତାବିତଯୋଜନା ଅନୁମୋଦିତ ଲାଭ କରିଛି। ଏହି ଯୋଜନାରେ ୩୭ଟି ବିଭାଗ ଓ ୨ଟି ମୁନିସିପାଲଟି ଅନ୍ତର୍ଭୁକ୍ତ। କାର୍ଯ୍ୟସୂଚୀ ଅନୁଯାୟୀ ଉପନିର୍ଦ୍ଦେଶକ ସବିତା ସାହୁ ଆଲୋଚନା କରିଥିଲେ। ବୈଠକରେ ଜିଲ୍ଲାପରିଷଦ ସଭ୍ୟସଭ୍ୟାଭେଯାଜନା କମିଟି ସଭ୍ୟ,ସଭ୍ୟା,ଜିଲ୍ଲା ସ୍ତରୀୟ କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ କାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ୨୫ ନୁହେଁ, ୨୧ବର୍ଷରେ ପିଇପାରିବେ ମଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମଦ୍ୟପାନ ପାଇଁ କମିଲା ବୟସ ସୀମା ଏଣିକି ୨୫ନୁହେଁ ୨୧ବର୍ଷ ବୟସରେ ପିଇପାରିବେ ମଦ। ଏଭଳି ନିଷ୍ପତ୍ତି ନେଇଛନ୍ତି ହରିୟାଣା ସରକାର। ଗତକାଲି ରାଜ୍ୟର ଅବକାରୀ ଆଇନ ସଂଶୋଧନ କରି ମଦ୍ୟପାନ ପାଇଁ ଆଇନଗତ ବୟସ ସୀମାକୁ ପରିବର୍ତ୍ତନ କରିଛନ୍ତି ସରକାର। କେବଳ ମଦ ପାନ ନୁହଁ ବରଂ ମଦ କିଣିବା ଓ ବିକ୍ରି କରିବା ନେଇ ମଧ୍ୟ ଆଇନରେ ସଂଶୋଧନ କରାଯାଇଛି।



ସୀମାକୁ ୨୧ବର୍ଷ ହ୍ରାସ କରିଥିଲେ। ସେହି ଦିନଠାରୁ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ବଦଳିଯାଇଛି ବୋଲି ହରିୟାଣାର ଉପମୁଖ୍ୟମନ୍ତ୍ରୀ ବିଧାନସଭାରେ ଏହି ମତ ରଖିଥିଲେ। ଲୋକମାନେ ବର୍ତ୍ତମାନେ ଅଧିକ ଶିକ୍ଷିତ ହେଲେଣି। ନିଜର ଜୀବନ ଶୈଳୀ ନେଇ ମଧ୍ୟ ବହୁତ ଯତ୍ନବାନ ଅଛନ୍ତି। ତେବେ ସେମାନେ ମଦ୍ୟପାନ ନେଇ ନିଜେ ନିଷ୍ପତି ନେଇ

ଏନେଇ ବିଧାନସଭାରେ ଅବକାରୀ ସଂଶୋଧନ ବିଲ ୨୦୨୧ପାରିତ ହୋଇଛି। ନିକଟରେ ଦିଲ୍ଲୀ ସରକାର ମଧ୍ୟ ମଦ୍ୟପାନ ପାଇଁ ବୟସ ପାରିବେ ବୋଲି ଅବକାରୀ ସଂଶୋଧନ ବିଲରେ ଉଲ୍ଲେଖ କରାଯାଇଛି। ଏହି ବିଲ ଗତକାଲି ହରିୟାଣା ବିଧାନସଭାରେ ପାରିତ ହୋଇଛି।

# କାନପୁରର ଅତର ବ୍ୟବସାୟୀ ଘରୁ ମିଳିଲା ୧୭୭ କୋଟି

## ୮ ମେସିନ୍‌ରେ ଗଣତି, କଣ୍ଟେନରରେ ଗଲା ଟଙ୍କା

**କାନପୁର(ସଂପର୍କବାର୍ତ୍ତା):-** ପେଶାରେ ଅତର ବ୍ୟବସାୟୀ, ହେଲେ ଧନରେ କୁବେରଠାରୁ ନୁହନ୍ତି। ଏଭଳି ଜଣେ କୋଟିପତି ବ୍ୟବସାୟୀଙ୍କ ଘରେ ହୋଇଛି

**ଆୟକର ବିଭାଗକୁ ବହୁତ ବହୁତ ଧନ୍ୟବାଦ**

ଆୟକର ବିଭାଗର ଚଢାଉ ନୋଟ୍ ଭର୍ତ୍ତି ଆଲମାରୀ ମିଳିବା ପରେ ଆୟକର ବିଭାଗର ଅଧିକାରୀଙ୍କୁ ଟଙ୍କା ଗଣିବାରେ ଲାଗିଯାଇଥିଲା ୨୪ ଘଣ୍ଟା ସମୟ। ଉତ୍ତର ପ୍ରଦେଶର କାନପୁରରେ ରହୁଥିବା ଏହି ଅତର ବ୍ୟବସାୟୀଙ୍କ ଏହି ଅତର ବ୍ୟବସାୟୀଙ୍କ ନାଁ ହେଉଛି ପୀୟୁଷ ଜୈନ। ତାଙ୍କ ଘରେ ଯେତେବେଳେ ଆୟକର ବିଭାଗ ଆୟକର ବିଭାଗ ପକ୍ଷରୁ ଚଢାଉ ହୋଇଥିଲେ ନୋଟ୍ ଭର୍ତ୍ତି ଆଲମାରୀ ଦେଖି ଅଧିକାରୀମାନେ ଚକିତ ହୋଇଯାଇଥିଲେ। ଘରୁ ଏପର୍ଯ୍ୟନ୍ତ ୬ଟି ବାକ୍ସରେ ଟଙ୍କା ଭର୍ତ୍ତି କରି ରଖାଯାଇଛି। ଜବତ ହୋଇଥିବା




ଟଙ୍କା ୧୭୭ କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖନୀୟ ଯେ, କନୌଜାର ଅତର ବ୍ୟବସାୟୀ ପୀୟୁଷ ଜୈନଙ୍କ କାନପୁର ସ୍ଥିତ ଘର ଉପରେ ଡିଜିଜିଆଇ ଓ ଇନକମ୍ ଟାକ୍ସ ଗୁରୁବାର ଚଢାଉ କରିଥିଲେ। ଏହି ସମୟରେ ଆଲମାରୀ ଭିତରୁ ଏତେ ଟଙ୍କା ବାହାରିଥିଲା ଯେ ମେସିନ୍ ଡକାଇବାକୁ ପଡିଥିଲା ଏହି ଚଢାଉରେ ପ୍ରାୟ ୨୪ଘଣ୍ଟା ସମୟ ଲାଗିଥିଲା ଏହି ଚଢାଉ ଅହମ୍ମଦାବାଦର ଡିଜିଜିଆଇ ଅର୍ଥାତ ଜିଏସଟି ଇଣ୍ଟେଲିଜେନ୍ସ ନିର୍ଦ୍ଦେଶାଳୟ ଟିମ୍ ପକ୍ଷରୁ କରାଯାଇଥିଲା ଘରୁ ଏତେ ନୋଟ୍ ବାହାରିଥିଲା ଯେ, ପ୍ରାୟ ୨୪ଘଣ୍ଟା ସମୟ ଲାଗିଯାଇଥିଲା ଏହି ନୋଟ୍ ରଖିବା ପାଇଁ ଆୟକର ବିଭାଗ ଷ୍ଟିଲର ୬ଟି ବଡ ବଡ ବାକ୍ସ ମାଗିଥିଲା ଏହି ବାକ୍ସର ଟିମ୍ ନେଇଯିବ। ଏବେ ଚଢାଉ କାର୍ଯ୍ୟ ଶେଷ ହୋଇ ନାହିଁ। ଉଲ୍ଲେଖନୀୟ ଯେ, ପୀୟୁଷ ଜୈନ କନୌଜର ଇତର ଗଳିରେ ନିଜର ଇତର ବ୍ୟବସାୟ କରୁଥିଲେ। ତାଙ୍କର କନୌଜ, କାନପୁର ସହିତ ମୁମ୍ବାଇରେ ଅଫିସ ଅଛି। ଇନକମ୍ ଏହାର ପ୍ରାୟ ୪୦ରୁ ଅଧିକ ଏଭଳି କମ୍ପାନୀ ରହିଛି, ଯାହା ମାଧ୍ୟମରେ ପୀୟୁଷ ଜୈନ ନିଜର ଅତର କାରବାର ଚଳାଉଥିଲେ। ଆଜି ମଧ୍ୟ କାନପୁରର ଅଧିକାଂଶ ପାନ ମସଲା ୟୁନିଟ୍ ପାନ ମସଲା କମ୍ପର୍କ ରହିଛି। ଏହି ଅତର କମ୍ପାନୀ ଗତମାସର ଲଂଚି ହୋଇଥିବା ବେଳେ ଅଖିଳେଶ ଯାଦବ ମଧ୍ୟ ତାଙ୍କର ମଧ୍ୟ ଯୋଗ ଦେଇଥିଲେ। କମ୍ପାନୀର ପ୍ୟାକ୍ରିଂ ଡିମ୍ପଲ ଯାଦବଙ୍କ ନିର୍ବାଚନୀ ଅଂଚଳ କନୌଜରେ ରହିଛି। ସହ ଆନନ୍ଦପୁରୀ ସ୍ଥିତ ଘରେ ପହଁଚଥିଲା ଟିମ୍ ନିଜ ସାଙ୍ଗରେ ୪ଟି ଟଙ୍କା ଗଣିତ ମେସିନ୍ ନେଇକି ଯାଇଥିଲା ପରେ ଆଉ ୪ଟି ମେସିନ୍ ଲଗାଇ ଟଙ୍କା ଗଣାଯାଇଥିଲା। ପୀୟୁଷଙ୍କର ମୋଟ ୪୦ଟି କମ୍ପାନୀ ରହିଛି, ଯାହା ଭିତରୁ ଦୁଇଟି ସାଉଦି ଆରବରେ ରହିଛି। ଏହି ବଡ ଧରଣର ରେଡ୍ ପରେ ଆୟକର ବିଭାଗକୁ ବିଭିନ୍ନ ମହଲରୁ ବହୁତ ବହୁତ ଧନ୍ୟବାଦ ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି।

## ରାସ୍ତାରେ ଡିଭାଇଡର ଦାବି

# ଜିଲ୍ଲାପାଳଙ୍କୁ ଅଭିଯୋଗ ସତ୍ତ୍ୱେ ଇଞ୍ଜିନିୟର ଶୁଣୁନାହାଁନ୍ତି !

**କଟକ(ସଂପର୍କବାର୍ତ୍ତା):-** କାଳିଆବୁଦାଠାରୁ ନୂଆପଡ଼ା ଛକ ପର୍ଯ୍ୟନ୍ତ ପୁରୁଣା ଜଗନ୍ନାଥ ସଡ଼କକୁ ପ୍ରଶସ୍ତୀକରଣ କରାଯାଇଛି। ଏହି ରାସ୍ତାରେ କାଳିଆବୁଦାଠାରୁ ପୋତାପୋଖରୀସ୍ଥିତ ନେତାଜୀ ଖେଳ ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ମଝିରେ ଡିଭାଇଡର (ବିଭାଜକ) ନିର୍ମାଣ ହୋଇଛି। ସିଏମ୍‌ସି ତରଫରୁ ଆଲୋକୀକରଣ ମଧ୍ୟ କରାଯାଇଛି। ନେତାଜୀ ଖେଳ ପଡ଼ିଆଠାରୁ ସଦର ବ୍ଲକ୍ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ରାସ୍ତାରେ ଡିଭାଇଡର (ବିଜକ) ନିର୍ମାଣ ହୋଇନାହିଁ କି ଆଲୋକୀକରଣ କରାଯାଇନାହିଁ। ରାସ୍ତାରେ 'ଡିଭାଇଡ଼ର' ନଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ପୋତାପୋଖରୀ ପୂଜା ଘର ଓ ସଦର ବ୍ଲକ୍ ସମ୍ମୁଖ ରାସ୍ତାରେ ପ୍ରାୟ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଲକ୍ଷ୍ୟ କରାଯାଉଛି। କାରଣ ଦୂଆବଜାର ଓଭରବ୍ରିଜ୍ (ଉପରସେତୁ)ରୁ ବାଇକ ଚାଳକମାନେ ଦ୍ରୁତ ଗତିରେ ବାଇକ ଯାତାୟାତ କରୁଛନ୍ତି। ଏଥିଯୋଗୁଁ ଉକ୍ତ ଛକରେ ଏହା ମଧ୍ୟରେ ଜଣେ ହୋଟେଲ ବ୍ୟବସାୟୀ ଓ ଜଣେ ଚା'ଦୋକାନୀ ବାଇକ ଧକ୍କାରେ ଆହତ ହୋଇ ଗୋଡ଼ହାତ ଭାଙ୍ଗି ଆଜିକୁ ଦୀର୍ଘ ଦିନ ହେବ ଶଯ୍ୟାଶାୟୀ ଅବସ୍ଥାରେ ଘରେ ପଡ଼ିଛନ୍ତି। ଦୁର୍ଘଟଣା ହ୍ରାସ କରିବାପାଇଁ ନେତାଜୀ ଖେଳ ପଡ଼ିଆଠାରୁ ବ୍ଲକ୍‌ଛକ ପର୍ଯ୍ୟନ୍ତ ରାସ୍ତାରେ 'ଡିଭାଇଡର' ଓ 'ହମ୍ପସ୍' ନିର୍ମାଣ ପାଇଁ ପୋତାପୋଖରୀ ପୂଜା କମିଟିର ସମ୍ପାଦକ ଅଜିତ୍ କୁମାର ରାୟ, ତାପସ ସାମନ୍ତରାୟ ସୁଭୋଦ କୁମାର ମହାନ୍ତି, ଜଗବନ୍ଧୁ ଦାସ ପ୍ରମୁଖ ଦାବି କରିବା ସହ ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ନିବେଦନ କରିଥିଲେ।

# କ୍ରିମିନାଲ୍ ରେକର୍ଡଧାରୀ ପ୍ରାର୍ଥୀ ହେଲେ

## ରାଜନୈତିକ ଦଳ ସମସ୍ତ ତଥ୍ୟ ଗଣମାଧ୍ୟମରେ ପ୍ରକାଶ କରିବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନିର୍ବାଚନ ଅଂଶଗ୍ରହଣ କରୁଥିବା ଅପରାଧିକ ଶ୍ରେଣୀର ବ୍ୟକ୍ତିମାନେ ଆଉ ଖସି ପାରିବେନି ନାହିଁ। କ୍ରିମିନାଲ ଶ୍ରେଣୀର ଯଦି କୌଣସି ନିର୍ବାଚନରେ ପ୍ରାର୍ଥୀ ହୁଏ, ତେବେ ଏନେଇ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ପଡିବ। ରାଜନୈତିକ ଦଳ ପକ୍ଷରୁ ସମ୍ବାଦପତ୍ର ଟେଲିଭିଜନ ଓ ୱେବସାଇଟ ମାଧ୍ୟମ ମତଦାତାଙ୍କୁ ଏନେଇ ଅବଗତ କରାଇବାକୁ ପଡିବ। ଏନେଇ ଦେଶର ମୁଖ୍ୟ ନିର୍ବାଚନ କମିଶନ (ସିଇସି) ସୁଶୀଲ ଚନ୍ଦ୍ରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ବର୍ଷ ପ୍ରାରମ୍ଭରେ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଦେବାକୁ ଥିବାରୁ ନିବାଚନ ଆୟୋଗଙ୍କ ପକ୍ଷରୁ ଏନେଇ ସମସ୍ତ ପ୍ରସ୍ତୁତି ଜାରି ରହିଛି। ଏହି ଅବସରରେ ନିର୍ବାଚଳ କମିଶନଙ୍କ ତରଫରୁ ବିଭିନ୍ନ ରାଜ୍ୟରେ ନିର୍ବାଚନୀ ସମୀକ୍ଷା କରାଯାଉଛି। ଏନେଇ ସିଇସି



ଶ୍ରୀ ଚନ୍ଦ୍ରା ଓ କିମଶନର ରାଜୀବ କୁମାର, ଅନୁପ ଚନ୍ଦ୍ର ଦୁଇ ଦିନିଆ ଗୋଆ ଗସ୍ତରେ ଯୋଆ ଗସ୍ତରେ ଯାଇଛନ୍ତି। ସିଇସି ଶ୍ରୀ ଚନ୍ଦ୍ରା କହିଛନ୍ତି ଯେ , ପ୍ରାର୍ଥୀଙ୍କ ବିଷୟରେ ସବିଶେଷ ମତଦାତାଙ୍କୁ ଜଣାଇବା ନିହାତି ଜରୁରୀ। ଏନେଇ ପାର୍ଟିମାନଙ୍କ ତରଫରୁ ବିଭିନ୍ନ ଗଣମାଧ୍ୟମରେ ସମସ୍ତ ବିବରଣୀ ପ୍ରଦାନ କରିବାକୁ ପଡିବ। ଏଥିସହ ମତାଦାତାମାନେ ଜଣେ ସଚ୍ଚ ଚେହେରା ବ୍ୟକ୍ତି ଅପେକ୍ଷା ଅପରାଧିକ ରେକର୍ଡ ଥିବା ବ୍ୟକ୍ତିକୁ କାହିଁକି ନେତା ଭାବେ ବାଛିବେ, ତାହା ସ୍ପଷ୍ଟ କରିବାକୁ ପଡିବ। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟଗୁଡିକର ସୀମାନ୍ତ ଅଂଚଳରେ ଦୃଷ୍ଟି ରଖାଯିବ। ଏଥିସହ ଯଦି କୌଣସି ଟ୍ରାଞ୍ଜାକସନ ସନ୍ଦେହ ଘେରକୁ ଆସେ ସଙ୍ଗେ ସଙ୍ଗେ ଜଣାଇବାକୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

# ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କର ପରିଦର୍ଶନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶକ୍ତି, ଶିଳ୍ପ, ଏମ୍ଏସ୍ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍ଟେନ୍ ଦିବ୍ୟଶଙ୍କର ମିଶ୍ର ଚନ୍ଦକାସ୍ଥିତ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମର ତାଲିମ କେନ୍ଦ୍ର ପରିଦର୍ଶନ କରିଛନ୍ତି। ସେ ସେଠାକୁ ଯାଇ ତାଲିମ କେନ୍ଦ୍ରରେ ଥିବା ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥାଗୁଡିକ କିପରି ସଂଚାଳିତ ହେଉଛି ବୁଲି ଦେଖିଥିଲେ। ଶକ୍ତି ବିଭାଗର ନିରାପତ୍ତା, କାର୍ଯ୍ୟାଳୟ ସଂଚାଳନ, ଶକ୍ତି ସମ୍ବନ୍ଧୀୟ ଆୟବ୍ୟୟ ପରିଚାଳନା ଭଳି ଅନେକ ବିଷୟ ସହିତ ବିଦ୍ୟୁତ୍ ସରବରାହ ଉପରେ ଉନ୍ନତ ଧରଣର ଉଭୟ ଥିଓରି ଓ ପ୍ରାକ୍ଟିସ୍ ଉପରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏଥି ସହିତ ଶକ୍ତି ସଂଚାରଣ ନିମନ୍ତେ ଆବଶ୍ୟକ ହେଉଥିବା ସମସ୍ତ ଯନ୍ତ୍ରାଂଶ କାର୍ଯ୍ୟକାରିତା, ତା'ର ରକ୍ଷଣାବେକ୍ଷଣ ସହିତ ତାକୁ କିପରି ଉପଯୋଗ କରାଯାଏ ସେ ସଂପର୍କରେ ଏଠାରେ ତାଲିମ ପ୍ରଦାନ କରାଯାଇଥାଏ। ଏଠାରେ ସଂପ୍ରତି ୬୦ଜଣ କର୍ମଚାରୀ କାର୍ଯ୍ୟାଳୟ ପରିଚାଳନା ଉପରେ ତାଲିମ ନେଉଥିବା ଜଣାପଡିଛି। ପରେ ତାଲିମ କେନ୍ଦ୍ର ଯାଇ ସେଠାରେ ମନ୍ତ୍ରୀ କ୍ୟାପ୍ଟେନ୍ ମିଶ୍ର କର୍ମଚାରୀମାନଙ୍କୁ ସମୟ ସହିତ ତାଳଦେଇ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ତାକୁ ଜନସେବାରେ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟକୁ ପରିବର୍ତ୍ତନ କରିବା ପରିବର୍ତ୍ତେ ନିଜକୁ ପରିବର୍ତ୍ତନ କରିବାର କଳା ଶିଖିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଥିଲେ। ମନ୍ତ୍ରୀ ତାଲିମ କେନ୍ଦ୍ରର ଭୋଜନାଳୟରେ ଅନ୍ୟମାନଙ୍କ ସହ ମିଶି ମଧାହ୍ନ ଭୋଜନ କରିଥିଲେ। ତାଲିମ କେନ୍ଦ୍ରର କାର୍ଯ୍ୟକ୍ରମ ବୁଲି ଦେଖିବା ପରେ ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରି ଏହି କେନ୍ଦ୍ରକୁ ଆହୁରି ପ୍ରଭାବି ଭାବେ ସଂଚାଳନ କରିବାକୁ ପରାମର୍ଶ ଦେଇଥିଲେ। ତାଙ୍କର ଏହି ପରିଦର୍ଶନ ସମୟରେ ମୁଖ୍ୟ ସାଧାରଣ ପରିଚାଳକ(ଏଚ୍.ଆର୍.ଡି) ଓପିଟିସିଏଲ୍, ଡ. ସି.ଏସ୍. ପ୍ରଧାନ ଏବଂ ଡେପୁଟି ଜେନେରାଲ୍ ମ୍ୟାନେଜର(ଏଚ୍‌ଆର୍‌ଡି) ପିଟିସି ଡ. ମଧୁମିତା ସ୍ୱାଇଁଙ୍କ ସମେତ ସମସ୍ତ ତାଲିମଦାତା ଉପସ୍ଥିତ ଥିଲେ।



# ପୋଲିସ୍ ବିରୁଦ୍ଧରେ ଢିଙ୍କିଆବାସୀଙ୍କ ଷଡଯନ୍ତ୍ର

**ଏରସମା(ସଂପର୍କବାର୍ତ୍ତା):-** ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ଗଡ ଢିଙ୍କିଆ ଅଂଚଳରେ ଜେଏସଡବ୍ଲୁ ପ୍ରକଳ୍ପକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ତେବେ ପ୍ରଶାସନ ଓ କଂପାନୀ ପକ୍ଷରୁ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ପରେ ବିପକ୍ଷବାଦୀମାନେ ଆନ୍ଦୋଳନ ଚଳାଇବା ସହିତ ଅନେକ ସମୟରେ ପୁଲିସ ଓ ପ୍ରଶାସନ ସହ ସେମାନେ ମୁହାଁମୁହିଁ ହେଉଥିବା ଦେଖାଯାଇଛି। ଏହି ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ଆନ୍ଦୋଳନକାରୀଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଥିବା ବେଳେ ସେମାନେ ଗିରଫ ହେବାର ସମ୍ଭାବନା ରହିଛି। ତେଣୁ ଢିଙ୍କିଆ ଗ୍ରାମବାସୀଙ୍କ ପକ୍ଷରୁ ପୁଲିସର ରାତିଅଧିଆ ଗିରଫକୁ ଏଡାଇବା ପାଇଁ ଗ୍ରାମର ସୀମାରେ ଥିବା ବିଭିନ୍ନ ରାସ୍ତାକୁ କାଟି ଦେଇଥିବା ଦେଖିବାକୁ ମିଳିଛି। ଏ ସଂପର୍କରେ ପ୍ରକଳ୍ପ ବିପକ୍ଷବାଦୀଙ୍କ କହିବା କଥା ହେଲା , ନିକଟରେ ପୁଲିସ ରାତିଅଧିଆ ଗ୍ରାମକୁ ପଶି ପ୍ରକଳ୍ପକୁ ବିରୋଧ କରୁଥିବା ଲୋକଙ୍କୁ ଗିରଫ ପାଇଁ ଉଦ୍ୟମ କରିଥିଲା। ତେବେ ଗ୍ରାମବାସୀମାନେ ଏହାକୁ ବିରୋଧ କରିବା ପରେ ପୁଲିସ ଫେରିଯାଇଥିଲା। ସେହିପରି ଦିନ ଦ୍ୱିପ୍ରହରେ ଲୋକମାନେ ମହାଳ ଗ୍ରାମର ସୀମା ନିର୍ଦ୍ଧାରଣ ସ୍ଥଳକୁ ଯାଇଥିବା ବେଳେ ପୁଲିସ ଗ୍ରାମରେ ପଶିଦମନଲିଳା ଚଳାଇବା ସହିତ ପ୍ରକଳ୍ପ ବିରୋଧି ନେତା ଦେବେନ୍ଦ୍ର ସ୍ୱାଇଁଙ୍କ ଦାଦା ଓ ଭଉଣୀଙ୍କୁ ଗିରଫ କରିଥିଲା। ସେହିପରି ସେଦିନ ମାହାଳ ଗ୍ରାମର ସୀମା ଚିହ୍ନଟକୁ ବିରୋଧ କରିବାରୁ ୩ଶହ ଲୋକଙ୍କ ନାମରେ ମକଦ୍ଦମା ରୁଜୁ କରାଯାଇଛି। ତେଣୁ ଯେକୌଣସି ସମୟରେ ପୁଲିସ ଢିଙ୍କିଆ ଗ୍ରାମରେ ଅଚାନକ ପ୍ରବେଶ କରି ଲୋକଙ୍କୁ ଗିରଫ ପାଇଁ ଉଦ୍ୟମ କରିବାର ସମ୍ଭାବନା ରହିଥିବାରୁ ଗ୍ରାମର ସୀମା ରାସ୍ତାକୁ ଗ୍ରାମବାସୀମାନେ ଖୋଳି ଦେଇଥିବା ସ୍ୱିକାର କରିଛନ୍ତି।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera